R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୮
ତିଥି : ଦଶମୀ
୦୫ ଜୁନ୍ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 238
05 June 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଆଇପିଏଲ୍ ବିଜେତା ଆର୍‌ସିବିକୁ ସମ୍ବର୍ଦ୍ଧନା ଦେବାବେଳେ ଅଘଟଣ

# ଦଳାଚକଟାରେ ୧୧ ମୃତ, ୪୭ ଆହତ

ବେଙ୍ଗାଲୁରୁ,୪।୬ (ଏଜେନ୍ସି): ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଟ୍ରଫି ବିଜେତା । ଆର୍‌ସିବି ଲାଗି ଆୟୋଜିତ ବିଜୟ ଉତ୍ସବରେ ଅଘଟଣ ଘଟିଛି। ଆଶା ଠାରୁ ଅଧିକ ଭିଡ଼ ହେବାରୁ ଦଳ ଚକଟାରେ ପ୍ରାୟ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି। ତେବେ ଅଘଟଣ ସତ୍ତ୍ୱେ ଆର୍‌ସିବି ଟିମ୍‌କୁ ସମ୍ବର୍ଦ୍ଧନା ଉତ୍ସବ ଜାରି ରହିଥିବାରୁ



- ଲକ୍ଷାଧିକ ଲୋକଙ୍କ ସମାଗମ ଯୋଗୁ ଘଟିଲା ଅଘଟଣ
- କର୍ଣ୍ଣାଟକବାସୀଙ୍କୁ କ୍ଷମା ମାଗିଲେ ଶିବକୁମାର
- କଂଗ୍ରେସ ସରକାରକୁ ବିଜେପିର ଟାର୍ଗେଟ
- ତଦନ୍ତ ନିର୍ଦ୍ଦେଶ ସହ ୧୦ ଲକ୍ଷ ସହାୟତା ଘୋଷଣା

ସମାଲୋଚନା ହୋଇଛି ।

ବିଜୟ ଶୋଭାଯାତ୍ରାରେ ସାମିଲ ହେବାକୁ ଅପେକ୍ଷା କରିଥିବା ଛୋଟ ପିଲା ଅଣନିସ୍ୱାସ ହୋଇ ଅଚେତ ହୋଇପଡିଥିବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ନୂଆଦିଲ୍ଲୀ, ୪।୬ : ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୋସିଆଲମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଏହା ବାସ୍ତବିକ ହୃଦୟ ବିଦାରକ। ଏହି ଦୁଃଖଦ ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ମୋର ଭାବନା ସେମାନଙ୍କ ସହ ରହିଛି। ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କର ତୁରନ୍ତ ଆରୋଗ୍ୟ ଲାଗି କାମନା କରୁଛି।

### ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଅଭାବନୀୟ ଘଟଣା

# ଭୁଲ୍ ଇଞ୍ଜେକସନ୍‌ରୁ ଚାଲିଗଲା ୫ ଜୀବନ

କୋରାପୁଟ, ୪।୬ (ସବ୍ୟୁ): କୋରାପୁଟର ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଭୁଲ୍ ଇଞ୍ଜେକସନ୍ ଦିଆଯିବାରୁ ଚାଲିଗଲା ୫ ରୋଗୀଙ୍କ ଜୀବନ । ଆଇସିୟୁରେ ଚିକିତ୍ସିତ ୩ ୱାର୍ଡରେ ଥିବା ୨ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ । ମୃତକଙ୍କ ମଧ୍ୟରେ ଅଛନ୍ତି ୨ ମହିଳା ଓ ୩ ପୁରୁଷ । ଜଣେ ରୋଗୀ ସମ୍ପର୍କୀୟଙ୍କ କହିବା ଅନୁସାରେ ତାଙ୍କ ରୋଗୀ ଜଣଙ୍କ ଭଲ ଥିବାବେଳେ ଖାଇବା ପିଇବା କରୁଥିଲେ । କିନ୍ତୁ ନର୍ସ ଆସି ଇଞ୍ଜେକସନ୍ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା, ତା ପରେ ମୃତ୍ୟୁ ହୋଇଥିଲା । ଅନ୍ୟ ୪ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ସମାନ ଅଭିଯୋଗ କରିଛନ୍ତି ।ତେବେ ଏନେଇ ମେଡିକାଲ୍ କର୍ତ୍ତୃପକ୍ଷ ପ୍ରତିକ୍ରୀୟା ଦେଇନାହାଁନ୍ତି । ଏହି ଘଟଣାକୁ ନେଇ ମେଡିକାଲ୍ କଲେଜରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା ।

## ତଦନ୍ତ ଲାଗି କମିଟି

କୋରାପୁଟ ମେଡିକାଲ କଲେଜରେ ଆଇସିୟୁରେ ରୋଗୀଙ୍କ ମୃତ୍ୟୁ ଘଟଣାର ଅଭିଯୋଗ ପରେ ତଦନ୍ତ ଲାଗି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ କମିଟି ଗଠନ କରିଛି । ଏସସିବି, ଏମ୍‌କେସିଜିର ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯାଇଛି । ଉକ୍ତ କମିଟି ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୁଇ ଦିନ ମଧ୍ୟରେ ରିପୋର୍ଟ ଦେବେ। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ମିଳଛି ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି । ସେପଟେ ଭୁଲ ଇଞ୍ଜେକସନ୍ ଯୋଗୁଁ ରୋଗୀ ମୃତ୍ୟୁ ଘଟଣାକୁ ଖଣ୍ଡନ କରିଛନ୍ତି ଡିନ୍ । ଚିକିତ୍ସା କ୍ଷେତ୍ରରେ ପର୍ବରୁ ଅନେକ ଅଭିଯୋଗ ଆସିଛି ସହିଦ ଲକ୍ଷ୍ମଣ ନାୟକ ହସ୍ପିଟାଲ ନାଁରେ । କେତେବେଳେ ଡକଟର ଅଭାବ ତ, ଆଉ କେତେବେଳେ ଚିକିତ୍ସାରେ ଅବହେଳା ପାଇଁ ରୋଗୀ ହନ୍ତସନ୍ତ ହୋଇଛନ୍ତି । ଏବେ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ପାଇଁ ଆଉ ଏକ ବଦନାମ ମୁଣ୍ଡାଇଛି ।

ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ୱାର୍ଡରେ ଗତକାଲି ରାତିରେ ଅଳ୍ପ ସମୟ ମଧ୍ୟରେ ୫ ଜଣ ରୋଗୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ବଢ଼ିଛି ଅସନ୍ତୋଷ । ସୂଚନା ଅନୁଯାୟୀ କୋରାପୁଟ, ବୋରିଗୁମ୍ମା, କଳାହାଣ୍ଡି, ସେମିଳିଗୁଡା, ମାଛରା ଭଳି ବିଭିନ୍ନ ଅଞ୍ଚଳରୁ ଅନେକ ଗୁରୁତର ରୋଗୀ ହସ୍ପିଟାଲର ଆଇସିୟୁ ଏବଂ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିଲେ । ହଠାତ୍ ମଙ୍ଗଳବାର ରାତି ୧୧ ରୁ ପ୍ରାୟ ଅଧଘଣ୍ଟା ମଧ୍ୟରେ (୯ ପୃଷ୍ଠାରେ)

## କୁଳପତି ନିଯୁକ୍ତି ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୪।୬ (ସବ୍ୟୁ) : ରାଜ୍ୟର ୧୩ ସରକାର ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆବେଦନକାରୀଙ୍କ ବୟସ ୨୦୨୫ ଡିସେମ୍ବର ପହିଲା ସୁଦ୍ଧା ୬୬ ବର୍ଷରୁ କମ୍ ହୋଇଥିବ ଓ ୧୯୫୯ ଡିସେମ୍ବର ୨ ପରେ ସେମାନେ ଜନ୍ମଗ୍ରହଣ କରିଥିବେ। ସମ୍ପୃକ୍ତ ଆବେଦନକାରୀଙ୍କର ଏକାଡେମିକ ଓ ପ୍ରଶାସନିକ ଦକ୍ଷତା ସର୍ବନିମ୍ନ ୧୦ ରହିଥିବ ଓ ୧୦ ବର୍ଷ ଧରି କୌଣସି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବେ। କୁଳପତିଙ୍କ ଦରମା ୨ ଲକ୍ଷ ୧୦ ହଜାର ଟଙ୍କା (୯ ପୃଷ୍ଠାରେ)

## ୫ ଟନରୁ ମିଳିଛି ୩.୮ ଟନ୍ ବିସ୍ଫୋରକ : ଡିଜିପି

ସୁନ୍ଦରଗଡ଼, ୪।୬ (ସବ୍ୟୁ): ହାଇଦ୍ରାବାଦରୁ ଆସିଥିବା ବିସ୍ଫୋରକ ସାମଗ୍ରୀ ସହ ସାମ୍ନାକୁ ଆସିଲା ନୂଆ ନାଁ । ନିକିତା ଅଗ୍ରୱାଲଙ୍କ ନାଁରେ ବାରୁଦ ଆସିଥିବା ଟେମ୍ପରାରି ପରମିଟରେ ଉଲ୍ଲେଖ ରହିଛି । ଶ୍ରବଣ ଅଗ୍ରୱାଲ ବାରୁଦ ଗୋଦାମରୁ ନୂଆ ମୋଡ଼

### ଯୋଡ଼ି ହେଲାଣି ନିକିତା ଅଗ୍ରୱାଲଙ୍କ ନାମ

ଆସିଛି । ଏ ଘଟଣାରେ ଏବେ ନିକିତା ଅଗ୍ରୱାଲଙ୍କ ନାଁ ସାମ୍ନାକୁ ଆସିଛି । ଏହି ନିକିତା ଅଗ୍ରୱାଲ କିଏ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବୁଧବାରପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଯେ, ଏଯାଏ ଲୁଟ୍ ୫ ଟନ୍ ବିସ୍ଫୋରକରୁ ୩.୮ ଟନ୍ ଜବତ ହୋଇଛି ।

ହାଇଦ୍ରାବାଦରୁ ମଙ୍ଗଳବାର ଆହୁରି ୧୫ ଟନ୍ ବାରୁଦ ଓ ୩ ଲକ୍ଷ ମିଟର ବିସ୍ଫୋରକରେ ବ୍ୟବହୃତ ତାର ଆସିଲା ପରେ ଖୋଲିଲା ଗୁମର । ହାଇଦ୍ରାବାଦରୁ ଆସିଥିବା ବାରୁଦ ଓ ବିସ୍ଫୋରକ ସାମଗ୍ରୀର ଅସ୍ଥାୟୀ ପରମିଟ୍ ଗଣମାଧ୍ୟମ ହାତରେ ଲାଗିଛି । ଗିରଫ ଗୋଦାମ ମାଲିକ ଶ୍ରବଣଙ୍କ ନାଁରେ ଅଧା ବାରୁଦ ଆସିଥିବା ବେଳେ ଆଉ ଅଧା ବାରୁଦ ଆସିଛି ନିକିତା ଏଣ୍ଟରପ୍ରାଇଜେସ୍ ମାଲିକ ନିକିତା ଅଗ୍ରୱାଲଙ୍କ ନାଁରେ । ବାରୁଦ ଓ ବିସ୍ଫୋରକ ବ୍ୟବହୃତ ତାର ମଧ୍ୟ ଉଭୟଙ୍କ ନାଁରେ ଆସିଛି। ପୁଲିସ କାହିଁକି ନିକିତାଙ୍କୁ (୯ ପୃଷ୍ଠାରେ)

### ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

# ରାଜ୍ୟରେ ରହିବେନି ଭୂମିହୀନ

ଭୁବନେଶ୍ୱର, ୪।୬ (ସବ୍ୟୁ) : ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ । ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ ।

- ଦୁର୍ନୀତିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନି
- ଜନସେବାରେ ସମର୍ପଣ ଆପଣଙ୍କ ମାନଦଣ୍ଡ

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ। ଓଡିଶାରେ କେହିବି ଭୂମିହିନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି



ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର । ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା "ଦାନାଦଦର ସଫଳ ମୁକାବିଲା କରାଯାଇଛି । 'ଜିରୋ କାଜୁଆଲ୍ଟି ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ (୯ ପୃଷ୍ଠାରେ)

# ମାର୍ଚ୍ଚ ୨୦୨୭ ରୁ ଦେଶବ୍ୟାପୀ ଜନଗଣନା

ନୂଆଦିଲ୍ଲୀ, ୪।୬ : କେନ୍ଦ୍ର ସରକାର ଜାତୀୟ ସ୍ତରରେ ଜନଗଣନା ୨୦୨୭ ମାର୍ଚ୍ଚ ପହିଲାରୁ ଆରମ୍ଭ କରିବେ। ଏହା ଦୁଇ ପର୍ଯ୍ୟାୟରେ ହେବ ବୋଲି ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ପ୍ରଥମ ଥର ପାଇଁ ଜାତିଗତ ଜନଗଣନା କରାଯିବ।

ବିଜ୍ଞପ୍ତି ଅନୁଯାୟୀ ଦୁଇ ପର୍ଯ୍ୟାୟରେ ଜନଗଣନା ହେବ ଓ ୨୦୨୭ ମାର୍ଚ୍ଚ ପହିଲାକୁ ଏହାର ସ୍ଥିରୀକୃତ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ପାର୍ବତ୍ୟାଞ୍ଚଳ ଓ ବରଫ ପଡୁଥିବା ଅଞ୍ଚଳ ଗୁଡ଼ିକରେ ଆଗୁଆ ଜନଗଣନା କରାଯିବ। ୨୦୨୬ ଅକ୍ଟୋବର ପହିଲାରୁ ଏହା ଆରମ୍ଭ ହେବ।୨୦୨୭ ଜନଗଣନା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଜନଗଣନା ପ୍ରକ୍ରିୟାରେ



ପ୍ରଥମ ଥର ଲାଗି ଜାତିକୁ ସାମିଲ କରାଯାଉଛି। ବିଭିନ୍ନ ବିରୋଧୀ ରାଜନୈତିକ ଦଳର ଦୀର୍ଘ ଦିନର ଦାବି ପରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ନୀତି ନିର୍ଦ୍ଧାରଣ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ସଠିକ୍ ଭାବେ ହୋଇପାରିବ। ୨୦୧୧ରେ ଶେଷ ଥର ପାଇଁ ଜନଗଣନା ହୋଇଥିଲା। ୨୦୧୦ରେ ଘର ଗୁଡ଼ିକର ତାଲିକା କରାଯାଇ ଚୂଡାନ୍ତ ତାଲିକା ୨୦୧୧ରେ ପ୍ରକାଶ ପାଇଥିଲା। ତଦନୁଯାୟୀ ଭାରତର ଜନସଂଖ୍ୟା ୧୨୧ କୋଟି ଥିଲା ଓ ଅଭିବୃଦ୍ଧି ହାର ୧୭.୭% ଥିଲା। ତେବେ କୋଭିଡ ଯୋଗୁ ଜନଗଣନା ହୋଇପାରିନଥିଲା। ଫଳରେ ଏହା ୨୦୨୧ରୁ ଏବେ ୨୦୨୭ ଯାଏ ଘୁଞ୍ଚି ଯାଇଛି। ଜନଗଣନା ପରେ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ହୋଇପାରେ ବୋଲି ଆଶା କରାଯାଉଛି। ସିଧା ସିଧା କହିବାକୁ ଗଲେ ସମ୍ପୂର୍ଣ୍ଣ ଜନସଂଖ୍ୟା ତଥ୍ୟକୁ ନେଇ ଲୋକସଭା ଓ ବିଧାନସଭା ଆସନର ସୀମା ପୁଣି ନିର୍ଦ୍ଧାରଣ ହେବ ଓ ଏହା ବଢ଼ିବ। ପ୍ରତି ଜନଗଣନା ପରେ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ଏହା କରାଯାଇଥାଏ। ୧୯୩୬ରେ ଆସନଗୁଡ଼ିକର ପୁନଃ ଆବଣ୍ଟନ କରାଯାଇଥିଲା। ଏହାପରେ ସରକାର ଜନସଂଖ୍ୟା ନିୟନ୍ତ୍ରଣ ଲାଗି ପଦକ୍ଷେପ ନେଇଥିଲେ। ଅଧିକାଂଶ ରାଜ୍ୟ ଜନ୍ମ ହାରକୁ କମାଇଥିଲେ। ବିଶେଷକରି ଉତ୍ତର ଭାରତ ରାଜ୍ୟଗୁଡ଼ିକ ଏଥିରେ ବେଶ୍ ସଫଳତା ପାଇଥିଲେ। ୧୯୭୧ ଜନଗଣନା ଅନୁଯାୟୀ ଲୋକସଭା ଆସନ ୫୪୩ ରହିଛି। ତେବେ ସୀମା ପୁନଃ ନିର୍ଦ୍ଧାରଣ ହେଲେ ଏହା ୮୪୮କୁ ବଢ଼ିବ ବୋଲି ଆଶା କରାଯାଉଛି। ଜନସଂଖ୍ୟା ଆଧାରରେ ପୁନଃ ନିର୍ଦ୍ଧାରଣ କରାଯାଇ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ପ୍ରାୟ ୩୧ରୁ ଅଧିକ ଆସନ ପାଇବେ। ସେହିଭଳି ତାମିଲନାଡୁ, କେରଳ, ଆନ୍ଧ୍ର ୨୬ ଆସନ ହରାଇ ପାରନ୍ତି। ଏହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିରୋଧ କରୁଛନ୍ତି। ତେଲେଙ୍ଗାନାର ଭାରତୀୟ ଜନସଂଖ୍ୟାର ୨.୮% ଥିବାବେଳେ ଜାତୀୟ ଜିଡିପିକୁ ଏହାର ଅବଦାନ ୫.୨% ରହିଛି।

# କାଳବୈଶାଖୀ ରଚିଲା ତାଣ୍ଡବ



ଭୁବନେଶ୍ୱର, ୪।୬ (ସବ୍ୟୁ) : ରାଜ୍ୟର କାଳବୈଶାଖୀ ତାଣ୍ଡବ ରଚିଛି । ସକାଳେ ପ୍ରବଳ ଗୁଳୁଗୁଳି ଓ ଗରମ କଲବଲ କରିଥିବାବେଳେ ଅପରାହ୍ନରେ ବର୍ଷା ଦେଇଛି ଆଶ୍ୱସ୍ତି । ତାତିରୁ ତ୍ରାହି ମିଳିଛି । ଖୋର୍ଦ୍ଧା ଜିଲ୍ଲା ସମେତ ପୁରୀ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ କେନ୍ଦ୍ରାପଡ଼ାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି । ଝଡ଼ ତୋଫାନରେ କେତେକ ସ୍ଥାନରେ ଗଛ ଉପୁଡ଼ିବା ସହ ଘରର ଛପର ଉଡ଼ିଯାଇଛି । ଏପରିକି ତଳିଆ ଅଞ୍ଚଳରେ ଜଳମଗ୍ନ ହେବା ସହ ଟ୍ରାଫିକ୍ ସମସ୍ୟା ଉପୁଜିଛି ।

ପାଣିପାଗ ବିଭାଗର କହିବା ଅନୁଯାୟୀ, ଆଜି (ବୁଧବାର) ଦିନତମାମ ଗୁଳୁଗୁଳି କଲବଲ କରିଥିଲା । ଅପରାହ୍ନ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ଜୋର୍‌ରେ ପବନ ବହିବା ସହ ଭୟଙ୍କର ବଜ୍ରପାତ ହୋଇଥିଲା । ଭୁବନେଶ୍ୱରରେ ପବନର ବେଗ ଘଣ୍ଟା ପ୍ରତି ୬୭ କିମି ରହିଥିଲା । ଭୁବନେଶ୍ୱରରେ ଆଜି ସାଢ଼େ ୨ଟା ସମୟରେ ତାପମାତ୍ରା ୩୮.୬ ଡିଗ୍ରୀ ଥିବାବେଳେ ବର୍ଷା ପରେ ଅର୍ଥାତ ସାଢ଼େ ୫ଟା ବେଳକୁ ତାପମାତ୍ରା ହଠାତ ୧୪ ଡିଗ୍ରୀ ତଳକୁ ଖସିଆସିଥିଲା । ଏହି ସମୟରେ ତାପମାତ୍ରା ୨୬.୬ ଡିଗ୍ରୀ ରେକର୍ଡ଼ ହୋଇଥିଲା ।

ବୁଧବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ସଢ଼େ ୫ଟା ସୁଦ୍ଧା ଭୁବନେଶ୍ୱରରେ ସର୍ବାଧିକ ୪୩.୮ ମିମି ବର୍ଷା ହୋଇଥିବା (୯ ପୃଷ୍ଠାରେ)



## ବିଶ୍ୱ ପରିବେଶ ଦିବସ

ପ୍ରତିମାସ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ୧୯୭୩ ମସିହାରୁ ଦୀର୍ଘ ୪୯ ବର୍ଷ ଧରି ଏହି ଦିବସ ପାଳିତ ହେଉଛି । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରତି ସକରାତ୍ମକ ଜନଜାଗ୍ରତତା ସୃଷ୍ଟି କରିବା ଏବଂ ପରିବେଶର ସୁରକ୍ଷା କରିବା । ୧୯୭୩ ମସିହାରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ସାମୁଦ୍ରିକ ପ୍ରଦୂଷଣ, ଅଧିକ ଜନସଂଖ୍ୟା, ଗ୍ଲୋବାଲ୍ ୱାର୍ମିଂ, ସ୍ଥାୟୀ ବିକାଶ ଏବଂ ବନ୍ୟଜନ୍ତୁ ଅପରାଧ ଭଳି ପରିବେଶ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହା ଏକ ପ୍ଲାଟ୍‌ଫର୍ମ ରୂପେ କାର୍ଯ୍ୟ କରୁଛି । ଏହି ପ୍ଲାଟ୍‌ଫର୍ମକୁ ସମର୍ଥନ ଜଣାଇ ପ୍ରତିବର୍ଷ ୧୪୩ଟି ଦେଶ ଏହି ଦିବସକୁ ପାଳନ କରୁଛନ୍ତି । ଯୁକ୍ତରାଷ୍ଟ୍ରସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଦିବସ ପାଳନ କରାଯାଉଛି । ଏହାକୁ ବହୁ ବେସରକାରୀ ଅନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ, ସରକାରୀ ସଂସ୍ଥାଗୁଡିକ ପକ୍ଷରୁ ସମର୍ଥନ ମିଳିଛି । ମାନବ ପରିବେଶକୁ ନେଇ ୧୯୭୨ ମସିହା ଜୁନ୍ ୫ ତାରିଖରୁ ଯୁକ୍ତରାଷ୍ଟ୍ରସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଯୁକ୍ତରାଷ୍ଟ୍ରସଂଘର ଆସେମ୍ବ୍ଲି ଦ୍ୱାରା ୧୯୭୨ ମସିହାରେ ଏହି ଦିବସକୁ ପ୍ରତିଷ୍ଠା କରାଯାଇଥିଲା । ଏହାର ଠିକ୍ ବର୍ଷେ ପରେ ୧୯୭୩ ମସିହାରେ କେବଳ ଗୋଟିଏ ପୃଥିବୀ ଶୀର୍ଷକ ଥିମ୍ ଉପରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳିତ ହେଲା ।

## ଇତିହାସ

୧୬୫୯– ମୋଗଲ ଶାସକ ଔରଙ୍ଗଜେବ ଅଧିକାରିକ ସ୍ତରରେ ଦିଲ୍ଲୀ ରାଜସିଂହାସନ ଉପରେ ବିରାଜମାନ ହେଲେ ।

୧୯୫୩– ଡେନ୍‌ମାର୍କରେ ନୂତନ ସମ୍ବିଧାନ ଲାଗୁ ହୋଇଥିଲା ।

୧୯୬୭– ଇସରାଇଲ୍ ମିସ୍ର ଉପରେ ଆକ୍ରମଣ କରି ଏହାର ପ୍ରାୟ ୪୦୦ ଯୁଦ୍ଧ ବିମାନ ନଷ୍ଟ କରିଥିଲା ।

୧୯୬୮– ଆମେରିକାର ଲସ୍ ଆଞ୍ଜେଲ୍‌ସର ଏକ ହୋଟେଲ୍‌ରେ ଲୋକପ୍ରିୟ ଆମେରିକୀୟ ସାଂସଦ ରବର୍ଟ କେନେଡିଙ୍କ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀଙ୍କୁ ତତ୍କାଳ ଧରିନିଆଯାଇଥିଲା ଏବଂ ଆଜୀବନ କାରାବାସ ଦଣ୍ଡ ଶୁଣାଯାଇଥିଲା ।

୧୯୭୨– ଭାରତୀୟ ରାଜନୀତିଜ୍ଞ ଯୋଗୀ ଆଦିତ୍ୟନାଥଙ୍କ ଜନ୍ମ ।

୧୯୮୪– ପଞ୍ଜାବର ଅମୃତସରରେ ଶିଖ୍ ଧାର୍ମିକସ୍ଥଳୀ ସ୍ୱର୍ଣ୍ଣ ମନ୍ଦିରରେ ଭାରତୀୟ ସେନା ବ୍ଲୁ–ଷ୍ଟାର୍ ଅପରେଶନ୍ କରିଥିଲେ ।

୧୯୮୮– ପ୍ରଥମ ରାଷ୍ଟ୍ରୀୟ କ୍ୟାନ୍‌ସର ଉତ୍ତରଜୀବୀ ଦିବସ ଆୟୋଜିତ ହୋଇଥିଲା ।

୨୦୦୦– ପ୍ରଥମ କ୍ଷୁଦ୍ର ଫିଲ୍ମ ୪୦୫ ଦି ମୁଭିକୁ ଇଣ୍ଟରନେଟ୍‌ରେ ଜାରି କରାଯାଇଥିଲା ।

୨୦୧୩– ନୱାଜ୍ ଶରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।

୨୦୧୩– ବିହାରରେ ଘଡଘଡି ସହ ବର୍ଷାରେ ୪୪ ଜଣ ମୃତ୍ୟୁବରଣ କରିଥିଲେ ।

## ଆତ୍ମସମୀକ୍ଷା ଜରୁରୀ

ଅନେକ ସମୟରେ ଲୋକମାନେ ନିଜକୁ ସମୀକ୍ଷା କରିବାକୁ ଭୁଲି ଯାଆନ୍ତି । ହେଲେ ଜୀବନରେ ସୁଖ ଓ ଶାନ୍ତିରେ ରହିବାକୁ ହେଲେ ଆତ୍ମ ସମୀକ୍ଷାର ଆବଶ୍ୟକତା ରହିଛି । ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ଦିନରେ ଯାହା କରନ୍ତି ସେ ନେଇ ନଭାବି ରାତିରେ ଶୋଇ ଯାଆନ୍ତି । ସେମାନେ କେବେ ବି ଭାବନ୍ତି ନାହିଁ କି ସେମାନେ ଆଜି କଣ ଭୁଲ କଲେ ଏବଂ ଏହାକୁ ଠିକ୍ କିପରି କରାଯାଇ ପାରିବ । ତେବେ କିଛି ଲୋକ ଏଭଳି ଥାଆନ୍ତି କି ସେମାନେ ଜାଣି ହିଁ ପାରନ୍ତି ନାହିଁ କି ସେମାନେ ଭୁଲ କରୁଛନ୍ତି କି ନାହିଁ । ତେବେ ଏସବୁ ସମସ୍ୟା ଏକ ମାତ୍ର ସମାଧାନ ଆତ୍ମ ସମୀକ୍ଷା । ତେଣୁ ସବୁଦିନ ଆତ୍ମ ସମୀକ୍ଷା କରିବାକୁ ଚେଷ୍ଟା କରନ୍ତୁ, ଯାହା ଫଳରେ ଆପଣ ନିଜକୁ ଆହୁରି ସୁଧାରି ପାରିବେ ।



ପ୍ରତିଦିନ ନିଜକୁ ଆହୁରି ଭଲ କରିବାର ଏହା ହେଉଛି ଖୁବ ଭଲ ପ୍ରୟାସ । ଆତ୍ମ ସମୀକ୍ଷାର ଅର୍ଥ ନିଜେ ନିଜକୁ ସମୀକ୍ଷା କରିବା । ନିଜର ଭାବନା, ନିଜର ବ୍ୟବହାର ଓ ନିଷ୍ପତ୍ତିର ସମୀକ୍ଷା କରିବା । ନିଜେ ଯେଉଁ ସବୁ କାର୍ଯ୍ୟ କରୁଛେ ସେଥିର କାହାର କଣ କ୍ଷତି ହେଉଛି କି ନାହିଁ ଏହା ହେଉଛି ଆତ୍ମ ସମୀକ୍ଷାର ଅର୍ଥ । ଆତ୍ମ ସମୀକ୍ଷା ଫଳରେ ଆମେ ନିଜକୁ ଆହୁରି ଭଲରେ ଜାଣିବାରେ ସକ୍ଷମ ହୋଇଥାଉ । ନିଜର ଭୁଲ ଠିକ୍ ବିଷୟରେ ଜାଣିବା ସହିତ ଏହାକୁ ସୁଧାରିବାକୁ ସକ୍ଷମ ହୋଇଥାଉ ।

## ଚିନିଠୁଁ ରୁହନ୍ତୁ ଦୂରରେ

**ମିଠା ଅଧିକ ଖାଇବାକୁ ସମସ୍ତେ ମନା କରନ୍ତି । ମିଠା ଅଧିକ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ସେହିଭଳି ମିଠାଠାରୁ ଦୂରରେ ରହିଲେ ଆମର ଅନେକ ଫାଇଦା ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଫାଇଦା ସମ୍ପର୍କରେ ।**

**ଓଜନ ହ୍ରାସ–** ଚିନିର ସିଧା ପ୍ରଭାବ ଆମର ଓଜନ ଉପରେ ପଡିଥାଏ । ଚିନି କମ ଖାଇଲେ ଆମ ଓଜନ ହ୍ରାସ ହେବାରେ ଲାଗିଥାଏ । ତେଣୁ ଯଦି ଆପଣ ସୁଗାର ଫ୍ରି ଡାଏଟ୍ ଖାଉଛନ୍ତି, ତେବେ ଆପଣ ମେଦ ବହୁଳତାରୁ ବହୁତ ଦୂରରେ ରହିବେ ।



**ହାଇ ଏନର୍ଜି ଲେବଲ୍–** ଅଧିକ ମିଠା ଖାଇଲେ ଏନର୍ଜି ଲେବଲ ଅଧିକ ରହିଥାଏ ହେଲେ ଏହା ଖୁବ ଶୀଘ୍ର ଆପଣଙ୍କୁ ଥକାଇ ମଧ୍ୟ ଦେଇଥାଏ । ତେଣୁ ଏକ ନିର୍ଦ୍ଧାରିତ ଏନର୍ଜି ଲେବଲ ପାଇଁ ସୁଗାର ଫ୍ରି ଡାଏଟ୍ ଫଲୋ କରନ୍ତୁ । ଏହା ଆପଣଙ୍କୁ ଦିନ ସାରା ଏନର୍ଜେଟିକ୍ ରଖିବ ।

**ହେଲଦି ସ୍କିନ୍–** ଯଦି ଆପଣଙ୍କର ସ୍କିନ୍‌ରେ ସବୁବେଳେ ବ୍ରଣ, ଦାଗ ଆଦି ସମସ୍ୟା ଦେଖିବାକୁ ମିଳୁଛି, ତେବେ ନିଜର ମିଠା ଖାଇବାର ପରିମାଣ କମାନ୍ତୁ । ଅଧିକ ମିଠା ଖାଇବା ଦ୍ୱାରା ସ୍କିନ୍ ଡଲ୍ ହେବା ସହ ବ୍ରଣ ହେବାର ସମ୍ଭାବନା ରହିଥାଏ । ତେଣୁ ସୁଗାର ଫ୍ରି ଡାଏଟ୍ ତ୍ୱଚାକୁ ସୁନ୍ଦର କରିବା ସହିତ ଉଜ୍ଜ୍ୱଳ ମଧ୍ୟ କରିଥାଏ ।

## ସୋସିଆଲ କୋଟ୍ସ



"ମୁଁ ଅଭିନୟ ପୂର୍ବରୁ ଜୀବନରେ ଅନେକ ଷ୍ଟ୍ରଗଲ ଦେଖିଛି । ବାପା ମା' ଖୁବ ଅସୁବିଧାରେ ମୋତେ ବଡ଼ କରିଛନ୍ତି । ତାଙ୍କ ତ୍ୟାଗ ଯୋଗୁ ଆଜି ଏଠାରେ ପହଞ୍ଚିଛି ।

ବିଶାଳ ଜେଠ୍ୱା, ଅଭିନେତା

"ସବୁବେଳେ ଦର୍ଶକଙ୍କୁ କିଛି ଭିନ୍ନ ଦେଖାଇବାକୁ ଚେଷ୍ଟା କରିଥାଏ । ସେହିଭଳି ଅପକମିଂ ଫିଲ୍ମରେ ମଧ୍ୟ ଦର୍ଶକ ମୋର ଏକ ଭିନ୍ନ ଅବତାର ଦେଖିବେ । ଆଶା କରୁଛି ସେମାନଙ୍କୁ ଭଲ ଲାଗିବ ।

ଶ୍ରେୟସ ତଲପଡ଼େ, ଅଭିନେତା






"ବିଭୁ ରାଘବଙ୍କର ମୃତ୍ୟୁକୁ ବିଶ୍ୱାସ କରିହେଉ ନାହିଁ । ଖୁବ କମ ବୟସରେ ସେ ଆମକୁ ଛାଡି ଚାଲିଗଲେ । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ।

କରଣ ବୀର, ଅଭିନେତା

ଆନ୍ଧ୍ରପ୍ରଦେଶର ୨୧ ବର୍ଷୀୟ ଯୁବକ ପ୍ରଭୁ ପ୍ରସାଦ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁସାରେ ସେ ନିଜର ବିରଳ ରୋଗ ପାଇଁ ସମସ୍ତଙ୍କୁ ଦୃଷ୍ଟିକୁ ଆସିଛନ୍ତି । ପ୍ରଭୁଙ୍କୁ ଏକ ବିରଳ ରୋଗ ହୋଇଛି ଯେଉଁଥିରେ ତାଙ୍କ ଚର୍ମ ସାପ କାତି ଭଳି ହୋଇଯାଉଛି । ଏହା ଏକ ବିରଳ ଚର୍ମ ରୋଗ । ଏହି ରୋଗ କାରଣରୁ ତାଙ୍କୁ ଅନେକ ସମସ୍ୟା ହେଉଥିବା ସେ ପ୍ରକାଶ କରିଛନ୍ତି । ଏହି ସମସ୍ୟା କାରଣରୁ ତାଙ୍କୁ ପ୍ରତି ଘଣ୍ଟାରେ ଗାଧୋଇବାକୁ ପଡିଥାଏ, ଯାହା ଫଳରେ ତାଙ୍କର ଶରୀରରେ ହେଉଥିବା ପୋଡାଜଳା କମିବ । ସେ ସୂର୍ଯ୍ୟକିରଣକୁ ଯିବା ମାତ୍ରେ ତାଙ୍କ ଶରୀରରେ ଏହି ପୋଡାଜଳା ସମସ୍ୟା ହୋଇଥାଏ, ଯେଉଁ କାରଣରୁ ସେ ଖୁବ କମ ବାହାରକୁ ବାହାରିଥାଆନ୍ତି । ତେବେ ଏହି ବିରଳ ରୋଗର ଡାକ୍ତରୀ ନାଁ ଇଥିଓସିସ୍, ଯାହା ଖୁବ ବିରଳ । ଏହି ସମସ୍ୟାରେ ପୀଡିତ ବ୍ୟକ୍ତିଙ୍କର ଚର୍ମ ସାପର କାତି ଭଳି ହୋଇଯାଇଥାଏ ।

## ସାପକାତି ଭଳି ଚର୍ମ





## ୩୦ ଫୁଟିଆ ମାଛ

ଅନେକ ସମୟରେ ମତ୍ସ୍ୟଜୀବିଙ୍କୁ ଏଭଳି ମାଛ ମିଳିଥାଆନ୍ତି ଯେଉଁମାନେ ନିଜର ଓଜନ କିମ୍ବା ଆକାର ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ସେହିଭଳି ଏକ ମାଛ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ତାମିଲନାଡୁରେ ମତ୍ସ୍ୟଜୀବିଙ୍କୁ ମିଳିଛି ୩୦ ଫୁଟର ଏକ ମାଛ । ଏହି ବିରଳ ମାଛର ନାଁ ହେଉଛି ଓଆରଫିସ୍, ଯାହା ନିଜର ଆକାର ପାଇଁ ପରିଚିତ । ଏହି ମାଛକୁ ଅନେକ ଲୋକକଥା ମଧ୍ୟ ରହିଛି । ଜାପାନରେ ଏହି ମାଛକୁ ପ୍ରାକୃତିକ ବିପର୍ଯ୍ୟୟ ସହିତ ଯୋଡା ଯାଇଥାଏ । ଏହି ମାଛ ଦେଖାଗଲେ ଭୂମିକମ୍ପ କିମ୍ବା ସୁନାମି ଆସିବ ବୋଲି ସେମାନେ ବିଶ୍ୱାସ ରଖନ୍ତି । ତେବେ ଭାରତରେ ଏଭଳି କୌଣସି ଲୋକକଥା ନାହିଁ । ମାଛଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।




## ସୁଜି ଲଡୁ

**ସାମଗ୍ରୀ :** ୨କପ୍ ସୁଜି, ୧ କପ୍ ଚିନି, ୧ କପ୍ କୋରା ନଡ଼ିଆ, ୩ଟି ଅଳେଇଚ, ୫୦ ଗ୍ରା. ଘିଅ, ୧୦ ଗ୍ରା. କାଜୁ, ୧୦ ଗ୍ରା. ପିସ୍ତା ବାଦାମ, ୧୦ ଗ୍ରା. କିସ୍‌ମିସ୍, ଅଧା କପ୍ ଗରମ କ୍ଷୀର ।

**ପ୍ରଣାଳୀ :** ଗୋଟିଏ ପାତ୍ରରେ ଘିଅ ଦେଇ ସୁଜିକୁ ଭଲଭାବେ ଭାଜି ପ୍ଲେଟକୁ କାଢ଼ି ଆଣନ୍ତୁ । କଡ଼େଇରେ ୪ ବଡ଼ ଚାମଚ ଘିଅ ଦେଇ କାଜୁ, ପିସ୍ତା ବାଦାମ ଓ କିସ୍‌ମିସ୍‌କୁ ଭାଜି ପ୍ଲେଟକୁ କାଢ଼ି ଆଣନ୍ତୁ । କଡ଼େଇରେ ଥିବା ଘିଅରେ କୋରା ନଡ଼ିଆକୁ ଭଲ ଭାବେ ଭାଜି ଦିଅନ୍ତୁ । ଗୋଟିଏ ବାଉଲ୍‌ରେ ପ୍ରଥମେ ଗରମ ସୁଜିକୁ ଢ଼ାଳି ଦିଅନ୍ତୁ । ତାପରେ ଚିନି, ଅଳେଇଚଗୁଣ୍ଡ, କିସ୍‌ମିସ୍, କାଜୁ ଛୋଟ ଛୋଟ ଖଣ୍ଡ କରି ମିଶାଇ ଦିଅନ୍ତୁ । ସମସ୍ତ ଉପାଦାନକୁ ଭଲ ଭାବେ ମିଶାଇ ଘିଅ ୨ ଚାମଚ ଓ ଗରମ କ୍ଷୀର ଅଧା କପ୍ ମିଶାଇ ଲଡୁ ତିଆରି କରନ୍ତୁ । ଏହାକୁ ପିସ୍ତା ବାଦାମ ସହିତ ସଜାଇ ପରିବେଷଣ କରନ୍ତୁ ।


**ଅପର୍ଣ୍ଣା ନାୟକ, ନୂଆଦିଲ୍ଲୀ**





## ଗର୍ଭାବସ୍ଥାରେ ଲଢ଼ିଥିଲେ ମୃତ୍ୟୁ ସହ

ବଲିଉଡ ଅଭିନେତ୍ରୀ ଦିୟା ମିର୍ଜା ନିକଟରେ ନିଜର ମା' ହେବାର ଅନୁଭବ ବଖାଣିଛନ୍ତି । ଏହି ସମୟରେ ସେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରିଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଦିୟା ମିର୍ଜା ୩୯ ବର୍ଷରେ ନିଜ ପୁଅ ଅୟାନ୍ ଆଜାଦ୍‌ଙ୍କୁ ଜନ୍ମ ଦେଇଛନ୍ତି । ହେଲେ ତାଙ୍କର ପ୍ରେଗ୍ନାସୀ ଜର୍ଣ୍ଣି ଖୁବ କଷ୍ଟକର ଥିଲାବୋଲି ଦିୟା ପ୍ରକାଶ କରିଛନ୍ତି । ଗର୍ଭାବସ୍ଥାରେ ହିଁ ତାଙ୍କର ଆପେଣ୍ଡିକ୍ସର ସର୍ଜରୀ ହୋଇଥିଲା । ତେବେ ଏହି ଅସ୍ତ୍ରପୋଚାର ପରେ ତାଙ୍କର ଖୁବ ଭୟଙ୍କର ସଂକ୍ରମଣ ମଧ୍ୟ ହୋଇଯାଇଥିଲା । ଯାହା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ବେଶି ଖରାପ କରିଥିଲା । ଏହାସହ ଅନ୍ୟାନ ସମସ୍ୟା ମଧ୍ୟ ରହିଥିଲା ଯାହା ତାଙ୍କର ଓ ତାଙ୍କ ଶିଶୁର ଜୀବନ ପାଇଁ ବିପଦ ସୃଷ୍ଟି କରିଥିଲା । ହେଲେ ଦିୟାଙ୍କର ଡାକ୍ତର ଉଭୟଙ୍କ ସୁରକ୍ଷିତ ରଖିଥିଲେ । ସୂଚନା ଅନୁସାରେ ୨୦୨୧ରେ ଦିୟା ବ୍ୟବସାୟୀ ବୈଭବ ରେଖୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ।




### ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ୨୫୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଢେଙ୍କାନାଳ ,(ସବ୍ୟୁ) ଢେଙ୍କାନାଳ ଜିଲ୍ଲାକୁ ଦିନିକିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଆସି ୨୩ଟି ପ୍ରକଳ୍ପର ଶିଳାନ୍ୟାସ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସହର ନିକଟସ୍ଥ ବନମାଳୀପ୍ରସାଦ ନିକଟରେ ୧୨୦କୋଟି ଟଙ୍କା ବ୍ୟୟରେ ବାଜିରାଉତ ସ୍ପୋର୍ଟସ ହବ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଗସ୍ତ ଅବସରରେ ବିଶାଳ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲାର ବିକାଶ ପାଇଁ ୨୩ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ସହିତ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟସ ହବ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଜିଲ୍ଲାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ସେମାନଙ୍କର ଅବଦାନକୁ ମନେପକାଇଥିଲେ। ଆଜି ଢେଙ୍କାନାଳ ଜିଲ୍ଲାପାଇଁ ଗୌରବର ବିଷୟ ବୋଲି କହିବା ସହିତ ଆଜି ୪ ହଜାର କୋଟି ଟଙ୍କାର ନୂତନ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆଗାମୀ ଦିନରେ



ଜିଲ୍ଲାପାଇଁ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୁଣା ମେଡିକାଲକୁ ବାଜିରାଉତ ସିଟି ହସ୍ପିଟାଲ ଘୋଷଣା କରାଯାଇଛି,ଏହା ଯଥାଶିଘ୍ର କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ପୂର୍ବ ସରକାର ଯୋରନ୍ଦା ମହିମାଗାଦୀର ବିକାଶ ପାଇଁ ଟଙ୍କା ଅନୁମୋଦନ କରିନଥିବା ବେଳେ ତାଙ୍କ ସରକାର ଯୋରନ୍ଦାର ବିକାଶପାଇଁ ୧୭୧କୋଟି ୧୧ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ସେହିପରି ଶୂନ୍ୟ ମନ୍ଦିର ନିର୍ମାଣ ସହିତ ତା ଉପରେ ଅନ୍ୟ ଏକ ଭବ୍ୟମନ୍ଦିର ନିର୍ମାଣ କରାଯିବ ବୋଲି କହିଥିଲେ। ଯୁବପିଢୀମାନେ ଯେପରି ଜିଲ୍ଲା ତଥା ରାଜ୍ୟ ବାହାରକୁ ନଯିବେ ସେଥିପାଇଁ ମେକ ଇନ ଓଡିଶା କନକ୍ଲେଭ ଜରିଆରେ ନିବେଶକ ମାନଙ୍କୁ ଆହ୍ୱାନ କରାଯାଇଥିଲା। ଫଳରେ ଜିଲ୍ଲାରେ ଶିଳ୍ପପତି ମାନେ ନିବେଶ କରିବାକୁ ଆଗେଇ ଆସିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବାଜି ରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ ଜିଲ୍ଲାର ଗର୍ବ ବୋଲି କହିବା ସହିତ ଜିଲ୍ଲାକୁ ଓ୍ୱାରୀ,ଆଇଓନକ୍ସ ଓ୍ୱିଙ୍ଗ୍ସ,କଲ୍ୟାଣି ଭଳି ଶିଳ୍ପ କାରଖାନା ଆସିବା ଦ୍ୱାରା ନିଯୁକ୍ତି ସୃଷ୍ଟି ହେବ ଓ ଜିଲ୍ଲାର ବିକାଶ ହେବ ବୋଲି କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଢେଙ୍କାନାଳର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲାକୁ ଓ୍ୱରୀ କାରଖାନା ସହିତ ଆଇଓନକ୍ସ ସୋଲାର, ଭଳି କାରଖାନାରେ ୪ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି କହିଥିଲେ ଏବଂ ୩ ହଜାର ନିଯୁକ୍ତି ସୃଷ୍ଟି ହେବ। କଲ୍ୟାଣୀ ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରି ଦ୍ୱାରା ୨୬ହଜାର ୮୩୦କୋଟି ଟଙ୍କା ବିନିଯୋଗ କରାଯିବା ସହିତ ୧୨ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ସେ କହିଥିଲେ । ସାଂସଦ ରୁଦ୍ର ନାରାୟଣ ପାଣି ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟୀକା ସୀମାରାଣୀ ନାୟକ,କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା,ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସହିତ ବହୁନେତା ଏବଂ କର୍ମୀ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଢେଙ୍କାନାଳ ପୌରପରିଷଦର ଅଧକ୍ଷାଙ୍କ ସମେତ ସମସ୍ତ କାଉନ୍ସିଲରମାନେ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାରେ ଚାଷୀ ଓ ଫଳ ବ୍ୟବସାୟୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ ।

**୧୨୦କୋଟି ଟଙ୍କା ବ୍ୟୟରେ ହେବ ବାଜି ରାଉତ ସ୍ପୋର୍ଟସ ହବ**

### ଯୁବତୀଙ୍କ ଫଟୋ, ଭିଡିଓ ଭାଇରାଲ ଧମକ

# ଗହଣା, ଟଙ୍କା ନେଇଥିବା ଦୁଇ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବାଲିଅନ୍ତା ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗହଣା ଜବତ କରିଛି । ଗୋଟିଏ ଚେନ୍ ଓ ଗୋଟିଏ ବ୍ରାସ୍‌ଲେଟ୍ ସହ ୧୫ ହଜାର ଟଙ୍କା ଗିରଫ ଦୁଇଜଣଙ୍କ ନିକଟରୁ ମିଳିଥିବା ପୋଲିସ କହିଛି । ଜବତ ଗହଣାକୁ ଏତଲାକାରୀଙ୍କୁ ଦିଆଯାଇଛି । ଗିରଫ ଜଣେ ଅଭିଯୁକ୍ତ ଏତଲାକାରୀଙ୍କ ଝିଅର ଆପତ୍ତିଜନକ ଫଟୋ ଓ ଭିଡିଓକୁ ଭାଇରାଲ କରାଇ ଦେବାକୁ ଧମକ ଦେଇ ଗହଣା ଓ ୨୦ ହଜାର ଟଙ୍କା ନେଇଥିଲା ।

ବିକ୍ରମ ପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଜଣାପଡିଲା ଯେ, ଗିରଫ ହୋଇଥିବା ପବିତ୍ର ବାରିକ ଓ ରାଜା ନାମକ ଅଭିଯୁକ୍ତ କିଛିବର୍ଷ ତଳେ ଏତଲାକାରୀଙ୍କ ଘରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲା । ତାଙ୍କ ପାଖରେ ଚାକିରି କରୁଥିବା ସମୟରେ ଅଭିଯୁକ୍ତ ପବିତ୍ର ଏତଲାକାରୀଙ୍କ ଝିଅଙ୍କ ସହିତ ବନ୍ଧୁତା କରିଥିଲେ । ଏହା ଝିଅର ବାପା ବିକ୍ରମ ଜାଣିବା ପରେ ଡ୍ରାଇଭରକୁ ଗାଳିଗୁଲଜ କରିବା ସହ ଚାକିରିରୁ ବାହାର କରିଦେଇଥିଲେ ।

ଚାକିରିରୁ ବିଦା ହେବା ପରେ ମଧ୍ୟ ସେ ତାଙ୍କ ଝିଅ ସହ ଫୋନ୍‌ରେ କଥା ହେଉଥିଲା । ପାଖରେ ରଖିଥିବା ଫଟୋ ଓ ଭିଡିଓକୁ ଭାଇରାଲ କରିବାର ଧମକ ଦେଇ ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଆଣି ତାଙ୍କୁ ଦେବା ଲାଗି ଚାପ ପକାଇଥିଲା । ଉପାୟଶୂନ୍ୟ ହୋଇ ଏତଲାକାରୀଙ୍କ ଝିଅ ଗତ ୧ ତାରିଖ ଦିନ ଘରୁ ଏକ ସୁନା ବ୍ରେସ୍‌ଲେଟ୍, ସୁନା ଚେନ୍ ଏବଂ ୨୦ ହଜାର ଟଙ୍କା ଆଣି ଅଭିଯୁକ୍ତ କବିତ୍ର ବାରିକ ଓ ତା'ର ଜଣେ ବନ୍ଧୁ ଅଭି ଓରଫ ଲିପୁ ଓରଫ ଅଭିଷେକ ପଟ୍ଟନାୟକଙ୍କୁ ଦେଇଥିଲା । ଏହି ସୁନା ଗହଣା ଓ ଟଙ୍କା ଘରେ ନମିଳିବାରୁ ଏତଲାକାରୀ ତାଙ୍କ ଝିଅକୁ ସନ୍ଦେହ କରି ପଚରାଉଚରା କରିଥିଲେ । ଘଟିଯାଇଥିବା ସମସ୍ତ ଘଟଣା ଝିଅ ବାପାଙ୍କ ନିକଟରେ କହିଥିଲା । ଝିଅ ନିକଟରୁ ଗହଣା ସମ୍ପର୍କରେ ଜାଣିବା ପରେ ବିକ୍ରମ ପାତ୍ର ବାଲିଅନ୍ତା ଥାନାରେ ଏତଲା କରିଥିଲେ ।




ପୋଲିସ ମାମଲାର ତଦନ୍ତ କରି ପବିତ୍ର ବାରିକ (୨୪) ଓ ଅଭିଷେକ ପଟ୍ଟନାୟକ (୨୪)ଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଆଜିଠୁ ଡେଙ୍ଗୁ ପାଇଁ ବିଏମ୍‌ସିର ଡ୍ରାଏ ଡେ'

# ଟ୍ରାଫିକ ପୋଷ୍ଟରେ ହେବ ଡେଙ୍ଗୁ ସଚେତନତା

ଭୁବନେଶ୍ୱର (ସବ୍ୟୁ): ଆସନ୍ତାକାଲି(ଗୁରୁବାର)ଠୁ ବିଏମସି ପାଳିବ ଡ୍ରାଏ ଡେ । ଡେଙ୍ଗୁ ପ୍ରତିହତ ପାଇଁ ଏହି ଡ୍ରାଏ ଡେ ପାଳନ କରାଯିବ । ସମସ୍ତ ୱାର୍ଡରେ ଡ୍ରାଏ ଡେ ପାଳନ ନେଇ କର୍ପୋରେଟରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଚଳିତବର୍ଷ ଅଧିକ ସଂଖ୍ୟକ ଷ୍ଟାଫ ନିୟୋଜିତ ରହିବେ । ବିଏମସିର ୭୦ କର୍ମଚାରୀ ବିଭିନ୍ନ ୱାର୍ଡରେ ବୁଲି ତେଲ ସ୍ପ୍ରେ କରିବେ । ୱାର୍ଡରେ ବୁଲୁଥିବା ସଫେଇ ଗାଡ଼ି ମାଧ୍ୟମରେ ସଚେତନତା କରାଯିବ । ଏହାସହ ଟ୍ରାଫିକ ପୋଷ୍ଟରେ ମଧ୍ୟ ଡେଙ୍ଗୁ ସଚେତନତା କରିବ ବିଏମସି ।



ଭୁବନେଶ୍ୱର ମହାନଗର ନିଗମ(ବିଏମସି) ମେୟର ସୁଲୋଚନା ଦାସ କହିଛନ୍ତି, ଲୋକମାନେ ଯେତେ ସଚେତନ ହେବେ, ଡେଙ୍ଗୁ ସେତେ ଦୂରେଇବ । ତେଣୁ ସଫା ସୁତୁରାକୁ ଗୁରୁତ୍ୱ ଦେବା ଦରକାର । ଯେଉଁଠି ବର୍ଷା ପାଣି ଜମି ରହିବ ସେଇଠି ମଶା ଲାର୍ଭା ରହିଯାଆନ୍ତି । ଏଣୁ ସେସବୁରେ ଧ୍ୟାନ ଦେଇ କିପରି ପାଣି ନଜମିବ ସେନେଇ ସମସ୍ତଙ୍କୁ ସଚେତନ ରହିବାକୁ ନିବେଦନ କରୁଛୁ ।

ପ୍ରତିବର୍ଷ ବିଶେଷ କରି ବର୍ଷା ଦିନେ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇଥାଏ । ରାଜଧାନୀ ଭୁବନେଶ୍ୱରରେ ଅସମ୍ଭାଳ ହୋଇଯାଏ ଡେଙ୍ଗୁ ସ୍ଥିତି । ଯାହାକୁ ନଜରରେ ରଖି ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଆଗୁଆ ସବୁ ପ୍ରକାର ପଦକ୍ଷେପ ନେଉଛି ବିଏମସି । ଡେଙ୍ଗୁ ପ୍ରତିହତ ନେଇ ସଚେତନ କରାଯିବ । ସଫେଇ ଗାଡ଼ି ମାଧ୍ୟମରେ ସଚେତନତା ଅଭିଯାନ କରିବ ବିଏମସି । ସମସ୍ତ ୱାର୍ଡରେ ବୁଲୁଥିବା ସଫେଇ ଗାଡି ଗୁଡିକୁ ଡେଙ୍ଗୁ ସଚେତନତାରେ ବ୍ୟବହାର କରାଯିବା ସହ ସମସ୍ତ ଟ୍ରାଫିକ ପୋଷ୍ଟରେ ଡେଙ୍ଗୁକୁ ନେଇ ସଚେତନ କରାଯିବ । ଏହାସହ ଗତବର୍ଷ ଯେଉଁ ୱାର୍ଡଗୁଡିକରେ ଅଧିକ ସଂଖ୍ୟକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେହି ୱାର୍ଡ ଉପରେ ବିଶେଷ ଭାବରେ ଧ୍ୟାନ ଦିଆଯିବ ବୋଲି ଶ୍ରୀମତୀ ଦାସ କହିଛନ୍ତି ।

### ଛାତ୍ରୀଙ୍କୁ ଅସଦାଚରଣ : ୨ ଗିରଫ

କଣାସ,(ସବ୍ୟୁ) :ଜଣେ କଲେଜ ପଢୁଆ ଛାତ୍ରୀ (୧୭)ଙ୍କୁ ଅସଦାଚଣ କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫକରିଛି। ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ବାଦଲପୁର ଗ୍ରାମର ଜଣେ କଲେଜ ପଢୁଆ ଛାତ୍ରୀ(୧୭)ଙ୍କୁ ଗତ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ଡେଲାଙ୍ଗ ଅଞ୍ଚଳ ବରପଦା ଗ୍ରାମର ୨ ଯୁବକ ବିଜୟ ବେହେରା ବୟସ (୨୦) ଓ ରେଙ୍ଗଲପାଟଣା ଗ୍ରାମର ଆଲୋକ ମଲ୍ଲିକ ବୟସ (୧୭) ମିଶି ଅସଦାଚରଣ କରିଥିଲେ ଛଏଭଳି ଘଟଣାକୁ ନେଇ ଛାତ୍ରୀଙ୍କ ବାପା କଣାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଛାତ୍ରୀଙ୍କ ବୟାନକୁ ଆଧାର କରି କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଏକ ଟିମ୍ ଗଠନ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛନ୍ତି ।ଉକ୍ତ ମାମଲାର ତଦନ୍ତକାରୀ ଅଫିସର ଦେବୀ ପ୍ରସାଦ ଲେଙ୍କା କହିଛନ୍ତି କଣାସ ଥାନା କେସ ନମ୍ବର ୧୧୭/୨୦୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋସ୍କୋ ଆର୍ଟରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ

# ଉଚ୍ଛେଦ ଆଦିବାସୀ ପରିବାରଙ୍କୁ ଥଇଥାନ କର

ଭୁବନେଶ୍ୱର,(ସବ୍ୟୁ): ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ ଗତ କିଛି ଦିନ ପୂର୍ବେ ଆଦିବାସୀ ପରିବାରକୁ ନିୟମ ଭଙ୍ଗକରି ସରକାର ଜୋରଜବରଦସ୍ତ ଉଚ୍ଛେଦ କରିଛନ୍ତି। ନିୟମ କହୁଛି ବିନା ପଲ୍ଲିସଭାରେ କୌଣସି ଆଦିବାସି ବସ୍ତି ଉଚ୍ଛେଦ ହୋଇପାରିବ ନାହିଁ । ହେଲେ ରାଷ୍ଟ୍ରପତିଙ୍କ ଘର ହେଉଛି ରାଇରଙ୍ଗପୁର। ମୁଖ୍ୟମନ୍ତ୍ରୀଙ୍କର ଶଶୁରଘର ମଧ୍ୟ ଜିଲ୍ଲାର ବିଶୋଇ ବ୍ଲକ ଅଞ୍ଚଳରେ । ତଥାପି ରାଇରଙ୍ଗପୁର ଅଞ୍ଚଳରେ ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ବସ୍ତି ଉଚ୍ଛେଦ କରାଯାଇଛି। ସେଥିରେ ୪୩ ପରିବାର ଉଚ୍ଛେଦ ହୋଇ କ୍ଷତିଗ୍ରସ୍ତ ହୋଇଛନ୍ତି। କିନ୍ତୁ ସେଠାରେ କୌଣସି ପଲ୍ଲିସଭା କରାଯାଇନି, ପେସା ଆଇନ ଲାଗୁ ହୋଇନି। ଉଚ୍ଛେଦ ହୋଇଥିବା ଆଦିବାସୀ ପରିବାର ଆନ୍ଦୋଳନ କରି ଏପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। କିଛି ଫଳପ୍ରଦ ହେଲା ନାହିଁ। ଆଦିବାସୀ ବାସହରା ହେଲେ। ତେଣୁ ରାଜ୍ୟ ସରକାରଙ୍କ ପାଖରେ କଂଗ୍ରେସ ଦାବି କରୁଛି କି ଭଙ୍ଗାଯାଇଥିବା ଘର ପ୍ରତ୍ୟେକ ଲୋକଙ୍କୁ ୪୦ ଲକ୍ଷଟଙ୍କା କ୍ଷତିପୂରଣ ଦେବା ସହ ଯେତିକି ଜାଗା ଯାଇଛି ତା'ର ଦୁଇଗୁଣ ଜାଗା ଅନ୍ୟସ୍ଥାନରେ ଦେଇ ସେମାନଙ୍କୁ ଥଇଥାନ କରାଯାଉ । ଆଦିବାସୀ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ହେଉ। ନଚେତ କଂଗ୍ରେସ ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ ବୁଧବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ମୁଁ ଏବଂ ଅନ୍ୟ କଂଗ୍ରେସ ନେତୃବୃନ୍ଦ ଉକ୍ତ ସ୍ଥାନ ଗସ୍ତ କରି ସବିଶେଷ ତଥ୍ୟ ପିସିସିକୁ ପ୍ରଦାନ କରିଛୁ।

ଅନ୍ୟଏକ ପ୍ରସଙ୍ଗରେ ଶ୍ରୀ କାଡାମ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କି କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ୬ ଜଣଙ୍କ ଜୀବନ ଯାଇଛି। ସେଠାରେ ଆବଶ୍ୟକୀୟ ଡାକ୍ତର ନଥିବାରୁ



ସରକାରଙ୍କ ଭୁଲ ପାଇଁ ନିରୀହ ଲୋକଙ୍କ ଜୀବନ ଗଲା। ମୃତ୍ୟୁବରଣ କରିଥିବା ପରିବାରକୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତ ଦେବା ସହ ଭୁଲ ଇଞ୍ଜେକ୍ସନ ଦିଆଯାଇଥିବା ଅପରାଧିଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ କଡାମ କହିଛନ୍ତି। ଅନୁରୂପ ଭାବେ ନବରଙ୍ଗପୁରରେ ପାଇଖାନା ସେପ୍‌ଟିକ୍ ଟାଙ୍କିରେ ମରିପଡ଼ିଥିବା ୪ ଜଣ ଲୋକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ଦେବାକୁ ଶ୍ରୀ କାଡାମ୍ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ୍ ଓ ଅନୀମା ମିଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

### ସବ-ପ୍ଲଟ ପଞ୍ଜିକରଣ ବିଜ୍ଞପ୍ତିକୁ ବାଏଁ ବାଏଁ ଏଡାଇଲେ ବହୁ ଅଧିକାରୀ

# ଶତାଧିକ ପଞ୍ଜିକରଣ କରିଥିବା ସବ ରେଜିଷ୍ଟ୍ରାରଙ୍କ ତଥ୍ୟ ସରକାରଙ୍କୁ ଦେଲା ଆଇଜିଆର

କଟକ,(ସବ୍ୟୁ): ୨୦୧୩ ମସିହାରୁ ରାଜ୍ୟରେ ସବ୍ ପ୍ଲଟ୍ ପଞ୍ଜିକରଣ ବନ୍ଦ କରାଯାଇଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି ହୋଇଥିଲା । କିନ୍ତୁ ରାଜ୍ୟ ସରକାରଙ୍କ । ଏହି ବିଜ୍ଞପ୍ତି ତଥା କଟକଣାକୁ ଫୁ'ରେ ଉଡ଼ାଇ ଦେଇଛନ୍ତି ରାଜ୍ୟର ବହୁ ପ୍ରଶାସନିକ ଅଧିକାରୀ ଏବଂ ସବ୍-ରେଜିଷ୍ଟ୍ରାର । ସବ୍ ପ୍ଲଟ୍ ପଞ୍ଜିକରଣରେ ସାଂଘାତିକ୍ ଘୋଟାଲା ହୋଇଛି । କଟକଣା ସତ୍ତ୍ୱେ ରାଜ୍ୟରେ ଲକ୍ଷାଧିକ ସବ୍-ପ୍ଲଟ୍‌କୁ ପଞ୍ଜିକରଣ କରାଯାଇଛି । ଜଣେ ଜଣେ ସବ୍ ରେଜିଷ୍ଟ୍ରାର ଶତାଧିକ ସବ୍ ପ୍ଲଟ୍‌ରେ ପଞ୍ଜିକରଣ କରିଥିବା ଜଣାପଡ଼ିଛି । ଏହି ଅଧିକାରୀଙ୍କ ନାମ ସହ ସବିଶେଷ ତଥ୍ୟ ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ୍(ଆଇଜିଆର)ଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଏହି ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି ।

କୌଣସି ଇଣ୍ଡିଭିଜୁଆଲ୍ ବା ଏକାଧିକ ବ୍ୟକ୍ତିଙ୍କ ମାଲିକାନାରେ ଥିବା ସମ୍ପତ୍ତିରୁ ସବ୍ ପ୍ଲଟ ବା ଭାଗ ଜମିକୁ ପଞ୍ଜିକରଣ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି । କିନ୍ତୁ ଏହାସତ୍ତ୍ୱେ ଜମି ପଞ୍ଜିକରଣ ସହ ଜଡ଼ିତ ରାଜ୍ୟର ଅଧିକାଂଶ ପ୍ରଶାସନିକ ଅଧିକାରୀମାନେ ଏହି ଭାଗ ଜମିର ପଞ୍ଜିକରଣ କାମ କରିଛନ୍ତି । ନିକଟରେ ଏହି ସବ୍ ପ୍ଲଟ୍ ପଞ୍ଜିକରଣକୁ କଡ଼ାକଡ଼ି ଭାବେ ବନ୍ଦ କରିବା ଲାଗି ଅନେକ ଜିଲ୍ଲାର ଜିଲ୍ଲାପାଳମାନେ ପ୍ରତ୍ୟେକ ସବ୍-ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ଗୋଡ଼ରେ ଆଡ଼େଇ ଦେଇ ବହୁ ସବ୍-ରେଜିଷ୍ଟ୍ରାରମାନେ ସବ୍ ପ୍ଲଟ୍ର ପଞ୍ଜିକରଣ କରିଥିବା ଜଣାପଡ଼ିଥିଲା । ଫଳରେ ରାଜ୍ୟ ସରକାର ଏହା ଉପରେ ଆଇଜିଆରଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ । ଯେବେଠାରୁ ସବ୍ ପ୍ଲଟ ପଞ୍ଜିକରଣ ବନ୍ଦ ପାଇଁ ଆଇନ ଆସିଛି ସେବେଠାରୁ ଆଜି ପର୍ଯ୍ୟନ୍ତ କେଉଁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କେତେ ସବ୍ ପ୍ଲଟ୍ ପଞ୍ଜିକରଣ ହୋଇଛି ଏବଂ ଶହେରୁ ଅଧିକ ପ୍ଲଟ୍ କେଉଁ ଅଧିକାରୀମାନେ ପଞ୍ଜିକରଣ କରିଛନ୍ତି ତାହାର ବିସ୍ତୃତ ତଥ୍ୟ ପ୍ରଦାନ ଲାଗି ରାଜ୍ୟ ସରକାର ଆଇଜିଆରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ପରେ ଆଇଜିଆରଙ୍କ ପକ୍ଷରୁ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି ।

ଯେଉଁଥିରେ ୨୦୧୩ ମସିହାରୁ ୨୦୧୫ ମସିହା ବର୍ତ୍ତମାନ ସୁଦ୍ଧା କେଉଁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କେତେ ସବ୍ ପ୍ଲଟ୍ ପଞ୍ଜିକରଣ ହୋଇଛି ତାହାର ଏକ ତାଲିକା ପ୍ରଦାନ କରିଛନ୍ତି । ପ୍ରତିବର୍ଷ ପ୍ରାୟ ୨୦ରୁ ୪୦ହଜାର ପର୍ଯ୍ୟନ୍ତ ସବ୍ ପ୍ଲଟ୍ର ପଞ୍ଜିକରଣ ହୋଇଥିବା ଏଥିରୁ ଜଣାପଡ଼ିଛି । ଶେଷ ପାଞ୍ଚ ବର୍ଷର ତାଲିକା ଯଦି ଦେଖାଯାଏ ୨୦୨୦ରେ ରାଜ୍ୟରେ ୨୩ ହଜାର ୩୯୪ଟି ସବ୍ ପ୍ଲଟ୍ର ପଞ୍ଜିକରଣ ହୋଇଥିଲାବେଳେ ୨୦୨୧ରେ ୩୩ହଜାର ୫୮ଟି, ୨୦୨୨ରେ ୨୬ ହଜାର ୭୯ଟି, ୨୦୨୩ରେ ୨୯ ହଜାର ୨୯୧ଟି ଏବଂ ୨୦୧୪ରେ ୧୩ ହଜାର ୪୩୧ଟି ସବ୍ ପ୍ଲଟ୍ର ପଞ୍ଜିକରଣ କରାଯାଇଛି । ୨୦୨୫ ବର୍ତ୍ତମାନ ସୁଦ୍ଧା ୨୦୨୬ଟି ସବ୍ ପ୍ଲଟ୍‌ର ପଞ୍ଜିକରଣ ହୋଇଛି । ଏହା ପୂବବର୍ଷ ମାନଙ୍କରେ ଅର୍ଥାତ ୨୦୧୩ରୁ ୨୦୧୯ ମଧ୍ୟରେ ପ୍ରତିବର୍ଷ ୨୦ରୁ ୪୦ ହଜାର ପର୍ଯ୍ୟନ୍ତ ସବ୍‌ପ୍ଲଟ୍ ପଞ୍ଜିକରଣ ହୋଇଛି । ବିଶେଷକରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ତାଳଚେର-ଅନୁଗୁଳ-ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଅଧିକ ସବ୍ ପ୍ଲଟ୍ ର ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି । ଯେଉଁ ଅଧିକାରୀମାନେ ଶହେରୁ ଅଧିକ ପ୍ଲଟ ପଞ୍ଜିକରଣ କରିଛନ୍ତି ସେମାନଙ୍କର ନାଁ ମଧ୍ୟ ଏହି ତାଲିକାରେ ଉଲ୍ଲେଖ କରାଯାଇଛି । ଏହି ରିପୋର୍ଟ ପରେ ରାଜ୍ୟ ସରକାର ଏହି ଅଧିକାରୀମାନଙ୍କ ବିରୋଧରେ କି' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

### ଶିଖରପୁର ସଡ଼କ ଦୁର୍ଘଟଣା ଜଣେ ମୃତ

କଟକ,( ସବ୍ୟୁ):ଶିଖରପୁର ନିକଟ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ଜୀବନ ଯାଇଛି । ଓଭରବ୍ରିଜ ଉପରେ ଜାତୀୟ ରାଜପଥରେ ରାସ୍ତା ପାରି ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । କଲିକତା ରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଏ ପି ୧୬ ଟି ଜେ ୫୮୨୧ ନମ୍ବର ବିଶିଷ୍ଟ ଟ୍ରକଟି ଚାଲି ଚାଲି ରାସ୍ତା ପାର ହେଉଥିବା ଏହି ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା ଛବ୍ୟକ୍ତି ଜଣଙ୍କର ମୁଣ୍ଡ ଉପରେ ଟ୍ରକ ଚଢି ଯାଇଥିବା ବେଳେ ଟ୍ରକ ଡ୍ରାଇଭର ଟ୍ରକ ଛାଡି ଚାଉଳିଆଗଞ୍ଜ ଥାନାରେ ଆତ୍ମ ସମର୍ପଣ କରିଥିଲା । ଦୁର୍ଘଟଣା ପରେ କିଛି ସମୟ ଧରି ଜାତୀୟ ରାଜପଥ ଜାମ ରହିଥିଲା । ଚାଉଳିଆଗଞ୍ଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଟ୍ରକଟିକୁ ଜବତ କରି ଥାନାକୁ ଆଣିଥିଲା । ମୃତକ ବ୍ୟକ୍ତିଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି ।

### ନୟାଗଡ଼, ଦାରିଙ୍ଗବାଡ଼ିରେ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ସରକାର ନେଲେ କାର୍ଯ୍ୟନୁଷ୍ଠାନ, ଡାକ୍ତର ନିଲମ୍ବିତ

ଭୁବନେଶ୍ୱର(ସବ୍ୟୁ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତିଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗର୍ଭବତୀ ମହିଳାଙ୍କ ଚିକିତ୍ସାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ଅବହେଳା କରିଥିବା ଡାକ୍ତର/ନର୍ସିଂ ଅଫିସର/ଷ୍ଟାଫଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ମହିଳା ମମତା ନାୟକଙ୍କ ମୃତ୍ୟୁ ଖବର ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ପ୍ରାଥମିକ ରିପୋର୍ଟ ଅନୁସାରେ ସଂପୃକ୍ତ ଡାକ୍ତରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ରାଜ୍ୟସ୍ତରରୁ ତିନିଜଣିଆ ଏକ୍ସପର୍ଟ ଟିମ୍ ପଠାଯାଇଛି । ଟିମ୍ ନୟାଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ରିପୋର୍ଟ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରିଦିଆଯାଇଛି । ତଦନ୍ତ ଶେଷ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏକ୍ସପର୍ଟ ଟିମଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**ତଦନ୍ତ ପାଇଁ ଟିମ ଗଠନ, ୭ଦିନରେ ରିପୋର୍ଟ ଦେବେ**

ସେହିପରି କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳା ସୁନିମା ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ କନ୍ଧମାଳ ମେଡିକାଲ କଲେଜ ଏବଂ ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ଟିମ୍ ତାଙ୍କର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ୭ ଦିନ ମଧ୍ୟରେ ବିଶେଷଜ୍ଞ ଟିମଙ୍କ ରିପୋର୍ଟ ମିଳିବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ।





ଭୁବନେଶ୍ୱରରେ କାଳବୈଶାଖୀ ବର୍ଷାର ତାଣ୍ଡବ

# ଅଦିନିଆ ରଥଯାତ୍ରା ବନ୍ଦ କଲେ କୋନାବିରାବାସୀ

ଭୁବନେଶ୍ୱର (ସବ୍ୟୁ): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଗ୍ରାମରେ ଏକ ଆଦିବାସୀ ସଂପ୍ରଦାୟର ସମାଜ ୧୯୫୭ ମସିହାରୁ ସେଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଆସୁଛନ୍ତି । ତାଙ୍କ କହିବା ଅନୁସାରେ ୧୯୫୭ ମସିହାରେ ସେହି ଗ୍ରାମରେ ବାସ କରୁଥିବା ଦିକଚାନ୍ ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହେବା ଫଳରେ ୧୯୯୭ ମସିହାରୁ ସେମାନେ ପ୍ରତିବର୍ଷ କାର୍ତ୍ତିକ ମାସରେ ପୁରା ଏକ ମାସ ବ୍ୟାପି ମହାପ୍ରଭୁଙ୍କ ରାହାସଲୀଳା କରନ୍ତି ଓ ଯାତ୍ରା ଶେଷ ରାତ୍ରୀ ଯାହାକି ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏକ ରଥରେ ତିନି ଠାକୁରଙ୍କୁ ବସାଇ ରଥଯାତ୍ରା କରନ୍ତି ଓ ଏହାର ପରଦିନ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଦିନ ତାଙ୍କର ବାହୁଡା ଯାତ୍ରା କରନ୍ତି । ଏହି ଯାତ୍ରାକୁ ଗ୍ରାମବାସୀମାନେ ବାଲିଯାତ୍ରା ବୋଲି କହନ୍ତି ।

ଗତବର୍ଷ ଏହି ଖବର ଗଣମାଧ୍ୟମରେ ଲୋକଲୋଚନକୁ ଆସିବା ଫଳରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ଶ୍ରୀମତୀ ସଞ୍ଚିତା ମହାନ୍ତି ଏକ ୮ଜଣିଆ ଟିମ୍ ସେଠାକୁ ପଠାଇଥିଲେ । ଏହି ଟିମ୍ ସେଠାକୁ ଯାଇ ଅଦିନିଆ ରଥଯାତ୍ରା ନକରିବା ପାଇଁ ସେମାନଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ବୁଝିନଥିଲେ । ପରେ ପରିଷଦର ସଭାପତି ଶ୍ରୀମତୀ ମହାନ୍ତି ସେମାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଥିଲେ ଓ ଭୁବନେଶ୍ୱର ଆସିବାକୁ ନିମନ୍ତ୍ରଣ କରିଥିଲେ । ଫଳରେ ଶିବ ପ୍ରସାଦ ମାଝୀ, ଜଗନ୍ନାଥ ମାଝୀ, ଛତ୍ରପତି ମାଝୀ ଓ ହରି ମାଝୀ ଏକ ୪ଜଣିଆ ଟିମ୍ ଭୁବନେଶ୍ୱର ଆସିଥିଲେ । ସେମାନଙ୍କ ସହ ଏଠାରେ ଆଲୋଚନା



କରାଯାଇଥିଲା ଓ ସଭାପତିତ୍ୱ ତତ୍ତ୍ୱାବଧାନରେ ପରିଷଦର ସଦସ୍ୟ ରାଣା ପ୍ରତାପ ପାତ୍ର, ଅଜୟ ପଟ୍ଟନାୟକ ସେମାନଙ୍କୁ ପୁରୀ ଶ୍ରୀମନ୍ଦିର ନେଇ ଦଇତାପତିଙ୍କ ସଭାପତି ଗଣେଷ ଦାସ ମହାପାତ୍ର, ସୁଦର୍ଶନ ପୂଜାପଣ୍ଡା ଓ ଅନ୍ୟ ଦଇତାପତି ସେବକଙ୍କ ସହ ଆଲୋଚନା ବ୍ୟବସ୍ଥା କରିଥିଲେ । ଆଲୋଚନା ପରେ ସେମାନେ ତାଙ୍କ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ଜଣାଇବେ ।

ମଙ୍ଗଳବାର ସେମାନେ ବୈଠକ ରି ଅଦିନିଆ ରଥଯାତ୍ରା ଶାସ୍ତ୍ର ବିରୋଧୀ କାର୍ଯ୍ୟ ତେଣୁ ଚଳିତବର୍ଷରୁ ସେମାନେ ମହାପ୍ରଭୁଙ୍କ ଶାସ୍ତ୍ର ସ୍କନ୍ଦ ପୁରାଣ ଅନୁଯାୟୀ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା କରିବେ ବୋଲି ଟେଲିଫୋନ୍ ଯୋଗେ ପରିଷଦର ସଭାପତି ଶ୍ରୀମତୀ ମହାନ୍ତିଙ୍କୁ ଜଣାଇଥିଲେ । ମହାପ୍ରଭୁଙ୍କ ଶାସ୍ତ୍ରକୁ ବଞ୍ଚାଇବା ଦିଗରେ ଜଗନ୍ନାଥ ସଂସ୍କୃତି ପରିଷଦର ଏକ ବିଜୟ ଓ ଯେତେବେଳେ ବି ମହାପ୍ରଭୁଙ୍କ ଅବମାନନା ହେବ ଜଗନ୍ନାଥ ସଂସ୍କୃତି ପରିଷଦ ତାର ରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବ ବୋଲି ଶ୍ରୀମତୀ ସଞ୍ଚିତା ମହାନ୍ତି ପ୍ରକାଶ କରିଛନ୍ତି ।

## ଏକ୍ ପେଡ୍ ମା' କେ ନାମ୍ ୨.୦ ଅଭିଯାନର ଶୁଭାରମ୍ଭ

# ଜୁନ ୫ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଏକ୍ ପେଡ୍ ମା' କେ ନାମ୍ ଅର୍ଥାତ୍ ମା'ଙ୍କ ନାମରେ ଗୋଟିଏ ଗଛ ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା । ଚଳିତବର୍ଷ ଏହି ବୃହତ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ ମାଙ୍କ ନାମରେ ଗୋଟିଏ ଗଛ ୨.୦ ର ଶୁଭାରମ୍ଭ ହେଉଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।


କେନ୍ଦ୍ର ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକ୍ ପେଡ୍ ମା' କେ ନାମ୍ ଏକ ଭାବନାତ୍ମକ ବିଚାର । ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଦେଶବାସୀଙ୍କ ସଫଳ ପ୍ରଚେଷ୍ଟା ଯୋଗୁଁ ମା'ଙ୍କ ନାମରେ ଗୋଟିଏ ଗଛ ଏକ ବଡ ଅଭିଯାନରେ ପରିଣତ ହୋଇଛି । ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି । ଏହା କେବଳ ଏକ



ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଚ୍ଛକ ପ୍ରମାଣ । ଛତିଶଗଡ଼ରେ ଶିଶୁ ଏବଂ ମାଆ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ୍, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି । ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି । ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ମିଶନ ଲାଇଫ୍'ର ଶୁଭାରମ୍ଭ କରିଛନ୍ତି । ମହାତ୍ମା ଗାନ୍ଧୀ ଥରେ ଅତ୍ୟନ୍ତ ପ୍ରେରଣାଦାୟୀ କଥା କହିଥିଲେ । ସେ କହିଥିଲେ ତୁମେ ସେହିପରି ଭାବରେ ନିଜକୁ ପରିବର୍ତ୍ତନ କର, ଯେଉଁ ପରିବର୍ତ୍ତନ ତୁମେ ଦୁନିଆରେ ଦେଖିବାକୁ ଚାହୁଁଛ । ଏହା ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ -ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଦାୟିତ୍ୱବାନ ଏବଂ ସମ୍ବେଦନଶୀଳତା ସହ ଏହି ପରିବର୍ତ୍ତନର ଜଣେ ଜଣେ ଉତ୍ତମ ନାୟକ ହେଉଛନ୍ତି । ଏହାର ପ୍ରମାଣ ହେଉଛି, ୨୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି । ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ୍ ଏବଂ ସୁଲଭ କରିଛି ।

ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ । ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ । ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହାଣୀ ଅନ୍ୟମାନଙ୍କୁ କୁହନ୍ତୁ । ମାଟି ମାଆର ସୁରକ୍ଷା ପାଇଁ ସବୁଠୁ ବଡ଼ ଜନ ଆନ୍ଦୋଳନ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

# କିମ୍ସରେ ପ୍ରଥମ ଆଲୋଜେନିକ୍ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ



ଭୁବନେଶ୍ୱର, (ସବ୍ୟୁ): କିମସରେ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗରେ ପୀଡ଼ିତ ଜଣେ ୧୭ ବର୍ଷୀୟା ରୋଗୀଙ୍କଠାରେ ଏକ ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରାଯାଇଛି । ଏହା ଏକ ବିରଳ ବଂଶାନୁକ୍ରମିକ ରକ୍ତ ଜନିତ ରୋଗଛ ବହୁ ପରୀକ୍ଷା ପରେ କିମ୍ସର ବିଶେଷଜ୍ଞମାନେ ଏହା ଏକ ବଂଶାନୁକ୍ରମିକ ରକ୍ତ ଜନିତ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗ ବୋଲି ଜାଣି ପାରିଥିଲେ । ଏହାର ଉପଶମ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ । ପରେ କିମ୍ସ ବିଶେଷଜ୍ଞମାନେ ଏଭଳି ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରିପାରିଛନ୍ତି । ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ନିଷ୍ପତ୍ତି ନିଆଯିବା ପୂର୍ବରୁ ସେ ଛଅ ମାସ ଧରି କର୍କଟ କେମୋଥେରାପି ନେଉଥିଲେ ।

ସାଧାରଣତଃ ଏହି ପ୍ରକ୍ରିୟାରେ ଜଣେ ସୁସ୍ଥ ଡୋନୋରଙ୍କଠାରୁ ଅସ୍ଥି ମଜ୍ଜା ନିଆଯାଇ ଆକ୍ରାନ୍ତ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ । କିମ୍ସରେ ଡୋନୋର ଥିଲେ ରୋଗୀଙ୍କ ନିଜ ଭାଇ । ରୋଗଟି ବିରଳ ଓ ଜଟିଳ ଥିବାରୁ ପ୍ରତିରୋପଣ ଚ୍ୟାଲେଞ୍ଜିଂ ଥିଲା, କିନ୍ତୁ କିମସ ବିଶେଷଜ୍ଞ ଦଳ ଦ୍ୱାରା ଏହା ସଫଳତାର ସହିତ କରାଯାଇଥିଲା । କିମସ ହେମାଟୋଲୋଜି ବିଭାଗର ଡା ବିଶ୍ୱଜିତ ଭୂୟାଁ ଏବଂ ଶିଶୁ ହେମାଟୋଲୋଜି ବିଭାଗର ଡା ପଳାଶ ଦାସଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି ।

## ବାପା ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁଲା ଝିଅ

ବାରଙ୍ଗ ,(ସବ୍ୟୁ) : ବୁଧବାର ସକାଳ ୭ଟା ପାଖାପାଖି ବାରଙ୍ଗ ଥାନା ଅଧୀନସ୍ଥ ଦାଢାପାଟଣା ଗ୍ରାମ ମଙ୍ଗଳା ଛକରେ ରହୁଥିବା ଜଣେ ଯୁବତୀ ବାପାର ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁ ପଡ଼ିଥିଲେ।ଖବର ପାଇ ବାରଙ୍ଗରୁ ଦମକଳ ବାହିନୀ ଆସି କୂଅ ମଧ୍ୟରୁ ଯୁବତୀକୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନେଇଥିଲେ।ସୌଭାଗ୍ୟବଶତଃ ଯୁବତୀ ଜଣଙ୍କ ବଞ୍ଚି ଯାଇଥିବାର ଜଣାପଡିଛି।,ଦାଢାପାଟଣା ଗ୍ରାମର ମଙ୍ଗଳା ଛକରେ ରହୁଥିବା ସୁକାନ୍ତ ସାହୁ ନାମକ ବ୍ୟକ୍ତି ଗତ କିଛି ଦିନ ହେବ କିଡନୀ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ।ବୁଧବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ସୁକାନ୍ତ ସାହୁଙ୍କର ମୃତ୍ୟୁ ହୋଇଥିଲା।ଏହି ଖବର ତାଙ୍କ ଘରେ ପହଞ୍ଚିବା ପରେ ମୃତକଙ୍କ ୧୯ବର୍ଷୀୟା ଝିଅ ବାପାଙ୍କ ମୃତ ଖବର ପାଇ ଭାରସାମ୍ୟ ହରାଇ ଘର ପାଖରେ ଥିବା କୂଅକୁ ଡେଇଁ ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ଆସି ଯୁବତୀକୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ଯୁବତୀ ଜଣଙ୍କ ସୁସ୍ଥ ହୋଇ ଘରକୁ ଫେରିଥିବାର ଜଣାପଡିଛି।

# କଟକ ବଡ ଡାକ୍ତରଖାନା ଡାକ୍ତର କୋଭିଡ ଆକ୍ରାନ୍ତ , ସଂଖ୍ୟା ୨୧ ରେ ପହଞ୍ଚିଲା

କଟକ, (ସବ୍ୟୁ):କଟକ ଏସସିବିରୁ ଜଣେ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛି । ଆକ୍ରାନ୍ତ ଜଣକ ମେଡିକାଲର ଜଣେ ଡାକ୍ତର ହୋଇଥିବାବେଳେ ଏବେ ହୋମ କ୍ୱାରେଣ୍ଟାଇନରେ ରହିଛନ୍ତି । କଟକରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ବୁଧବାର ସହରରୁ ସମୁଦାୟ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତ ମାନେ ଏସସିବିର ଜଣେ ଡାକ୍ତରଙ୍କ ସମେତ କଲ୍ୟାଣୀନଗର, ସିଡିଏ ସେକ୍ଟର-୯, ଶଙ୍କରପୁର, ଯୋବ୍ରା, କଲେଜଛକ, ମର୍କତନଗର, ତେଲେଙ୍ଗା ବଜାର, ମଠସାହି ଅଞ୍ଚଳର ରହିଛନ୍ତି । କୌଣସି ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ନଥିବା ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଏନେଇ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ୯ ଜଣଙ୍କ ମଧ୍ୟରୁ ୩ଜଣ ଆର୍ଟିଫିସିଆଲ ପରୀକ୍ଷା କରାଇଥିବାବେଳେ ୬ଜଣ ଆଣ୍ଟିଜେନ ପରୀକ୍ଷା କରାଇଥିଲେ । ଦୁଇଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ମେଡିକାଲରେ ଚିକିତ୍ସା ହେଉଥିବା ଶ୍ରୀ ହୋତା କହିଛନ୍ତି । ରବିବାର ସୁଦ୍ଧା କଟକରୁ ୧୨ ଜଣ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୧ରେ ପହଁଚିଛି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଏସସିବିର ଡାକ୍ତର ଥିବାବେଳେ ଏବେ ଏହା ଚିନ୍ତାର କାରଣ ପାଲଟିଛି ।

# ଏକନମ୍ବର ହାଟରେ ଡ୍ରଗ୍ସ ଇନ୍ସପେକ୍ଟର, ଏସ୍‌ଟିଏଫ୍ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଏକ ନମ୍ବର ହାଟରେ ଡ୍ରଗ୍ସ ଇନ୍ସପେକ୍ଟର ଓ ଏସ୍‌ଟିଏଫ୍ ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ଜର୍ଦ୍ଦା ଓ ଗୁଟ୍‌ଖା ପ୍ରଭୃତି ଜବତ କରିଛନ୍ତି । ନିଷିଦ୍ଧ ଜର୍ଦ୍ଦା ଓ ଗୁଟ୍‌ଖା ପ୍ରଭୃତି ଏକ ନମ୍ବର ହାଟରେ ହୋଲ୍‌ସେଲିଂ କରାଯିବା ସହ ଖୁଚୁରାରେ ବିକ୍ରି ହୁଏ । ଏ ସମ୍ପର୍କରେ ଖବର ପାଇବା ପରେ ଡ୍ରଗ୍ସ ଇନ୍ସପେକ୍ଟର ଓ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ବିପୁଳ ପରିମାଣର ସାମଗ୍ରୀ ଜବତ କରିଛନ୍ତି । ଏକ ନମ୍ବର ହାଟରେ ଜର୍ଦ୍ଦା ଓ ଗୁଟ୍‌ଖାର ହୋଲ୍‌ସେଲିଂ କରାଯାଉଥିବାରୁ ସେଠାରେ ଚଢାଉ କରାଯାଇଥିବା ଚଢାଉରେ ସାମିଲ ସଦସ୍ୟ କହୁଥିବା ବେଳେ ୪ ନମ୍ବର, ଚନ୍ଦ୍ରଶେଖରପୁର, କଟକରୋଡ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାଖ, ସିଆର୍‌ପି, ନୂଆପଲ୍ଲୀରେ ମଧ୍ୟ ଜବତ ହୋଇଥିବା ସାମଗ୍ରୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି । ସହରର ସବୁଆଡେ ଗୁଟ୍‌ଖା ବିକ୍ରି କରାଯାଉଥିବା ବେଳେ ସେସବୁ ସ୍ଥାନରେ ଚଢାଉ ହେବ ନା ନାହିଁ ପଚରାଯିବାରୁ ଡ୍ରଗ୍ସ ଇନ୍ସପେକ୍ଟର କହିଥିଲେ, ଆଗାମୀ ଦିନରେ ପଦକ୍ଷେପ ନିଆଯିବ । କିଛିଦିନ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ଗୁଟ୍‌ଖା ପ୍ରଭୃତି ଜବତ କରାଯାଇଥିଲା । କିଛି ମାସ ହେବ ଚଢାଉ ଆଦୌ ନହେବାରୁ ବ୍ୟବସାୟୀଙ୍କ ଭୟ ଛାଡିଯାଇଛି । ହୋଲ୍‌ସେଲିଂ କରାଯିବା ସହ ଏହି ବିପଜ୍ଜନକ ଜର୍ଦ୍ଦା ଓ ଗୁଟ୍‌ଖା ବିପୁଳ ମାତ୍ରାରେ ଚାରିଆଡେ ବିକ୍ରି ହେଉଛି ।

# ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭର୍ସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମର ଶୁଭାରମ୍ଭ




ଭୁବନେଶ୍ୱର, (ସବ୍ୟୁ): ବୁଧବାର ପ୍ରଦେଶ ଛାତ୍ରକଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରେସ୍‌ବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦେଖାଯାଇଥିବା ଅନେକ ପ୍ରାକୃତିକ ବିପର୍ଯ୍ୟ ଯଥା ବାତ୍ୟା, ବନ୍ୟା, ବଜ୍ରଘାତ ଓ ଭୂସ୍କଳନକୁ ଏଡାଇବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତାକୁ ଦୃଷ୍ଟି ଆଗରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭରସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ମାଟିଲେ ପିତମି ଦ୍ୱାରା ରାଜ୍ୟରେ ଥିବା ବିଭିନ ,ବିଶ୍ୱବିଦ୍ୟାଳୟ ଓ ପ୍ରାୟ ୮୦୦ ମହାବିଦ୍ୟାଳୟରେ ପ୍ରାୟ ୧୦ଲକ୍ଷ ବୃକ୍ଷ ଲଗାଇବାକୁ ଲକ୍ଷର ଖାଯାଇଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ୧୦ ହଜାରମିବଲ୍ ବନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଉଦିତ୍ ପ୍ରଧାନଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ପ୍ରଦେଶକୁ ସବୁଜ ସୁନ୍ଦର କରିବା ପାଇଁ ଛାତ୍ର କଂଗ୍ରେସ ସଭାପତିଙ୍କ ଉଦ୍ୟମକୁ ସାଧୁବାଦ୍ ଜଣାଇଥିଲେ ।

# ୧୦ ଚାରିଚକିଆ ଜବତ, ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ଚାରିଚକିଆ ଗାଡି ଚୋରି ରାକେଟ୍‌ର ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଟି ଗାଡି ଜବତ କରିଛି । ବୁଧବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସାମ୍ବାଦିକ ସମ୍ମିଳନୀ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ପୁରୀର ବିଭିନ୍ନ ପାର୍କିଂ ସ୍ଥାନରେ ଥୁଆ ହୋଇଥିବା ଚାରିଚକିଆ ଯାନକୁ ନକଲି ଚାବି ସହାୟତାରେ ପିପିଲିର ଅର୍ମାନ ଶାହା (୨୫), ଇଫ୍‌ତିକାର ଆଲାମ୍ (୨୩) ଗାଡିକୁ ଖୋଲି ଚୋରି କରି ନେଇଥାନ୍ତି । ଏ ସମ୍ପର୍କରେ ଲକ୍ଷ୍ମୀସାଗର ଥାନା ପୋଲିସ ଜାଣିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ କହିବାନୁଯାୟୀ ଗୋଟିଏ ପରେ ଗୋଟିଏ ଗାଡି ଜବତ ହେଲା । ଜବତ ହୋଇଥିବା ଗାଡି ମଧ୍ୟରେ ସ୍କର୍ପିଓ ୨ଟି, ବୋଲେରୋ-ପିକ୍‌ଅପ୍ ୩ଟି, ଟାଟାଏସି ୩ଟି, ଗୋଟିଏ ଟାଟା ୱିଙ୍ଗର ଥିବା ପୋଲିସ କହିଛି ।

ଗିରଫ ଦୁଇ ଅଭିଯୁକ୍ତଙ୍କ ନାଁରେ ବଡଗଡ, ଲକ୍ଷ୍ମୀସାଗର, ମୈତ୍ରୀବିହାର, ଖଣ୍ଡଗିରି, କଟକସଦର, ନିମାପଡା ଚାରିଛକ ପ୍ରଭୃତି ଥାନାରେ ୯ଟି ମାମଲା ରହିଛି । ଗାଡିକୁ ଗୋରୁ ବୁହାଇବା କାର୍ଯ୍ୟରେ ନିୟୋଜିତ କରିବା ସହ କେତେକ ଗାଡିକୁ ବିକ୍ରି ମଧ୍ୟ କରିଦେଉଥିଲେ । ଯେଉଁ ଗାଡି ବିକ୍ରି ହେଉନଥିଲା, ତାକୁ କାଟି କବାଡିଆକୁ ବିକ୍ରି କରିଦେଉଥିଲେ । ଗିରଫ ଦୁଇଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଡିସିପି ଜଗମୋହନ ମିନା ଉପସ୍ଥିତ ରହିଥିଲେ । କେତେକ ଗାଡି ମାଲିକଙ୍କୁ ଆଜି ସାମ୍ବାଦିକ ସମ୍ମିଳନୀ ମଧ୍ୟରେ ଗାଡି ଫେରାଯିବାର ଟୁକନ ଦିଆଯାଇଛି ।

# ବେଦାନ୍ତ ଆଲୁମିନିୟମ-ପିଡବ୍ଲ୍ୟୁସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପରିବେଶ ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରଥମ ଥର ପାଇଁ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର କାର୍ଯ୍ୟରେ ସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା ପାଇଁ ପିଡବ୍ଲୁସି ଇଣ୍ଡିଆ ସହିତ ଏହାର ସହଭାଗୀତା ଘୋଷଣା କରିଛି । ଡିକାର୍ବୋନାଇଜେସନ, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ କେନ୍ଦ୍ରିତ, ଏହି ସହଯୋଗ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବା ତଥା ୨୦୩୦ ସୁଦ୍ଧା ନେଟ୍ ଜଳ ସକାରାତ୍ମକତା ଏବଂ ଜୈବ ବିବିଧତାର କୌଣସି ନେଟ୍ କ୍ଷତି ସୁନିଶ୍ଚିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ । ପ୍ରାରମ୍ଭରେ ବେଦାନ୍ତର ଝାରସୁଗୁଡା ସ୍ମେଲ୍ଟର ଚାରିପାଖରେ ଜୈବ ବିବିଧତା ପ୍ରକଳ୍ପ ଉପରେ କେନ୍ଦ୍ରିତ, ଏହି ସହଭାଗୀତା



ବର୍ତ୍ତମାନ ଏହାର ସମସ୍ତ କାର୍ଯ୍ୟକ୍ଷମ ଅଞ୍ଚଳ ଗୁଡ଼ିକରେ ବିସ୍ତାରିତ ହେବ ଏବଂ ଡିକାର୍ବନାଇଜେସନ୍, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଧ୍ୟାନ ଦେବ, ଯାହା କମ୍ପାନୀର ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀତ୍ୱକୁ ଏକୀକୃତ କରିବାରେ ଏକ ପ୍ରମୁଖ ପଦକ୍ଷେପ ଅଟେ । ପିଡବ୍ଲ୍ୟୁସି ସହିତ ସହଭାଗୀତା ଉପରେ ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ପ୍ରକାଶ କରିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମର 'ଭଲ ପାଇଁ ପରିବର୍ତ୍ତନ' ଦର୍ଶନ ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ପ୍ରତିବଦ୍ଧତାର ମୂଳଦୁଆ। ପିଡବ୍ଲୁସି ସହିତ ଏହି ସହଯୋଗ ସ୍ଥାୟୀ ଅଭିବୃଦ୍ଧି ଚଳାଇବା ଏବଂ ପରିବେଶଗତ ପରିଚାଳନାକୁ ଚାମ୍ପିଅନ କରିବା ପାଇଁ ଆମର ଅଟଳ ସମର୍ପଣକୁ ଉଦାହରଣ ଦିଏ।




# ଜଗବନ୍ଧୁ ହୁଡାସାହିରେ ଯୁବକଙ୍କୁ ହତ୍ୟା ମାମଲା, ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଗବନ୍ଧୁ ହୁଡା ସାହି ଠାରେ ହରିଡାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ(୨୨)ଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲରେ ବଡବଜାର ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଫେରାର ରହିଥିବା ବେଳେ ପୁଲିସ ତାଙ୍କ ବାପା-ମାଆ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଳିଆଙ୍କ ବାପା ତଥା ଜଗବନ୍ଧୁ ହୁଡା ସାହିର ଭାସ୍କର ନାୟକ(୫୫), ତାଙ୍କ ମାଆ ସୁଦକ୍ଷା ନାୟକ(୪୫), ଭାଇ କାଳିଆ ନାୟକ(୫) ଏବଂ ୨ ସହଯୋଗୀ ପାଟପୁର କଂସାମାରୀର ଏସ ଶଙ୍କର ଦୋରା(୧୯) ଓ ଲୋଚାପଡା କେନାଲ ସାହିର କାର୍ତ୍ତିକେଶ୍ୱର ମେହେର(୨୬) । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ ଜବତ କରିଛି ।



ଏପ୍ରିଲ ୨୦ ତାରିଖ ରାତିରେ ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଠାକୁରାଣୀ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଆଗା ସାହି ଛକ ଠାରେ ଜଗବନ୍ଧୁ ହୁଡା ସାହିର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ରାଜନା ପାତ୍ର ଆଗାସାହି ଛକ ଠାରେ ବଳିଆଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ବଳିଆ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଦ୍ୟାଧର ଓ ତାଙ୍କ ସହଯୋଗର ରାଜନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ବଳିଆ ଓ ତାଙ୍କ ସହଯୋଗୀମାନେ ଯୋଜନା କରି ରଖିଥିଲେ । ବିଦ୍ୟାଧର ଓ ରାଜନା କିଛି ଦିନ ଜେଲରେ ରହିବା ପରେ ମେ ୧୬ ତାରିଖରେ ଜେଲରୁ ଜାମିନରେ ମୁକୁଳିଥିଲେ । ସେହି ଦିନ ଠାରୁ ବିଦ୍ୟାଧରଙ୍କ ଗତିବିଧି ଉପରେ ବଳିଆ ଓ ତାଙ୍କ ସହଯୋଗୀମାନେ ନଜର ରଖି ଆସୁଥିଲେ । ସୁଯୋଗ ଦେଖି ଆକ୍ରମଣର ପ୍ରତିଶୋଧ ନେବେ ବୋଲି ସମସ୍ତ ପ୍ରସ୍ତୁତି କରି ରହିଥିଲେ ।

ସୋମାବାର ବିଳମ୍ବିତ ରାତିରେ ବିଦ୍ୟାଧର ଓ ତାଙ୍କ ସାଙ୍ଗ ନରସିଂହ ସାହୁ ବ୍ରହ୍ମପୁର ରେଳ ଷ୍ଟେସନରୁ ନିଜ ଘରକୁ ଫେରୁଥିବା ବେଳେ ସାନବଜାର ଛକ ଠାରେ ବଳିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଅପହରଣ କରି ଜଗବନ୍ଧୁ ସାହିକୁ ନେଇଥିଲେ । ସେଠାରେ ବିଦ୍ୟାଧରଙ୍କୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରିଥିଲେ । ଏହାର ପ୍ରତିବାଦ କରିବାକରୁ ନରସିଂହଙ୍କୁ ମଧ ଆକ୍ରମଣ କରିଥିଲେ । ବିଦ୍ୟାଧର ଅଚେତ ହୋଇ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ଆହତ ନରସିଂହ ସେଠାରୁ ଯାଇ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ କହିବା ପରେ ବିଦ୍ୟାଧରଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ହତ୍ୟା ପଛରେ ମୁଖ୍ୟ ଅଭିଯୁକ୍ତ ବଳିଆ ସମେତ ତାଙ୍କ ଭାଇ ଓ ବାପା ମାଆଙ୍କ ସଂପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା । ବିଦ୍ୟାଧରଙ୍କ ବାପା ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରଥିଲା । ଆଜି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ଥିବା ବଳିଆ ଓ ତାଙ୍କ ଅନ୍ୟ ଜଣେ ଭାଇଙ୍କୁ କାବୁ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ।

## ମାମଲା ରଫାଦଫା ପାଇଁ ଲାଞ୍ଚ
# ମହିଳା ପୋଲିସ ଏଏସଆଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ମହିଳା ଥାନାର ଜଣେ ମହିଳା ପୋଲିସ ଏଏସଆଇ ବବିତା ସୁନା ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାବୁଡ଼ରେ ଧରାପଡିଛନ୍ତି । ମାମଲା ନଂ ୭/୨୫ ରେ ତାଙ୍କୁ ଗିରଫ କରାଯାଇଛି ।



ପ୍ରକାଶ ଯେ, ଉକ୍ତ ମହିଳା ଏଏସଆଇ ଜଣଙ୍କ ଏକ ନିର୍ଯାତନା ମମାଲର ତଦନ୍ତକାରୀ ଅଧିକାରୀ ଥିଲେ । ଉକ୍ତ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫର ଭୟ ଦେଖାଇଥିଲେ । ମାମଲା ରଫାଦଫା ପାଇଁ ଉକ୍ତ ପୋଲିସ ଏଏସଆଇ ଅଭିଯୁକ୍ତଙ୍କୁ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ । ଶେଷରେ ୧୦ ହଜାର ଟଙ୍କା ଲାଞ୍ଚ ଦେଲେ ଉକ୍ତ ମାମଲାରୁ ତାଙ୍କୁ ଓ ତାଙ୍କ ମା'ଙ୍କ ନାମ ବାଦ ଦିଆଯିବ ବୋଲି କହିଥିଲେ । ପରେ ଉକ୍ତ ବ୍ୟକ୍ତି ଜଣଙ୍କ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ବୁଧବାର ପୂର୍ବାହ୍ନରେ ମହିଳା ଥାନାକୁ ଯାଇ ଉକ୍ତ ଏଏସଆଇଙ୍କୁ ଭେଟି ଦାବି ମୁତବାକ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ଚଢଉ କରି ଲାଞ୍ଚ ବାବଦ ଟଙ୍କା ପୋଲିସ ନିକଟରୁ ଜବତ କରିଥିଲା । ଉକ୍ତ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଟିମ ଅଭିଯୁକ୍ତ ପୋଲିସ ନିକଟରୁ ଜବତ କରିଛି । ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ ଚଢଉ ଜାରି ରହିଛି ବୋଲି ଏସପି ସୂଚନା ଦେଇଛନ୍ତି ।

# ପିପୁଲ୍ଲି କଲେଜରେ ନୂଆ ଅଧ୍ୟକ୍ଷ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ଲି କଲେଜରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ସୋନପୁର ଜିଲ୍ଲାର ଧର୍ମଶାଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଆ ବିଭାଗୀୟ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ତେବେ ନୂତନ ଅଧ୍ୟକ୍ଷ କାର୍ଯ୍ୟରେ ଯୋଗଦାନ କରିବା ପରେ କଲେଜର ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସମେତ ଅଧାପକ ଓ କର୍ମଚାରୀଗଣ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେ ଦାୟିତ୍ୱ ଗ୍ରହଣ ପରେ କଲେଜର ଶୈକ୍ଷିକ ସହିତ ଆନୁଷାଙ୍ଗିକ କ୍ଷେତ୍ରର ବିକାଶ ଦିଗରେ ଯଥାସାଧ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ୩ ଚୋରଙ୍କୁ କାବୁ କଲେ ଗ୍ରାମବାସୀ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଥାନା ଅଧିନ ଦିବ୍ୟସିଂହପୁର ଗ୍ରାମରେ ଚୋରି ବୃଦ୍ଧି ପାଉଥିଲା। ଥାନାରେ ଏନେଇ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ସେମାନଙ୍କ ଟେର ପାଇପାରୁନଥିଲା। ଏନେଇ ଚୋରକୁ କାବୁ କରିବା ପାଇଁ ଗ୍ରାମର କିଛି ଯୁବକ ଜଗି ରହୁଥିଲେ। ଶେଷରେ ସେମାନେ ସଫଳ ମଧ ହୋଇଥିଲେ। ଗତକାଲି ବିଳମ୍ବିତ ରାତ୍ରରେ ଗୋଟିଏ ଓମିନ କାର ନଂ ଓଡି୦୨ୟୁ୪୮୧୫ ଯୋଗେ ତିନି ଜଣ ଯୁବକ ଦିବ୍ୟସିଂହପୁର ଗ୍ରାମକୁ ଯିବାବେଳେ ଚୋରି ସନ୍ଦହରେ ସେମାନଙ୍କୁ କାବୁ କରିଥିଲେ ଗ୍ରାମବାସୀ। ସେଥିରୁ ଦୁଇ ଜଣ ଯୁବକ ଗାଡି ଛାଡି ଦୌଡି ଅନ୍ୟ ଏକ ସ୍ଥାନରେ ଲୁଚି ଯାଇଥିବା ବେଳେ ଅନ୍ୟ ଜଣକୁ କାବୁ କରିଥିଲେ ଗ୍ରାମବାସୀ। ଗାଡିରେ ଗ୍ୟାସ ସିଲିର, ପାଇପ ଏବଂ ଚୋରିରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ଥିବା ଦେଖିଥିଲେ। ଏନେଇ ସେମାନେ ଛତ୍ରପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ସହ ଜଣକୁ ଥାନକୁ ଆଣିଥିଲେ । ପୁଣି ଆଜି ସକାଳୁ ଅନ୍ୟ ଦୁଇ ଜଣକୁ ମଧ ଗ୍ରାମବାସୀ କାବୁ କରି ପୁଲିସକୁ ଜିମା ଦେଇଥିଲେ। ବର୍ତ୍ତମାନ ତିନିଜଣ ଯୁବକକୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି । ଏହି ତିନି ଜଣ କେଉଁ ବଡ ଚୋରି ଘଟଣା ଘଟାଇବାକୁ ଯାଉଥିଲେ ଏବଂ କେଉଁ କେଉଁ ଅଚଂଳରେ ଚୋରି କରିଛନ୍ତି ତାହାର ତଦନ୍ତ କରୁଛି । ତେବେ ଅଟକ ତିନି ଜଣ ଛତ୍ରପୁର ଅଚଂଳର ବୋଲି ଜଣାପଡିଛି । ସୂଚନା ଥାଉକି କିଛି ମାସ ହେଲା ଛତ୍ରପୁର ଥାନା ଅଚଂଳରେ ଦିନକୁ ଦିନ ଚୋରି, ଲୁଟ ଆଦି ବୃଦ୍ଧି ପାଉଥିବା ବେଳେ ଏଥିରେ ସଫଳତା ପାଇପାରୁନଥିଲା ପୁଲିସ ।

# ବିଷାକ୍ତ ମାଦକଦ୍ରବ୍ୟ ସେବନ, ଚୋରା କାରବାର ବିରୋଧରେ ସଚେତନତା ରଥ ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଶ୍ୱ ତମାଖୁ ବର୍ଜନ ଦିବସ ଠାରୁ ନିଶା ସେବନ ଓ ବେଆଇନ ମଦ କାରବାର ନିରୋଧ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ସଚେତନତା ଅଭିଯାନ (ଜୁନ୍-୨୬ପର୍ଯ୍ୟନ୍ତ) ଚାଲିବ । ରାଜ୍ୟବ୍ୟାପି କରାଯାଉଥିବା ଏହି ଅଭିଯାନର ଶୀର୍ଷକ ରହିଛି ଆମ ସଂକଳ୍ପ - ନିଶା ନୁହେଁ, ଜୀବନ' । ଗାଁରୁ ସହର ସମ୍ପୂର୍ଣ୍ଣ ଓଡିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରାଜ୍ୟ ସରକାର, ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସୁସଂଯୋଜିତ ଏବଂ ବ୍ୟାପକ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅବସରରେ ଗାଁ ଗାଁରେ ଗଡିବ ସଚେତନତା ରଥ । ଗଣମାଧମର ସହଯୋଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ।



ଏହି କ୍ରମରେ ଆଜି ଜିଲ୍ଲା ଅବକାରୀ ବିଭାଗ ତରଫରୁ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ସହର ପରିକ୍ରମା କରି ମାଦକ ଓ ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ଏବଂ ଅପମିଶ୍ରିତ ବିଷାକ୍ତ ଚୋରା ମଦ କାରବାର ବିରୋଧରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବ ।

ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାଏକ, ଅବକାରୀ ନିରୀକ୍ଷକ ଶ୍ରୀଧର ମହାନ୍ତି, ବାରିପଦା ସଦର ଅବକାରୀ ଥାନା ଅଧିକାରୀ ବ୍ରଜମୋହନ ମଲ୍ଲିକ, କୁଳିଅଣା ଅବକାରୀ ଥାନା ଅଧିକାରୀଣି ଜ୍ଞାନେଶ୍ୱରୀ ବିଶ୍ୱାଳ, ଦେଉଳି ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରା, ବେତନଟି ଅବକାରୀ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ଖୁଣ୍ଟା ଅବକାରୀ ଥାନା ଅଧିକାରୀଣି ମମତା ଦାଶ, ଉଦଳା ଅବକାରୀ ଥାନା ଅଧିକାରୀଣି ସୁଭଦର୍ଶିନୀ ସାହୁ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମେଳାରେ ଯୁବତୀଙ୍କ ପର୍ସ ଚୋରି

ବ୍ରହ୍ମପୁର, (ସବ୍ୟୁ): ଲାଞ୍ଜିପଲିରେ ମା'ତାରା ଦେବୀ ଠାକୁରାଣୀଙ୍କ ଯାତ୍ରା ଚାଲିଛି । ସେଠାରେ ଅନୁଷ୍ଠିତ ହେଉଥିବା ମିନା ବଜାର (ମେଳା) ଦେଖିବାକୁ ଯାଉଥିବା ଜଣେ ଯୁବତୀଙ୍କ ପର୍ସ ଚୋରି ହୋଇଯାଇଥିଲା । କେହି ଦୁର୍ବୃତ୍ତ ଭିଡର ସୁଯୋଗ ନେଇ ପର୍ସ ଚୋରି କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପର୍ସ ଭିତରେ ଥିବା ତାଙ୍କର ଆଧାରକାର୍ଡ, ଗାଡି ରେଜିଷ୍ଟ୍ରେସନ କାର୍ଡ, ପାସପୋର୍ଟ, ଏଟିଏମ କାର୍ଡ ଓ ୫ ହଜାର ଟଙ୍କା ଥିବା ନେଇ ସେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି । ପୋଲିସ ୨୭୦/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଯେ, ଅଳକାପୁରୀରେ ରହୁଥିବା ଉକ୍ତ ଯୁବତୀ ଜଣଙ୍କ ଗତ ୩ ତାରିଖ ସନ୍ଧ୍ୟାରେ ସେଠାରେ ଲାଗିଥିବା ମେଳା ଦେଖିବାକୁ ଯାଉଥିଲେ । ରାସ୍ତାରେ ତାଙ୍କର ପର୍ସଟିକୁ କେହି କୌଶଳକ୍ରମେ ଚୋରି କରି ନେଇଯାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

# ଗଡିଆ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟରେ ଯୋଗଦାନ



ବାରିପଦା, (ସବ୍ୟୁ) : ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥ ଶ୍ରୀମା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧାପିକା ଡଃ ସ୍ମିତା ଭଞ୍ଜ ନୂତନ ଅଧକ୍ଷା ତଥା ସମ୍ପାଦିକା ଭାବେ ଭାରପ୍ରାପ୍ତ ଅଧକ୍ଷ ଡଃ ଜଗନ୍ନାଥ ସାଥୁଆଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ମହାବିଦ୍ୟାଳୟର ଉପସ୍ଥିତ ଅଧାପକ, ଅଧାପିକା ଏବଂ ଅଣଶିକ୍ଷକ କର୍ମଚାରୀ ମାନେ ନୂତନ ଅଧକ୍ଷାଙ୍କୁ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବା ବେଳେ ସେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ସ୍କୁଟି ପୋଡି : ଜଣେ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସ୍କୁଟି ପୋଡିବା ଅଭିଯୋଗରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଗିରଫ ଜଣକ ହେଲେ ଡେଙ୍ଗାପଦର ଗାଁ ଆଡୁଆସାହିର ଲାଲୁ ସ୍ୱାଇଁ (୫୨) । ସେହି ଗ୍ରାମର ସନ୍ତୋଷ ଭୂୟାଁଙ୍କ ପତ୍ନୀ ବୁଲି ଭୂୟାଁଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ୍ ନଂ ୩୫୫/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ମେ ୩୧ ତାରିଖ ରାତିରେ ବୁଲି ତାଙ୍କ ପୁଅଝିଅଙ୍କୁ ଧରି ଘରେ ଶୋଇଥିବା ବେଳେ ବାହାରେ ଥିବା ସ୍କୁଟିରେ ନିଆଁ ଲାଗିଥିବା ନେଇ ଜନୈକ ସାହିବାସିନ୍ଦାଙ୍କଠାରୁ ଖବର ପାଇ ସେ ବାହାରକୁ ଆସି ସ୍କୁଟିଟି ହୁତୁହୁତୁ ଜଳୁଥିବାର ଦେଖିବାକୁ ପାଇଥିଲେ। ପାରିବାରିକ ବିବାଦକୁ ନେଇ କିଛି ଦିନ ତଳେ ଲାଲୁ ତାଙ୍କର ସ୍କୁଟିଟିକୁ ପୋଡି ଦେବାର ଧମକ ଦେଇଥିଲେ। ତେବେ ଏହି ସ୍କୁଟି(ନଂ-ଓଡି ୦୭ ଏଭି ୭୧୧୩) ପୋଡି ଘଟଣାରେ ଲାଲୁଙ୍କୁ ଦାୟୀ କରି ବୁଲି ଜୁନ୍ ୧ ତାରିଖ ଦିନ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ଦରପୋଡା ସ୍କୁଟି ଏବଂ ପେଟ୍ରୋଲ୍ ବାସ୍ନା ହେଉଥିବା ପ୍ଲାଷ୍ଟିକ ବୋତଲକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଅଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ସର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବ୍ୟାପକ ଅନିୟମିତତା ଓ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଯୋଗୁଁ କଲେଜ ଅଧକ୍ଷ ଏବଂ ଦୁଇଜଣ ଅଧାପକ ଅଧାପିକାଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ହେଲା କଲେଜ କର୍ତ୍ତୃପକ୍ଷଙ୍କ ପରୀକ୍ଷା କରାଇବାରେ ଅନିୟମିତତା ଏବଂ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷାର ରେଜଲ୍ଟ ବାହାର କରା ନଯାଇ ଛାତ୍ରଛାତ୍ରୀ ମାନଙ୍କୁ ଭୟଭୀତ କରାଇବା, ଫେଲ କରାଇଦେବା କହି ଧମକ ଦେବା ଏବଂ ଛାତ୍ରଛାତ୍ରୀ ମାନଙ୍କ ଠାରୁ ବେଆଇନ ଜୋରିମାନା ଆଦାୟ କରିବାର ଅଭିଯୋଗ କରାଯାଇଛି। ପୂର୍ବରୁ ଛାତ୍ରଛାତ୍ରୀ ମାନେ କଲେଜର ଅନିୟମିତତାକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା, ଏଥିରେ ଅତୀଷ୍ଟ ହୋଇ କଲେଜ ଅଧକ୍ଷ ୫୪ ଜଣ ପିଲାଙ୍କୁ ଫେଲ୍ କରାଇବାର କହି ଧମକ ଦେଇ ୨୩ ଜଣ ପିଲାଙ୍କୁ ୧ ରୁ ୪ ମାର୍କ ନେଇ ଫେଲ୍ କରାଇଥିଲେ। ଏହା ବିଭିନ୍ନ ସାମାଜିକ ଗଣମାଧମରେ ପ୍ରକାଶ ପାଇଥିଲା। ଏହାକୁ ଭିତି କରି ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଗଣମାଧମରେ ଖବର ପ୍ରସାର ହେବା ଦ୍ୱାରା ପେପର୍ ଆଉଟ୍ କଲେ କଣ ତମେ ମାନେ ପାସ୍ ହେଇଯିବ କହି ପିଲାମାନଙ୍କୁ କଟାକ୍ଷ କରି ମାନସିକ ସ୍ତରରେ ଦବାଇବାକୁ ଚେଷ୍ଟା କରିଥିଲେ। ଇଚ୍ଛା ମୁତାବକ ପରୀକ୍ଷା କରାଇବା, ଛାତ୍ରଛାତ୍ରୀ ମାନେ ଉକ୍ତ ଅଧାପକ ଅଧାପିକାଙ୍କ ବ୍ୟକ୍ତିଗତ କାମରେ ଲଗାଇବା, କଥା ନମାନିଲେ ତାଙ୍କୁ ଫେଲ୍ କରାଇବା ଏବଂ ଅଧକ୍ଷଙ୍କୁ ଦାବି ଜଣାଇଲେ ଛାତ୍ରଛାତ୍ରୀଙ୍କୁ ଗେଟ୍ ଆଉଟ୍ କହି ଅସଦ ଆଚରଣ କରିବା, କଲେଜ ଅଧକ୍ଷ ପ୍ରଫେସର୍ ବିପିନ ବିହାରୀ ଖୁଣ୍ଟିଆ, ଅଧାପିକା ଡ଼ା. ସ୍ୱପ୍ନା ସ୍ୱୟମ୍ ପ୍ରୟା, ଅଧାପକ ଡା. ସୁବ୍ରତ କୁମାର ଓଝାଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରଛାତ୍ରୀ ଅଧକ୍ଷ ଓ ଏହି ଦୁଇଜଣ ଅଧାପକ ଓ ଅଧାପିକାଙ୍କ ବଦଳି କରାଇବା ଦାବିକୁ ନେଇ ଅର୍ନିଦିଷ୍ଟ କାଳ ଯାଏଁ ଧାରଣା ଦେଇଛନ୍ତି। ଉକ୍ତ ଧାରଣାରେ ଏବିଭିପି ପୂର୍ବ ପ୍ରାନ୍ତ ଜିଜ୍ଞାଶା ସହ-ସଂଯୋଜୋକ ବିଶ୍ୱଜିତ ରଣା, ରାହୁଲ୍ କୁମାର୍ ଉପାଧାୟ ଓ ନିତ୍ୟ ସୁନ୍ଦର ଦାସ୍ ନେତୃତ୍ୱ ଗ୍ରହଣ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ରଛାତ୍ରୀଙ୍କ ସମସ୍ୟା ବିଷୟରେ ଆଲୋଚନା କାରିବା ସହିତ ସରକାର ଏବଂ ପ୍ରଶାସନକୁ ସଠିକ କାର୍ଯ୍ୟନୁଷ୍ଠାନ ଦାବି କରିବା ସହିତ ଉକ୍ତ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଏବିଭିପି ଆନ୍ଦୋଳନ ରତ ଛାତ୍ରଛାତ୍ରୀଙ୍କ ମାନଙ୍କ ସହିତ ରହିବ ବୋଲି ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତ ସୋସିଆଲ ମିଡ଼ିଆ ସଂଯୋଯୋକ ସୁନୀଲ କୁମାର ଦୋରା କହିଛନ୍ତି । ଏଥିରେ ବ୍ରହ୍ମପୁର ନଗର ବିଦ୍ୟାର୍ଥୀ ବିସ୍ତାରକ ଅଧିର ରଞ୍ଜନ ସ୍ୱାଇଁ, ସୋନତ୍ ବେହେରା ଉପସ୍ଥିତ ଥିଲେ।

# ଦୁର୍ଘଟଣା ଡାକୁଛି ବୁଗୁଡ଼ା-ପୋଲସରା ମୁଖ୍ୟ ରାସ୍ତାକଡ ଶୁଖିଲା ଗଛ

ବୁଗୁଡା, (ସବ୍ୟୁ): ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଳିଆ ଗାଁ ନିକଟସ୍ଥ ମୋହିଦଣ୍ଡାଠାରେ ଏକ ବିରାଟ ଶୁଖିଲା ଥୁଣ୍ଟା କାକପୋଇ ଗଛ ବିପଦ ଶଙ୍କୁଳ ଅବସ୍ଥାରେ ରହିଥିବା ଜଣାଯାଇଛି । ଉକ୍ତ ଗଛଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିବ ତାହା କହି ହେଉନି । ଉକ୍ତ ମୁଖ୍ୟ ସଡକ ଦେଇ ଶତାଧିକ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯାତାୟାତ କରନ୍ତି । ରାସ୍ତା କଡରେ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି । ଗତ ୨୫-୦୨-୨୦୨୩ ତାରିଖ ଦିନ ସେହି ଗଛକୁ ଧକ୍କା ଦେଇ ଗୋଳାବନ୍ଧ ଗ୍ରାମର ରାଜେନ୍ଦ୍ର ଜେନା ନାମକ ଜନୈକ ଟ୍ରକ୍ ଚାଳକ ମୃତ୍ୟୁ ବରଣ କରିଥିଲେ। ପ୍ରଶାସନିକ ଉଦାସୀନତା ହେତୁ ସେହି ଟ୍ରକଟି ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଦ୍ୟାବଧି ସେହି ଗଛକୁ ଲାଖିକରି ରହିଥିବା ବେଳେ ଗତ ୧୧-୦୪-୨୦୨୩ ତାରିଖ ସକାଳେ ଦୁର୍ଘଟଣାଗ୍ରସ୍ତ ସେହି ଟ୍ରକକୁ ଧକ୍କା ଦେଇ କାରରେ ଆସୁଥିବା ବୁଗୁଡା ଅରବିନ୍ଦନଗର ଅଞ୍ଚଳର ଏକ ପରିବାର ମାଆ ଓ ଦୁଇ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଫଳରେ ସେହି ଦୁର୍ଘଟଣା ସ୍ଥଳକୁ ଅତିକ୍ରମ କଲାବେଳେ ଜାଣିବା ଶୁଣିବା ଲୋକଙ୍କ ମନରେ ସେହି ପୁରୁଣା ମର୍ମନ୍ତୁଦ ଅଘଟଣ ଉଙ୍କି ମାରୁଥିବା ବେଳେ ଏବେ ଶୁଖିଲା ଥୁଣ୍ଟା ଗଛଟି ବିପଦର ଆଶଙ୍କା ଉପୁଜାଉଛି। ପ୍ରକାଶ ଥାଉ କି ଗତ ସପ୍ତାହରେ ଶରଣକୁଳ ଅଞ୍ଚଳର ଏକ ଦମ୍ପତ୍ତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଦୁହେଁ ଆହତ ହୋଇଥିଲେ । ତେଣୁ, ଭବିଷ୍ୟତରେ ସମ୍ଭାବ୍ୟ ବିପଦକୁ ଏଡାଇବା ସକାଶେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦୃଢ ଦାବି ହେଉଛି ।



# ବିଶିଷ୍ଟ କଳାକାର ଅଟଳବିହାରୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର, (ସବ୍ୟୁ) : ଜୁନ ୫ ତାରିଖ ୨୦୨୧ ହେଉଛି ବିଶିଷ୍ଟ କଳାକାର ଅଟଳବିହାରୀ ପଣ୍ଡାଙ୍କ ତିରୋଧାନ ଦିବସ । ତାଙ୍କୁ ଏହି ଶ୍ରାଦ୍ଧ ଦିବସରେ ଓଡ଼ିଶଶର ଅଗଣତି କଳାକାର, କଳାପ୍ରେମୀ, ନାଟ୍ୟପ୍ରେମୀ ଅଜସ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଉଛନ୍ତି । ବିଶେଷ କରି ସମ୍ବଲପୁରୀ ଭାଷା ଓ ସଂସ୍କୃତିର ଏହି ବିଶାଳ ବଟବୃକ୍ଷକୁ ସମ୍ମାନ ଓ ସ୍ମୃତି ଜଞ୍ଜାଳରେ ଶିରୋନାମା ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଅଟଳବିହାରୀ ପଣ୍ଡା, ଯାହାଙ୍କୁ ଲୋକପ୍ରିୟ ଭାବେ ଶଲା ବୁଢ଼ା ଭାବେ ଚିହ୍ନାଯାଏ । କେବଳ ଅଭିନେତା ନୁହଁ – ସେ ଥିଲେ ଏକ ସାହିତ୍ୟକ, ନାଟ୍ୟକାର, ଓ ଏକ ସଂସ୍କୃତି ରକ୍ଷକ । ସମ୍ବଲପୁରୀ ଭାଷାକୁ ସେ ଯେମିତି ମଞ୍ଚ ଓ ପୁସ୍ତକ ମାଧମରେ ଶାସ୍ୱତ କଲେ, ତାହା ଅନନ୍ୟ । ସେ ଲେଖିଥିଲେ ସମ୍ବଲପୁରୀ ଭାଷାର ପ୍ରଥମ ନାଟକ ଫଟା କପାଲ୍, ଯାହା ଏକ ଇତିହାସିକ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ପରେ ଲେଖିଲେ ଦେବୀ, ଏହା ହେଉଛି ପ୍ରଥମ ସମ୍ବଲପୁରୀ ଉପନ୍ୟାସ । ତାପରେ ଲେଖିଲେ ବନ୍ଧୁ ଉବାଚ, ସମ୍ବଲପୁରୀ ଭାଷାର ପ୍ରଥମ ଆତ୍ମଜୀବନୀ ।



ନାଟକ ଓ ସଂଗୀତରେ ସେ ଦେଖାଇଥିଲେ ନିଜ ପ୍ରତିଭା – ବହୁ ସମ୍ବଲପୁରୀ ଓ ଓଡ଼ିଆ ନାଟକ ଲେଖିଥିଲେ । ଗୀତ ରଚନା କରିଥିଲେ ଏବଂ ଅନେକ ନାଟକରେ ଅଭିନୟ କରିଥିଲେ । ଅଭିନୟ ଜଗତରେ ତାଙ୍କ ଅଦ୍ଭୁତ ଆଗମନ ହେଲା ୮୦ ବର୍ଷ ବୟସରେ, ଯେତେବେଳେ ସେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶଲା ବୁଢ଼ା ଚଳଚ୍ଚିତ୍ରରେ ଅଭିନୟ କଲେ । ତାଙ୍କ ଅଭିନୟରେ ଏତେ ପ୍ରଭାବ ପଡ଼ିଲା ଯେ ସେ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଲେ । ପରେ ସେ ଅଭିନୟ କଲେ ଆଦିମ ବିଚାର ଓ ଶଲା ବୁଢ଼ାର ବଦଳା – ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ଗାଁ ଜିମି ଜୀବନକୁ ମୁହାଁ ଦେଇଥିବା ଚଳଚ୍ଚିତ୍ର, ଯେଉଁଠାରେ ତାଙ୍କ ଅଭିନୟ ଅମର ହୋଇ ରହିଛି ।

କିନ୍ତୁ ଦୁଃଖର କଥା ହେଉଛି – ଏତେ ବଡ଼ ସଂସ୍କୃତି ସେବକ ଥିଲେ ମଧ ଯନ୍ତ୍ରଣା ଯେ, ତାଙ୍କ ନିଜ ଗାଁ ବିନିକା, ସୁବର୍ଣ୍ଣପୁର ଜିଲ୍ଲାରେ ଏପର୍ଯ୍ୟନ୍ତ ତାଙ୍କ ଏକ ପ୍ରତିମୂର୍ତ୍ତି ଅନ୍ତଃସ୍ଥାପିତ ହୋଇନାହିଁ । ନିୟମିତ ଭାବେ ଭାଷଣ ଓ ସଭା ହେଉଥିଲେ ମଧ, ସ୍ଥାୟୀ ସ୍ମୃତି ପାଇଁ ବ୍ୟବସ୍ଥା କରିବାରେ ପ୍ରଶାସନ ଅବସର ଘୋଷଣାରେ ବ୍ୟସ୍ତ ଥିଲେ ବୋଲି ଲାଗେ । ଜଣେ ସଂସ୍କୃତି ସୂର୍ଯ୍ୟଙ୍କୁ ଏମିତି ଅଦୃଶ୍ୟ କରିଦେବା କେତେ ଯୁକ୍ତିସଙ୍ଗତ । ତାଙ୍କ ସଂସ୍କୃତି ଯାତ୍ରା କେବଳ ପ୍ରସିଦ୍ଧି ପାଇଁ ନୁହଁ – ସେ ଏହି ଯାତ୍ରା କଲେ ଭାଷା ପାଇଁ, ଗାଁର ମାନ୍ୟତା ପାଇଁ ଓ ଗରିବ ଲୋକଙ୍କ କଥାକୁ ବହାର କରିବା ପାଇଁ । ସେ ସମ୍ବଲପୁରୀ ସଂସ୍କୃତିକୁ ଓଡ଼ିଶାର ମୁଖ୍ୟ ସାହିତ୍ୟ ଓ ଚଳଚ୍ଚିତ୍ର ରେଖାରେ ଆଣିଥିଲେ ।

ଆସନ୍ତୁ, ଏହି ଦିନରେ ଆମେ କେବଳ ତାଙ୍କୁ ଶ୍ରଦ୍ଧାଞ୍ଜଳି ନ ଦିଅ, ବରଂ ତାଙ୍କ ସାହିତ୍ୟ ପଢ଼ିବା, ତାଙ୍କ ଗୀତ ଗାଇବା, ତାଙ୍କ ନାଟକ ଅଭିନୟ କରିବା ମାଧମରେ ତାଙ୍କ ଆତ୍ମାକୁ ଶାନ୍ତି ଦିଅ । ଶଲା ବୁଢ଼ାର ମୃତ୍ୟୁ ନୁହଁ – ସେ ଆଜି ମଧ ବଞ୍ଚିଛନ୍ତି, ସମ୍ବଲପୁରୀ ଭାଷାର ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ କବିତା, ପ୍ରତ୍ୟେକ ଗୀତରେ । ଆଶା କରିବାକୁ ଇଚ୍ଛା ହୁଏ, ଗୋଟିଏ ଦିନ ସେ ମାନ୍ୟତା ନିଶ୍ଚିତ ମିଳିବ, କୋଟି କଳାପ୍ରେମୀ ଓ ନାଟକକୁ ଭଲପାଉଥିବା ମଣିଷଙ୍କ ମଧରେ । ଆଜି ଚତୁର୍ଥ ଶ୍ରାଦ୍ଧ ଉତ୍ସବରେ ନାତି ସୌମ୍ୟରଞ୍ଜନ ପୂଜାରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅନେକ କିଛି ଆଶା ରଖିଛନ୍ତି ।

# ସାଲେପୁର ଅଟୋନୋମସ କଲେଜର ଯୁକ୍ତ ୩ ଫଳାଫଳ

## ଆରାଧନା ନାୟକ ବେଷ୍ଟ ଗ୍ରାଜୁଏଟ୍, ଏଥର ବି ଝିଅମାନେ ଆଗରେ

ସାଲେପୁର,(ସବ୍ୟୁ) :ପ୍ରକାଶ ପାଇଲା କଟକ ଜିଲ୍ଲା ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର କଳା, ସାହିତ୍ୟ ଓ ବିଜ୍ଞାନର ଫଳାଫଳ । ଚଳିତ ବର୍ଷ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କୁ ମିଳିଛି ଅଧିକ ସଫଳତା । ମୋଟ ୫୭୬ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିରୁ ୫୫୭ ଜଣ କୃତକାର୍ଯ୍ୟ ହୋଇଛନ୍ତି ।

କଳାରେ ଶତକଡା ୯୬.୭୧ ପ୍ରତିଶତ, ବାଣିଜ୍ୟରେ ଶତକଡା ୯୪.୦୪ ପ୍ରତିଶତ ଏବଂ ବିଜ୍ଞାନରେ ୯୮.୫୮ ପ୍ରତିଶତ ପାସହାର ରହିଛି । ତେବେ କଳା ବିଭାଗରେ ଏଥର କଲେଜ ଟପ୍ପର ହୋଇଛନ୍ତି ତସ୍କିନ ଫତେମା , ବିଜ୍ଞାନ ରେ ଆରଧନା ନାୟକ ଏବଂ ବାଣିଜ୍ୟରେ ରାଜଶ୍ରୀ ସାହୁ ଟପ୍ପର ହୋଇଛନ୍ତି । ସବୁଠୁ ଅଧିକ ନମ୍ବର ରଖି ବେଷ୍ଟ ଗ୍ରାଜୁଏଟ ୨୦୨୫ ହୋଇଛନ୍ତି ବିଜ୍ଞାନ ବିଭାଗର ଛାତ୍ରୀ ଆରାଧନା ନାୟକ । ପରୀକ୍ଷା ଫଳ ଉନ୍ମୋଚନ ପାଇଁ ବୁଧବାର କଲେଜ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।




କଲେଜ ଅଧକ୍ଷା ଡ଼ଃ ସଂଗୀତା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏବଂ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏବଂ କଲେଜ ପରିଚାଳନା କମିଟି ସଭାପତି ଦିବ୍ୟ ଲୋଚନ ମହାପାତ୍ର , ପରୀକ୍ଷା ପରିଚାଳନା ନିୟନ୍ତ୍ରକ ଲକ୍ଷ୍ମୀପ୍ରିୟା ଦାସ, ସତ୍ୟନାରାୟଣ ପଟ୍ଟନାୟକ , ପୂର୍ବତନ ପରୀକ୍ଷା ପରିଚାଳନା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଜେନା ଏବଂ ପରିଚାଳନା କମିଟି ସଦସ୍ୟ ନବ କିଶୋର କର ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ କଲେଜ ପକ୍ଷରୁ ସଞ୍ଜୟ ନାୟକ,ପ୍ରଫୁଲ୍ଲ ସାହୁ,କରୁଣାକର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ କଲେଜ ଅଧକ୍ଷା ଡ଼ଃ ସଙ୍ଗୀତା ମିଶ୍ର ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ,ଅନ୍ୟ ଅତିଥିମାନେ କଲେଜର ସଫଳତା ନେଇ ପ୍ରଶଂସା କରିବାସହ ସମସ୍ତ କର୍ମଚାରୀ ଓ ଅଧାପକ , ଅଧାପିକା ମାନଙ୍କୁ କୃତଜ୍ଞତା ଜଣାଇବା ସହ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କମାନା କରିଥିଲେ ।

## ପ୍ରକାଶ ପାଇଲା ଓଡ଼ିଆ ବିଶ୍ୱବିଦ୍ୟାଳୟର ଚତୁର୍ଥ ସେମିଷ୍ଟାର ପରୀକ୍ଷା ଫଳ

ସାକ୍ଷୀଗୋପାଳ ,(ସବ୍ୟୁ) : ବୁଧବାର ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ୨୦୨୩-୨୫ ବ୍ୟାଚ ର ଛାତ୍ରଛାତ୍ରୀମାନଙ୍କର ଚତୁର୍ଥ ସେମିଷ୍ଟାର ଅର୍ଥାତ ଶେଷ ପରୀକ୍ଷା ଫଳ ପ୍ରକାଶ ପାଇଛି। କୁଳପତି ପ୍ରଫେସର ସବିତା ପ୍ରଧାନ ଏଥିନିମନ୍ତେ ବିଶ୍ୱବିଦ୍ୟାଳୟର ସମସ୍ତଙ୍କୁ ସାଧୁବାଦ ଜଣାଇବା ସହିତ ଅଧ୍ୟାପକ ମାନଙ୍କର ନିରବଚ୍ଛିନ ଅଧାପନା ଓ ସହଯୋଗକୁ ଶ୍ରଦ୍ଧାର ସହିତ ସ୍ମରଣ କରିଛନ୍ତି ।

ପ୍ରଥମ ବ୍ୟାଚ୍ ର ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକାଶ କରିପାରିଥିବାର ଶ୍ରେୟ



ପରୀକ୍ଷା ବିଭାଗ ଓ ପରୀକ୍ଷା ନିୟନ୍ତ୍ରକ ଡ. ଶୁଭେନ୍ଦୁ କୁମାର ପରିଡ଼ାଙ୍କର ବୋଲି କୁଳପତି ପ୍ରକାଶ କରିଛନ୍ତି। ଏଠାରେ ଥିବା ୩ଟି ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତିନିଜଣ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ବିଭାଗ , ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ଓ ଆଂଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗରେ ଯଥାକ୍ରମେ ମିଳନ କୁମାର ଦାଶ , ସ୍ୱାତୀ ସୁମନ ମହାପାତ୍ର ଓ ଗାୟତ୍ରୀ ବରାଳ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

## ବଜ୍ରପାତ, ୩ ଗୋରୁ ମୃତ

ରାଜନଗର ,(ସବ୍ୟୁ) : ବୁଧବାର ଅପରାହ୍ଣରେ ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ ଠାରେ ବଜ୍ରପାତରେ ୩ ଗୋରୁ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି । ସୂଚନା ମୁତାବକ ନିକଟରେ ରାଜନଗର ଗୁପ୍ତି ମୁଖ୍ୟ ରାସ୍ତାର ଧୋବେଇଗଡ ନିକଟରେ ଗୋରୁ ପଲ ଚରୁଥିଲେ । ହଟାତ ବର୍ଷା ଯୋଗୁଁ ବାଉଁଶ ବୁଦା ନିକଟକୁ ଚାଲି ଆସିଥିଲେ । ବାଉଁଶ ବୁଦା ନିକଟରେ ଆଶ୍ରୟ ନେଇଥିବା ଗୋରୁ ପଲ ଉପରେ ହିଁ ବଜ୍ରପାତ ହୋଇଥିଲା । ବଜ୍ରପାତରେ ଧୋବେଇଗଡ ଗାଁର ରବି ମଣ୍ଡଳଙ୍କ ଦୁଇଟି ଗାଇ ଓ ସୁଶାନ୍ତ ମଣ୍ଡଳଙ୍କ ଗୋଟିଏ ଗାଈ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି ।

## ଛତାଠାରେ ବସ୍ଷ୍ଟାଣ୍ଡ ନିର୍ମାଣ ଦାବି

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍ଷ୍ଟାଣ୍ଡ ନିର୍ମାଣ କରାଯିବ । ଏଥିପାଇଁ ୧ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ । ତେବେ ଏହି ବସ୍ଷ୍ଟାଣ୍ଡକୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥାନ ଚାଟରାଚକଡ଼ ପଂଚାୟତ ଅନ୍ତର୍ଗତ ଛତାଠରେ ନିର୍ମାଣ କରିବାକୁ ଜନଶକ୍ତି ପାର୍ଟି ପକ୍ଷରୁ ଦାବି ହୋଇଛି । ଏ ସମ୍ପର୍କରେ ପୂର୍ବରୁ ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତାମାନେ ଛତାଠରେ ଏହି ବସ୍ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି । ଆଜି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଆଜି ଏକ ପ୍ରେସ୍ ବିବୃତିରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଛତାଠାରେ ବସ୍ଷ୍ଟାଣ୍ଡ ନିର୍ମାଣ ଦାବିକୁ ସମର୍ଥନ କରିଛନ୍ତି । ଏଥିସହିତ ଏହି ଅଂଚଳରେ ତହସିଲ, ସବ୍ରେଜିଷ୍ଟ୍ରାର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦ୍ରାପଡ଼ା ପଲିଟେକ୍ନିକ୍, ଡେରାବିଶ ମହିଳା ମହାବିଦ୍ୟାଳୟ, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ବ୍ଲକ ମୁଖ୍ୟ ପଶୁ ଚିକିତ୍ସାଳୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଥିବାରୁ ବ୍ଲକ ଅନ୍ତର୍ଗତ ୨୬ଗୋଟି ପଂଚାୟତର ଜନସାଧାରଣର ସବୁଦିନେ ଏହି ସ୍ଥାନକୁ ଯାତାୟତ କରିଥାନ୍ତି । ଏଥିସହିତ ଏହି ସ୍ଥାନରେ ଜାତୀୟ ରାଜପଥ କଡ଼ରେ ପ୍ରଚୁର ମାତ୍ରାରେ ସରକାରୀ ଜମି ମଧ୍ୟ ରହିଛି ଯାହାକି ବସ୍ଷ୍ଟାଣ୍ଡ ନିର୍ମାଣ କରାଯାଇପାରିବ । ତେଣୁ ଏଠାରେ ସରକାରଙ୍କ ପକ୍ଷରୁ ବସ୍ଷ୍ଟାଣ୍ଡ ନିର୍ମାଣ ହେଲେ କେବଳ ଯେ, ଡେରାବିଶ ବ୍ଲକର ଜନସାଧାରଣ ଉପକୃତ ହୋଇପାରିବେ ତାହା ନୁହେଁ ଯାଜପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ବ୍ଲକର ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବ । ତେଣୁ ସରକାର ଏହାକୁ ହୃଦୟଙ୍ଗମ କରି ତୁରନ୍ତ ଛତାଠରେ ବସ୍ଷ୍ଟାଣ୍ଡ ନିର୍ମାଣ କରିବାକୁ ଶ୍ରୀ ଦାଶ ଦାବି କରିଛନ୍ତି ।

## ଆଇସ୍ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ୍ ଲିକ୍

ପାରାଦୀପ, (ଜି.ପ୍ର): ହଠାତ ହେଲା ଆମୋନିଆ ଗ୍ୟାସ ଲିକ । କ୍ଷଣିକ ପାଇଁ ଅସୁସ୍ଥ ହୋଇଗଲେ ଚାରି ଜଣ । ଏଭଳି ଘଟଣା ଆଜି ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ଗଡ଼ ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ । ଏହି ଅଞ୍ଚଳରେ ଥିବା ଆଇସ ଫ୍ୟାକ୍ଟ୍ରିରୁ ଲିକେଜ ହୋଇଛି ଆମୋନିଆ । ସ୍ଥାନୀୟ ଅଞ୍ଚଳରେ ଆମୋନିଆ ଗ୍ୟାସ ର ପ୍ରଭାବରେ ଆଖି ଓ ନାକ ପୋଡୁଥିବା ଲୋକେ ଧାଁ ଦୌଡ଼ କରିଥିଲେ ।

କମ୍ପାନୀର ହୋଷ୍ଟ ପାଇପ ଫାଟି ଯିବାରୁ ବ୍ୟାପିବାରେ ଲାଗିଥିଲା ଆମୋନିଆ ଗ୍ୟାସ । ଘଟଣାସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗ, ପିପିଏଲ ଓ ଇଫକୋ ସାର କାରଖାନାର ଅଗ୍ନିଶମ ଗାଡ଼ି ସହିତ



ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସକୁ ନିୟନ୍ତ୍ରଣକୁ ଆଣିଥିଲେ । ଗତକାଲି ରାତିରେ ଆଇସ ଫ୍ୟାକ୍ଟ୍ରି ପକ୍ଷରୁ ୮ ଟି ଆମୋନିଆ ଟାଙ୍କି ଅଣାଯାଇଥିଲା । ଉକ୍ତ ଟାଙ୍କି ମଧ୍ୟରୁ ଗୋଟିଏ ଟାଙ୍କିର ହୋଷ୍ଟ ପାଇପ ଫାଟି ଗ୍ୟାସ ଲିକ ହୋଇଥିଲା । ଯାହା ଫଳରେ କର୍ମଚାରୀ ମାନେ ଭୟଭିତ ହୋଇ ପଦାକୁ ଦୌଡି ପଳେଇ ଆସିଥିଲେ । ତେବେ ଉକ୍ତ ଟାଙ୍କିକୁ ଏକ ପାଣି ଖାଲରେ ପକାଇ ପାଣି ସ୍ପ୍ରେ କରାଯାଇଥିଲା । ପରେ ଅନ୍ୟ ଏକ ଟାଙ୍କି ରେ ପାଖାପାଖି ୮ ଇଞ୍ଚର ଫାଟ ହୋଇଥିବା ଦେଖିବାକୁ ମିଳିଥିଲା । ଯାହାକୁ ପାଣି ମାରି ଲିକେଜକୁ ନିୟନ୍ତ୍ରଣକୁ ଅଣାଯାଇଥିଲା । ଘଟଣାସ୍ଥଳରେ ପାରାଦ୍ୱୀପ ଅତିରିକ୍ତ ଏସପି ସ୍ମୃତି ରଞ୍ଜନ କର, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଲକ୍ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି ।

ଗତ ଦୁଇବର୍ଷ ତଳେ ମଧ୍ୟ ଏହି ଅଞ୍ଚଳରେ ଥିବା ଏକ ଚିଙ୍ଗୁଡି ଫ୍ୟାକ୍ଟ୍ରିରୁ ଏଭଳି ଗ୍ୟାସ ଲିକ ହୋଇଥିଲା । ଆମୋନିଆ ଏକ ମାରାତ୍ମକ ଗ୍ୟାସ ହୋଇଥିବା ବେଳେ ଏହାର ବ୍ୟବହାର ଅତ୍ୟନ୍ତ ସତର୍କତାର ସହ କରାଯାଇଥାଏ । ଏଥିରେ ବ୍ୟବହୃତ ପାଇପ ଓ ଟାଙ୍କିକୁ ଉପଯୁକ୍ତ ଭାବେ ତଦାରଖ କରାଯାଉନଥିବାରୁ ଏଭଳି ବାରମ୍ବାର ହେଉଥିବା ଅଭିଯୋଗ ହେଉଛି ।

## ଓସ୍ତପୁର ମୁଗମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡା ,(ସବ୍ୟୁ) :ସ୍ଥାନୀୟ ଅଂଚଳର ଚାଷୀର ଦାବି ମୁତାବକ ନୂତନ ଭାବେ ମୁଗ କ୍ରୟ କରିବା ପାଇଁ ଅନୁମତି ପାଇଥିବା ଓସ୍ତପୁର କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍ଘାଟିତ ହୋଇଯାଇଛି। ସମିତିର ସଭାପତି ପ୍ରଦ୍ୟୁମ୍ନ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବାବେଳେ ସଂପାଦକ ପ୍ରେମାଞ୍ଜନ ସାହୁ, ଉପସଭାପତି କନକଲତା ସ୍ୱାଇଁଙ୍କ ସମେତ ନମିତା ରାଉତ, ପ୍ରଫୁଲ୍ଲ ରାଉତ, ସରୋଜ ଦାସ, କବିଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବେହେରା, ବଂଶିଧର ସାମଲ, କୈଳାସ ବେହେରା, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାନେ କିଭଳି ମୁଗ ଓ ବିରି ଓ ବାଦାମ ସୁରୁଖୁରୁରେ ସମିତିରେ ଦେଇପାରିବେ ସେଥିପ୍ରତି ଆଲୋଚନା କରିଥିଲେ। ମଣ୍ଡିକୁ ମୁଗନେଇ ଆସୁଥିବା ଚାଷୀକୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଯୋଗାଇ ଦେବାପାଇଁ ସଭାପତି ଶ୍ରୀ ଜେନା ବୈଠକରେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ବ୍ଲକ ଆଗରେ ଧାରଣାରେ ବସିଲେ ଶ୍ରମିକ

ରାଜନଗର ,(ସବ୍ୟୁ) : ଦୀର୍ଘ ଦୁଇ ମାସ ଧରି କେନାଲ ସଫେଇ କାମ ମନରେଗା ଯୋଜନାରେ କଲେ । ସକାଳୁ ସଞ୍ଜ ଯାଏଁ ମୁଣ୍ଡ ଝାଳ ତୁଣ୍ଡ ରେ ମାରି ହାଡ ଭଙ୍ଗା ପରିଶ୍ରମ କଲେ । ମାତ୍ର ଦୁଇ ମାସ କାମ କରି ଶ୍ରମିକ ମଜୁରି ପାଉନାହାନ୍ତି । ମଜୁରି ଟଙ୍କା ନପାଇବାରୁ ଘରେ ଚୁଲି ଜଳୁନି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠୁ ଆରମ୍ଭ କରି ସରପଞ୍ଚଙ୍କ ଯାଏଁ ଭେଟି ମଜୁରି ପାଇଁ ନେହୁରା ହେଲେ ମଧ୍ୟ ମଜୁରି ପାଇଲେ ନାହିଁ । ୨୯ ତାରିଖ ଦିନ ଶ୍ରମିକ ମାନେ ରାଜନଗର ବ୍ଲକରେ ପହଞ୍ଚି ମଜୁରି ଦେବାକୁ ବିଡିଓଙ୍କୁ ନେହୁରା ହୋଇଥିଲେ । ବିଡିଓ କୌଣସି ପଦକ୍ଷେପ ନନେବାରୁ ଆଜି ଶ୍ରମିକମାନେ ୩୫ କିଲୋମିଟର ଆସି ବ୍ଲକ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଥିଲେ । ରାଜନଗର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ତୁରନ୍ତ ମଜୁରି ପ୍ରଦାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଧାରଣାରୁ ଉଠିଛନ୍ତି । ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର କେଟିଲ ପୋଖରୀ ଠାରୁ ଶଶାଙ୍କ ମାନ୍ନା ଘର ଯାଏଁ ଓ ମଦନ ଦାସ ଘର ଠାରୁ ବେଙ୍ଗ ମଣ୍ଡଳ ଘର ଯାଏଁ ଦୁଇଟି କେନାଲ ପୁନରୁଦ୍ଧାର କାମ ଶ୍ରମିକ ମାନେ କରିଛନ୍ତି । ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ୨୭ ମାର୍ଚ୍ଚ ଠାରୁ ୨୮ ମେ ଯାଏଁ ଶ୍ରମିକ ମାନେ କେନାଲରେ ମାଟି ଖୋଳା କାମ କରିଥିଲେ ମଧ୍ୟ ସେମାନେ ସେମାନଙ୍କ ମଜୁରି ପାଇ ନାହାନ୍ତି । ଆଜି ଡାଙ୍ଗମାଳ ଗାଁର ରାଜ କିଶୋର ବେହେରା , ରଘୁନାଥ ବେହେରା , ବିଚିତ୍ର ବେହେରା , ହରେକୃଷ୍ଣ ଦାସ ପ୍ରମୁଖ ୧୭ ଜଣ ଶ୍ରମିକ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ ।

## ମିଶନ ଶକ୍ତି ଅତିରିକ୍ତ ସଚିବଙ୍କ ରଘୁନାଥପୁର ବ୍ଲକ ପରିଦର୍ଶନ

ରଘୁନାଥପୁର,(ସବ୍ୟୁ) :ଆଜି ରାଜ୍ୟ ମିଶନ ଶକ୍ତି ଅତିରିକ୍ତ ସଚିବ ଡ଼ ଅବିନାଶ ରାଉତ ରଘୁନାଥପୁର ବ୍ଲକ ପରିଦର୍ଶନ କରି ଫେରି ଯାଇଛନ୍ତି । ଏହି ସମୟରେ ତାଙ୍କ ସହିତ ଓଏଲ ଏମ ଡେପୁଟି ସିଇଓ ବିବେକ ରଞ୍ଜନ ବେଉରିଆ, ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ,ଓଏଲଏମ ଡିପିଏମ ସୈମ୍ୟ ରଞ୍ଜନ ବିଶ୍ୱାଳ, ବିପିସି ଶଶାଙ୍କ ଶେଖର ସ୍ୱାଇଁ,ବିପିଏମ ଲିପିକା ଷଡଙ୍ଗୀ, ବିଏଲ୍ଓ ବିଶ୍ୱଜିତା ଦାଶ, ମୀନାରାଣୀ ଦାସ,ତ୍ରିନାଥ ଦାସ ଓ ବିପିଏ ଶିବୁଲି ସେଠୀ ପ୍ରମୁଖ ସାମିଲ ରହିଥିଲେ । ଅତିରିକ୍ତ ସଚିବ ପ୍ରଥମେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡ଼ିଓ ବିରେଞ୍ଚି ନାରାୟଣ ବେହେରା ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ।

ପରେ ସେ ଉପରୋକ୍ତ ସଂପୂର୍ଣ୍ଣ ଟିମକୁ ନେଇ କୁଆମଙ୍ଗା ଅଗରବତୀ ପ୍ରଡ୍ୟୁସର ଗ୍ରୁପ,ପୁରଣ ଓଡ଼ପଡ଼ା ସ୍ଥିତ ମା ଦୁର୍ଗା ପ୍ରଡ୍ୟୁସର ଗ୍ରୁପ ଓ ପରେ ଜଇପୁର ସ୍ଥିତ ବୟନ ଗ୍ରାମକୁ ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଅବସରରେ ସେମାନଙ୍କୁ ଅତି ଶୀଘ୍ର ଉନ୍ନତ ପ୍ରଣାଳୀର ତାଲିମ ଯୋଗାଇ ଦିଆଯିବା କଥା କହିବା ସହ ପ୍ରଡ୍ୟୁସର ଗ୍ରୁପ ଗୁଡ଼ିକର ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ସେ ର୍ତିର୍ତୋଲ ଓ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଫେରି ଯାଇଥିଲେ ।

## ଚୋରା ବାଇକ ଜବତ ଜଣେ ଗିରଫ

ଦାନଗଦି ,(ସବ୍ୟୁ): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ଛକରେ ଘଷିପୁରା ବାସିନ୍ଦା ଯୁବକ ଅମୁ ମାରାଣ୍ଡି ଏକ ଚୋରା ବାଇକ ଗାଡି ନଂ ଓଡି-୩୪-ପି-୮୨୦୪ ଧରି ବୁଲୁଥିବା ବେଳେ କଳିଙ୍ଗନଗର ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା । କଳିଙ୍ଗନଗର ପୋଲିସ ଅତର୍କିତ ଚଢ଼ାଉ କରି ଅମକୁ ଗିରଫ କରିଥିଲା ଓ ତା ଠାରୁ ଚୋରା ବାଇକ ଜବତ କରିଥିଲା । ଏ ସଂକ୍ରାନ୍ତରେ ପୋଲିସ କେସ ନଂ ୨୭୧/୨୫ ରେ ମାମଲା ରୁଜୁ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବାଇକ ଆରୋହି ହେଲେ ଘଷିପୁରା ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ସମରା ମାରାଣ୍ଡିଙ୍କ ପୁଅ ଅମୁ ।

## ଟ୍ରାନ୍ସଫର୍ମର ପୋଡ଼ି, ଉପଭୋକ୍ତା ହନ୍ତସନ୍ତ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧିନସ୍ଥ ଅସୁରେଶ୍ୱର ବିଦ୍ୟୁତ୍ ସେକସନ ବିଭାଗର ମନମାନୀ ଯୋଗୁଁ ୫ଦିନ ହେବ ପୋଡ଼ିଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫରମର ମରାମତି ହେଉନି କିମ୍ବା ନୂତନ ଟ୍ରାନ୍ସଫରମର ବସାଯାଉନାହିଁ । ଫଳରେ ଏହି ଟ୍ରାନ୍ସଫରମର ଉପରେ ବିଦ୍ୟୁତ୍ ପାଇଁ ନିର୍ଭର କରୁଥିବା ୫୦ରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଉପଭୋକ୍ତା ହତସନ୍ତ ହେଉଛନ୍ତି । ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ଯୋରଦାର ହୋଇଥିବାରୁ ବିଦ୍ୟୁତ୍ ଟ୍ରାନ୍ସଫରମର ବସାଇବା ପାଇଁ ଉପଭୋକ୍ତା ମାନେ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ହେଲେ ଉପଭୋକ୍ତାଙ୍କର କଥାକୁ ବିଦ୍ୟୁତ୍ ବିଭାଗର କର୍ମଚାରୀ ମାନେ ଅଣଦେଖା କରୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି । ଗତ ଶୁକ୍ରବାର ଦିନ ବିଜୁଳି ଘଡ଼ଘଡ଼ି ଯୋଗୁଁ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ବ୍ୟାଙ୍କ୍ ଛକ ନିକଟରେ ବସିଥିବା ଶହେ କେଭି ଟ୍ରାନ୍ସଫରମର ହଠାତ୍ ଖରାପ ହୋଇଯାଇଥିଲା ।

ଏହି ବିଦ୍ୟୁତ୍ ଟ୍ରାନ୍ସଫରମର ଗୋଟିଏ ଫେଜ୍‌ରେ ଅତ୍ୟନ୍ତ ଲୋଭୋଲଟେଜ୍ ସପ୍ଲାୟ ହେଉଥିବା ଦେଖାଯାଇଥିଲା । ଏହି ଟ୍ରାନ୍ସଫରମର ଉପରେ ନିର୍ଭର କରୁଥିବା ଅଣସରପୁର ଗ୍ରାମବାସୀ ଓ ଅସୁରେଶ୍ୱର ବଜାରର ବ୍ୟବସାୟୀ ମାନେ ଲୋଭୋଲଟେଜ୍ ପାଇଁ ଗ୍ରୀଷ୍ମ କଷ୍ଟ ଭୋଗୁଛନ୍ତି । ଏହି ଫେଜରେ ଅତ୍ୟନ୍ତ ଲୋଭୋଲଟେଜ୍ ସପ୍ଲାଏ ହେଉଥିବାରୁ କେବଳ ବିଦ୍ୟୁତ୍ ବଲବ ନାଲି ଭାବରେ ଜଳୁଥିବା ବେଳେ ପଙ୍ଖା ଆଦୌ ବୁଲୁନାହିଁ । ଏହାଛଡ଼ା ଏସି, ଫ୍ରିଜ ଓ ଅନ୍ୟାନ୍ୟ ବିଦ୍ୟୁତ୍ ସାମଗ୍ରୀ ସଠିକ୍ ଭାବେ ଚାଲୁନାହିଁ । ଗ୍ରୀଷ୍ମର ପ୍ରକୋପରେ ଲୋକମାନେ ବିଦ୍ୟୁତ୍ ନପାଇବା ଯୋଗୁଁ ଦିନ କିମ୍ବା ରାତିରେ ଟିକେ ଶାନ୍ତିରେ ଶୋଇପାରୁନାହାଁନ୍ତି ।

ଅସୁରେଶ୍ୱର ଅଞ୍ଚଳରୁ ବିଦ୍ୟୁତ୍ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ଲୋକମାନେ ଦୀର୍ଘ ଦିନ ହେବ ଅଭିଯୋଗ କରିବା ପରେ କେନ୍ଦିଲୋ ଠାରେ ଏକ ୩୩କେଭି ବିଦ୍ୟୁତ୍ ସବଷ୍ଟେସନ୍ ନୂତନ ଭାବେ ବସାଗଲା । ହେଲେ ଏହି ସବଷ୍ଟେସନ୍ ସଠିକ୍ ଭାବେ ପରିଚାଳନା ହୋଇପାରୁନଥିବାରୁ ଅସୁରେଶ୍ୱର ଅଞ୍ଚଳ ଉପଭୋକ୍ତା ମାନଙ୍କର ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବାରମ୍ବାର ବିଦ୍ୟୁତ୍ କାଟ , ଲୋଭୋଲଟେଜ୍ ସମସ୍ୟାରେ ଅଞ୍ଚଳବାସୀ ନାକେଦମ୍ ହେଉଛନ୍ତି । ତୁରନ୍ତ ବ୍ୟାଙ୍କ ଛକରେ ନୂତନ ଟ୍ରାନ୍ସଫରମର ଲଗାଇବା ସହିତ ୩୩କେଭି ସବ୍‌ଷ୍ଟେସନକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଏ ସଂକ୍ରାନ୍ତରେ ଅସୁରେଶ୍ୱର ବିଦ୍ୟୁତ୍ ସେକସନର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ନୂତନ ଟ୍ରାନ୍ସଫରମର ବସାଯିବ ବୋଲି ପ୍ରକାଶ କରିଛନ୍ତି ।

## ଏକାଧିକ ଚୋରି ମାମଲାରେ ଗିରଫ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲା ବଡ଼ଚଣା ଥାନା ପୋଲିସ ଜଣେ କୁଖ୍ୟାତ ଚୋରକୁ ଗିରଫ କରିବାରେ ସଫଳ ହୋଇଛି ।ଏହି ଗିରଫ ଅଭିଯୁକ୍ତ ନାମରେ ଜିଲ୍ଲାର ଅନେକ ଥାନାରେ ବହୁ ଗୁଡିଏ ମାମଲା ପଞ୍ଜିକୃତ ହୋଇ ରହିଥିବା ଜଣାପଡିଛି ।ସୂଚନା ଅନୁସାରେ ଉକ୍ତ ଥାନା ଅଧିନସ୍ଥ ଚଣ୍ଡିଖୋଲ ଫାଣ୍ଡିର ଖୋସାଲିପୁର ଗ୍ରାମର ମହେନ୍ଦ୍ର ନେଜାଙ୍କ ପଲସର ବାଇକକୁ ଗତ ମାସ ୨୭ ତାରିଖରେ କେହି ଦୃବୁର୍ତ୍ତ ଚୋରିକରି ନେଇଥିଲେ ।

ଏହାକୁ ନେଇ ବାଇକ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହାର ତଦନ୍ତ କରୁଥିଲା ।ତେବେ ଗତକାଲି ଜେନାପୁର ଥାନା



ଅନନ୍ତର୍ଗତ ଘାସିବର ଗାଁର ହିରା ବାରିକ(୩୬) ଉକ୍ତ ଚୋରି ବାଇକକୁ ନେଇ ଯାଉଥିବା ସମୟରେ ଖୋସାଲିପୁର ଗ୍ରାମର କିଛି ଯୁବକ ସେହି ବାଇକକୁ ଚିହ୍ନି ପାରି ତାର ପିଛା କରିବା ସହ ଥାନାକୁ ଖବର ଦେଇଥିଲେ ।

ଖବର ପାଇ ଥାନା ଅଧିକାରିଣୀ ସଦଳବଳେ ଚଣ୍ଡିଖୋଲ ଛକରେ ପହଂଚି ବାଇକଚୋର ହିରା ବାରିକକୁ କାବୁ କରିବା ସହିତ ତାଠାରୁ ଚୋରା ବାଇକକୁ ଜବତ କରିଥିଲେ ।ଚୋର ହିରାକୁ ପଚରା ପଚରି କରିବାରୁ ସେ ଅନେକ ଚୋରିରେ ସଂପୃକ୍ତ ଓ ତା ନାମରେ ଯାଜପୁର ଜିଲ୍ଲାର ଧର୍ମଶାଳା, ଜେନାପୁର, ଯାଜପୁର, କୁଆଖିଆ ଆଦି ଥାନାରେ ଏକାଧିକ କେଶ ରହିଥିବା ସେ ସ୍ୱୀକାର କରିଥିଲା । ତାକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି ।

## ନୂତନ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଠାରେ ଏକ ନୂତନ ଭାବେ ଆରମ୍ଭ ହୋଇଥିବା ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷାକେନ୍ଦ୍ରର ଆଜି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ବିନୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ପତିତପାବନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷା ପଦ୍ଧତିକୁ ଭୂୟସୀ ପ୍ରଶଂସା କରିଥିଲେ। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆରମ୍ଭ ହିଁ ଆହ୍ୱାନ। ମଣିଷ ତିଆରି କାରଖାନାର ସ୍ୱପ୍ନ ଦେଖିବା ଅର୍ଥ ଗୋଟେ ଆହ୍ୱାନକୁ ଗ୍ରହଣ କରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର ସୁଦୀପ୍ତ କୁମାର ନାୟକ, ସାମ୍ବାଦିକ ମାନସ ରଞ୍ଜନ ଜେନା ଓ ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ସ୍କୁଲର ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଚନ୍ଦନ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର କୁନିକୁନି ପିଲାମାନେ ଶ୍ଳୋକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରଣତୀ ସାହୁ, ବିଶ୍ୱରୂପା ସ୍ୱାଇଁ ଓ ସତ୍ୟଭାମା ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶିକା ସୁଚିସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଘରୋଇ ହସ୍ପିଟାଲ ପରିଚାଳକଙ୍କୁ ଡାକ୍ତରଙ୍କ ମରଣାନ୍ତକ ଆକ୍ରମଣ


ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ କଡ ନେଉଳପୁର ନିକଟରେ ଥିବା ଏକ ଘରୋଇ ହସ୍ପିଟାଲ ର ପରିଚାଳକଙ୍କୁ ସ୍ଥାନୀୟ ଅଂଚଳର ଜଣେ ଡାକ୍ତର ମାଡ ମାରି ଗୁରୁତର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ କୁଆଖିଆସ୍ଥିତ ଏକ ଘରୋଇ ହସପିଟାଲରେ ଡାକ୍ତର ଭାବେ କାମ କରୁଥିବା ଧର୍ମଶାଳା ଥାନା ସାରୋଇ ଗ୍ରାମର ଡାକ୍ତର ସତ୍ୟବ୍ରତ ଜେନା ଗତ କାଲି ସନ୍ଧ୍ୟାରେ ନେଉଳପୁର ନିକଟରେ ଥିବା ଘରୋଇ ହସପିଟାଲର ପରିଚାଳକ




ତପନ ବେଉରିଆଙ୍କୁ ଫୋନ କରି କାହିଁକି ଲୋକଙ୍କୁ ମୋ ସମ୍ପର୍କ ରେ ଭୁଲ ତଥ୍ୟ ଦେଉଛ ବୋଲି ପଚାରିଥିଲେ। ଏହା ପରେ ରାତି ପ୍ରାୟ ନ ଟା ବେଳକୁ ଡାକ୍ତର ଶ୍ରୀ ଜେନା ସାଙ୍ଗରେ ଦୁଇ ତିନି ଜଣଙ୍କୁ ଧରି ହସ୍ପିଟାଲ ର ନେଉଳପୁରସ୍ଥିତ ହସପିଟାଲର ପରିଚାଳକଙ୍କୁ ଫୋନ କରି ବାହାରକୁ ଆସିବା ପାଇଁ କହିଥିଲେ । ଫୋନ ପାଇ ପରିଚାଳକ ଶ୍ରୀ ବେଉରିଆ ବାହାରକୁ ଆସିବା ସମୟରେ ଉଭୟଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା । ପରେ ଡାକ୍ତର ଶ୍ରୀ ଜେନା ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ପରିଚାଳକ ଶ୍ରୀ ବେଉରିଆଙ୍କ ହାତ ଭାଙ୍ଗିଯିବା ସହିତ ସେ ଗୁରୁତର ଆହତ ହୋଇଥିଲେ । ହସପିଟାଲର ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତୀ କରିଥିଲେ । ସେଠାରେ ତାଂକର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଏନେଇ ଶ୍ରୀ ବେଉରିଆ ଗତକାଲି ରାତିରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

## ପାଣିକୋଇଲି ମା ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ସଫଳତା

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ସ୍ଥିତ ମା ତାରିଣୀ ଡିଗ୍ରୀ ମହାବିଦ୍ୟାୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି । ଉକ୍ତ ପରୀକ୍ଷାରେ ରସାୟନ ବିଜ୍ଞାନର ଛାତ୍ର ଆଲୋକ ରଂଜନ ମହାପାତ୍ର କଲେଜ ଟପ୍ପରହେବା ସଂଗେ ସଂଗେ ବିଜ୍ଞାନ ବିଭାଗ ଟପ୍ପର ହୋଇଛନ୍ତି । କଳା ବିଭାଗରେ ଓଡିଆ ଅନର୍ସ ଛାତ୍ରୀ ଦିପ୍ତୀପ୍ରଭା ସ୍ୱାଇଁ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ପୁଣ୍ୟବ୍ରତ ପଣ୍ଡାଟପ୍ପର ହୋଇ କଲେଜକୁ ଗୌରାବାନ୍ୱିତ କରିଛନ୍ତି । ସେହିପରି ସଂସ୍କୃତ ସମ୍ମାନରେ ପ୍ରିୟଙ୍କା ପ୍ରଧାନ, ଇଂରାଜୀରେ ବିଶ୍ୱମିତ ନାୟକ, ଓଡିଆରେ ଦିପ୍ତୀପ୍ରଭା ସ୍ୱାଇଁ, ରାଜନିତୀ ବିଜ୍ଞାନରେ ବିଦ୍ୟୁସ୍ମିତା ବାରିକ, ଇତିହାସରେ ଶ୍ରୀମତୀ ସାହୁ, ବାଣିଜ୍ୟରେ ପୁଣ୍ୟବ୍ରତ ପଣ୍ଡା, ରସାୟନ ବିଜ୍ଞାନରେ ଆଲୋକ ରଂଜନ ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ଖୁସନୁମା ତବସୁମ, ଗଣିତ ବିଭାଗରେ ଟିକିଲି ସ୍ୱାଇଁ, ପଦାର୍ଥ ବିଜ୍ଞାନରେ ସାଗର କୁମାର ସ୍ୱାଇଁ, ଜୀବ ବିଜ୍ଞାନରେ ପ୍ରିୟଙ୍କା ପ୍ରୀୟଦର୍ଶିନୀ ବାରିକ ପ୍ରମୁଖ ବିଭାଗୀୟ ଟପ୍ପରହୋଇଛନ୍ତି । ସଫଳ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି ।




## ପୋଲିସର ଉଦାସୀନତା : ସତ୍ୟବାଦୀ ଥାନା ଆଗରେ ବିକ୍ଷୋଭ


ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ଅଞ୍ଚଳର ଏକ ଗ୍ରାମରେ ଗତ ୩୧ ତାରିଖ ଦ୍ୱିପହର ସମୟରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିଲା। ଏହି ଘଟଣ ରେ ନାବାଳିକା ଜଣକ ଗୁରୁତର ଆହତ ହୋଇଥିଲେ । ଏ ସମ୍ପର୍କରେ ବଳଙ୍ଗା ଥାନାରେ ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ବଳଙ୍ଗା ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣା ଦିନ ୧୧୯/୨୫ ରେ ଏକ ମାମଲା ରୁଜୁ କରିଥିଲେ । ପୀଡିତା ନାବାଳିକା ଜଣକ ଲୋକଲଜ୍ଜା ଭୟରେ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ପୀଡିତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରା ଯାଇଥିଲା । ପରେ ପୁରୀରୁ ତାଙ୍କୁ ଏମସ, ଭୁବନେଶ୍ୱର ସ୍ଥାନାନ୍ତର କରା ଯାଇଥିଲା । ପୀଡିତା ଏବେବି ଏମସ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ମାତ୍ର ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ବଳଙ୍ଗା ପୋଲିସ ଗିରଫ କରିପାରିନାହିଁ । ଅଭିଯୁକ୍ତକୁ ଗିରଫ କରିବାରେ ବଳଙ୍ଗା ପୋଲିସର ଏହି ବିଫଳତାକୁ ନେଇ ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୨ଟା ଯାଏ ଦୀର୍ଘ ସମୟ ଧରି ସତ୍ୟବାଦୀ ଥାନା ସମ୍ମୁଖରେ ଗଣଧାରଣା, ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।। ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର , ମିଡ଼ିଆ ସେଲ ସଦସ୍ୟ ଲିପ୍ତି ରଞ୍ଜନ ପ୍ରଧାନ , ଆଦର୍ଶ ମିଶ୍ର , ଲୋକନାଥ ନାୟକ , ସନ୍ତୋଷ କୁମାର ପାଣି , ମହେନ୍ଦ୍ର ଭାରତୀ , ପ୍ରସାଦ ନାୟକ , ଦେବରାଜ ଜେନା , ଅମୂଲ୍ୟ ରତ୍ନ ଜେନା , ରାଜେଶ କୁମାର ଜେନା ,ତପନ ବେଜ ଙ୍କ ସମେତ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ କଂଗ୍ରେସ ସମର୍ଥକ ଉପସ୍ଥିତ ଥିଲେ। ଖବର ପାଇ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ବିକ୍ଷୋଭ କାରୀ ସହ ଆଲୋଚନା କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତକୁ ଶୀଘ୍ର ଗିରଫ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।ପରେ ବିକ୍ଷୋଭକାରୀ ମାନେ ଗଣଧାରଣା ପ୍ରତ୍ୟାହାର କରିଥିଲେ ।

## ଉତ୍କର୍ଷ ନିମାପଡା ସମ୍ମିଳନୀ ଉଦ୍‌ଘାଟନ କଲେ ରାଜ୍ୟପାଳ




ନିମାପଡା,(ସବ୍ୟୁ): ଓଡ଼ିଶାରେ ବିଜେପି ଶାସନକୁ ଆସିବାରେ ଏକ ବର୍ଷ ପୁରିଛିଛ ବିକଶିତ ନିମାପଡା ପାଇଁ ନିମାପଡା ନୂତନ ବାରବାଟୀ ପଡିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଦୁଇ ଦିନିଆ ଉତ୍କର୍ଷ ନିମାପଡା ସମ୍ମିଳନୀ ୨୦୨୫ର ଉଦଘାଟିତ ହୋଇଛି। ବୁଧବାର ଦିନ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଏହାର ଶୁଭ ଉଦଘାଟନ କରିବା ସହ ଉତ୍କର୍ଷ ନିମାପଡା ଓ୍ୱେବସାଇଟ ର ଅନାବରଣ କରିଥିଲେ।ନିଜ ବକ୍ତବ୍ୟ ରେ ରାଜ୍ୟପାଳ ଉତ୍କର୍ଷ ନିମାପଡା ଏକ ସ୍ୱତନ୍ତ୍ର ତଥା ଦୂରଦୃଷ୍ଟିସଂପନ୍ନ ଯୋଜନାଛଏହା ନିମାପଡା ଅଞ୍ଚଳର ସାମଗ୍ରିକ ବିକାଶ ଓ ସାମୁହିକ ପ୍ରଗତି ରେ ସହାୟକ ହେବ ବୋଲି କହିଥିଲେ।ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରଭାବଶାଳୀ ନେତୃତ୍ୱ ଏହାକୁ ସାକାର କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ। ଏଥିସହ ନିମାପଡା ଗୋପର ସର୍ବାଙ୍ଗୀନ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ କରିବା ବୋଲି ରାଜ୍ୟପାଳ ମତ ଦେବା ସହ ସମ୍ମିଳନୀର ସଫଳତା କାମନା କରିଥିଲେ।ଏଥିରେ ଅଧ୍ୟକ୍ଷତା କରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସମ୍ମିଳନୀ ଏକ ଜାଗରଣ ଯାହା ନିମାପଡ଼ା ବିକାଶ ରେ ସହାୟକ ହେବ ବୋଲି କହିଥିଲେ।ଏଥିପାଇଁ ସମସ୍ତଙ୍କ ସହଭାଗିତା ପାଇଁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଅନୁରୋଧ କରିଥିଲେ । ଅନ୍ୟତମ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ବିଭୂପ୍ରସାଦ ତରାଇ,ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମିଶନ ଶକ୍ତି ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ମାଟ୍ରିକ ପରୀକ୍ଷା ଓ ଯୁକ୍ତ ୨ ରେ ସଫଳ ହୋଇଥିବା ପ୍ରତିଯୋଗୀ, ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୋଇଥିବା ବ୍ୟକ୍ତି ବିଶେଷ, ଲକ୍ଷ ପତି ଦିଦିମାନଙ୍କୁ ମୁଖ୍ୟ ଅତିଥି ରାଜ୍ୟପାଳ ପୁରସ୍କୃତ କରିଥିଲେ।ଶେଷରେ ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ।ପ୍ରାରମ୍ଭରେ ରାଜ୍ୟପାଳ ପିଏମ ଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଯବାନ ମାନଙ୍କ ସମ୍ମାନାର୍ଥେ ଏକ ପେଡ ସେନା କେ ନାମ ଆଧାର ରେ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର,ଉପ ମୁଖ୍ୟମନ୍ତ୍ରୀ ଙ୍କ ସ୍ୱତନ୍ତ୍ର ଅଧିକାରୀ ମନୋଜ କୁମାର ବେହେରା ଓ ଅନ୍ୟାନ୍ୟ ଅଧିକାରୀ ମାନେ କାର୍ଯ୍ୟରେ ସହଯୋଗ କରିଥିଲେ ।

## ପରିବେଶବିତ ମା'ଙ୍କ ପରଲୋକ



ଆଠଗଡ ,(ସବ୍ୟୁ) : କଟକଜିଲ୍ଲା ଆଠଗଡ ଏନ ଏ ସି ଅନ୍ତର୍ଗତ ରାସରସିକପୁରର ପରିବେଶବିତ ମା' ପ୍ରିୟବ୍ରତୀ ଦାଶ(୯୬) ଙ୍କ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଜୀବଦଶାରେ ପରିବେଶ ସଚେତନାର ବିଭିନ୍ନ କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସିତ ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ପରିତ୍ୟକ୍ତ ଜରି ପଲିଥିନ୍ ଆଦି ରେ ସେ ହାତ ତିଆରି ବିଭିନ୍ନ କଳାକୃତି କରି ଘରକୁ ଆସୁଥିବା ଅତିଥି ମାନଙ୍କୁ ଭେଟି ଦେଉଥିଲେ।ସେ ହେଉଛନ୍ତି ଆଠଗଡର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ହରେକୃଷ୍ଣ ଦାଶଙ୍କ ଧର୍ମପତ୍ନୀ। ତାଙ୍କର ଜ୍ୟେଷ୍ଠ ପୁତ୍ର ଜ୍ଞାନ ରଞ୍ଜନ ଦାଶ ଆମେରିକାରେ ସଫଟ ଓ୍ୱାର ବୈଜ୍ଞାନିକ ରୂପେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ । ସେ ଦୈନିକ ଖବରକାଗଜ ସମାଜ ପୂର୍ବତନ ସମ୍ପାଦିକା ମନୋରମା ମହାପାତ୍ର ଓ ପଦାରବିନ୍ଦ ମହାପାତ୍ରଙ୍କ ଜାମାତା ଅଟନ୍ତି। ତାଙ୍କର ବିୟୋଗ ଖବର ପ୍ରଚାରିତ ପରେ ଆଠଗଡର ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମଝିଆଁ ପୁତ୍ର ତଥା ବରିଷ୍ଠ ସାମ୍ବାଦିକ ସୁଧିରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ।

## ଅପେରସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା

ଦଶପଲ୍ଲା ,(ସବ୍ୟୁ) : ଭାରତୀୟ ସେନା ବାହିନୀ ଦ୍ୱାରା ଅପରେସନ ସିନ୍ଦୂର ସଫଳ ହୋଇଛି। ଏହି ସଫଳତାକୁ ପାଳନ କରିବା ସହିତ ସେନାଙ୍କର ମନୋବଳ ବୃଦ୍ଧି ପାଇଁ ସାରା ଦେଶ ରେ ବିଜେପି ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା' ପାଳନ କରାଯାଉଥିବା ବେଳେ ବୁଧବାର ଦିନ ଦଶପଲ୍ଲା ବିଜେପି ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯୁବଶକ୍ତିକୁ ଭାରତ ମାତାର ସୁରକ୍ଷା ଓ ସକ୍ରିୟ ଭାଗୀଦାର ହେବାକୁ ଉତ୍ସାହିତ କରିବା ପାଇଁ ଅପରେସନ ସିନ୍ଦୂର ବ୍ୟାପକ ରୂପରେ ଭାରତର ରାଷ୍ଟ୍ରୀୟ ସୁରକ୍ଷା ଯାଞ୍ଚ ଓ ଆତ୍ମନିର୍ଭର ସେନା ଶକ୍ତିର ପ୍ରତୀକ ଭାବରେ ଦେଖାଯାଉଛି । ଏହି ସଫଳତା କେବଳ ଏକ ଦଳର ନୁହେଁ, ବରଂ ସମସ୍ତ ଭାରତୀୟଙ୍କ ଗର୍ବ ଓ ସ୍ୱାଭିମାନର ବିଷୟ ବୋଲି ଉପସ୍ଥିତ ବିଜେପି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଅନ୍ୟ ପାର୍ଶ୍ୱରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଶପଲ୍ଲା ବିଜେପି ଦଳୀୟ କାର୍ଯ୍ୟାଳୟ ଗୃହ ର ଉଦଘାଟନ ହୋଇଛି। ଦଶପଲ୍ଲା ଏନ ଏ ସି ସାଂସଦ ପ୍ରତିନିଧି ଅଞ୍ଜନ କୁମାର ଦାସ ଏହାକୁ ଉଦଘାଟନ କରିଛନ୍ତି ଛ ଯାହା ଫଳରେ ବିଜେପି କର୍ମୀ ମାନେ ଏକତ୍ରିତ ହୋଇ ସମସ୍ତ ବିଷୟ ଆଲୋଚନା କରିପାରିବେ। ଏହି ଉଦ୍ଘାଟନୀ ରେ ଦଶପଲ୍ଲା ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳ ବେହେରା, ଏନ ଏ ସୀ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ,ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ଏନ ଏ ସି ମଣ୍ଡଳ ସଭାପତି ମନୋଜ ସାହୁ,ବିଜେପି ନେତା ରାଘବ ମଲିକ, ରାଜ୍ୟ ବିଜେପି ସୋସିଆଲ ମିଡ଼ିଆ କମିଟିର ସଭ୍ୟା ମଧୁସ୍ମିତା ବଳିୟାର ସିଂ ଏବଂ ବିଜେପି ର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହିତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,(ସବ୍ୟୁ) : ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ସୋମବାର ବିଧାୟକଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଜନସାଧାରଣ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହ ସେଗୁଡ଼ିକର ଆସୁ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ଶାସନ ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ପ୍ରଥମ ଥର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଭାପୁର ବ୍ଲକରେ ବିଧାୟକଙ୍କ ଜନଶୁଣାଣୀ ଶିବିର ଆୟୋଜିତ ହୋଇ ସଫଳ ହୋଇଥିବା ବେଳେ ଏବେ ଖଣ୍ଡପଡ଼ା ବ୍ଲକରେ ଏହା ହେଉଛି ବିଧାୟକଙ୍କ ଦ୍ୱିତୀୟ ଜନଶୁଣାଣୀ ଶିବିର। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଜନଶୁଣାଣୀ ଶିବିରରେ ସ୍ଥାନୀୟ ପ୍ରଶାସନର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାଗତ ଆବେଦନକୁ ତଦାରଖ କରିଥିଲେଛ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ପାଖାପାଖି ୨୫୦ଟି ଅଭିଯୋଗର ଶୁଣାଣି ହୋଇଥିବା ନେଇ ସୂଚନା ମିଳିଛି। ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ରହିଥିଲା।ଏହି ଜନଶୁଣାଣୀ ଶିବିରରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ରାସନ କାର୍ଡ ସମସ୍ୟା ଏବଂ ବିଭିନ୍ନ ପ୍ରକଳ୍ପ ବାବଦୀୟ ସମସ୍ୟା ପ୍ରଭୃତି ଅଭିଯୋଗ ଗୁଡିକ ଉପରେ ବିଚାର ପୂର୍ବକ ତୁରନ୍ତ ସେଗୁଡ଼ିକର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟକ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥିରେ ରହିଛି। ତେଣୁ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟର ମୋହନ ମାଝୀ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ବିଧାୟକ ଶ୍ରୀ ସ୍ୱାଇଁ କହିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବିଡ଼ିଓ ଅଙ୍କୁର ଅଭିଳାଷ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଡ଼ା. ଅଭିସାର ପଣ୍ଡା, ବରିଷ୍ଠ ବିଜେପି ନେତା ଅଖିଳ କୁମାର ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅତ୍ରି ବୁଲି ଦେଖିଲେ ପର୍ଯ୍ୟଟନ ବିଭାଗ ଅଧିକାରୀ



ବୋଲଗଡ ,(ସବ୍ୟୁ) : ବୁଧବାର ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମପଞ୍ଚାୟତର ଅତ୍ରି ଉଷ୍ମପ୍ରସବଣ ଏବଂ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠ ବୁଲି ଦେଖିଛନ୍ତି ପର୍ଯ୍ୟଟନ ଅଧିକାରୀ । ଉକ୍ତସ୍ଥାନର ଉନ୍ନତିକରଣ ନିମନ୍ତେ ପର୍ଯ୍ୟଟନ ବିଭାଗର ଅଧିକାରୀମାନଙ୍କ ସହ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପରିଦର୍ଶନ କରିଥିଲେ । ଅବହେଳିତ ଅବସ୍ଥାରେ ଥିବା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳରେ ରୂପାନ୍ତିକରଣ କରିବା ନିମନ୍ତେ ଯଥାଶ୍ରୀଘ୍ର ରୂପରେଖ ପ୍ରସ୍ତୁତ କରି କାର୍ଯ୍ୟକରିବା ସହ ପର୍ଯ୍ୟଟକମାନଙ୍କ ପାଇଁ ଏହି ସ୍ଥାନ କିପରି ଅଧିକ ଆକର୍ଷଣୀୟ ଏବଂ ଅଧିକ ବିକଶିତ ହୋଇପାରିବ ସେ ବିଷୟରେ ଶ୍ରୀ ସାହୁ ପର୍ଯ୍ୟଟନ ଅଧିକାରୀ ଙ୍କ ସହିତ ଆଲୋଚନା କରିଥିଲେ ।

# ଡବଲ୍ ଇଞ୍ଜିନର ଡବଲ୍ ଉପଲବ୍ଧି



**ଡ. ତପନ କୁମାର ଚାନ୍ଦ**

ଚଳିତ ମାସଟି ଦେଶ ଓ ରାଜ୍ୟ ପାଇଁ ଅତି ଗୁରୁତ୍ୱ ଓ ମହତ୍ୱପୂର୍ଣ୍ଣ। ଏହି ମାସରେ ଓଡ଼ିଶାରେ ପ୍ରଥମ ଥର ଶାସନକୁ ଆସିଥିବା ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଡବଲ୍ ଇଞ୍ଜିନ ସରକାର ତାହାର ଏକ ବର୍ଷ ପୂରଣ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ଓ ସୁଶାସନକୁ ୧୧ ବର୍ଷ ପୂରଣ ହେଉଥିବା ବେଳେ ଓଡ଼ିଶାରେ ସମ୍ମାନନୀୟ ମୋହନ ଚରଣ ମାଝୀଙ୍କ ସରକାର ଏକ ବର୍ଷର ସଙ୍କଳ୍ପ ପୂରଣ କରିବାକୁ ଯାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ଡବଲ୍ ଖୁସି ଆଣିଦେଇଛି। ୨୦୨୪ ଓଡ଼ିଶା ପାଇଁ ଏକ ଐତିହାସିକ ବର୍ଷ ଥିଲା। ଦୀର୍ଘ ୨୪ ବର୍ଷର ବିଜୁ ଜନତା ଦଳ (ବିଜେଡି) ସରକାରକୁ ପଦଚ୍ୟୁତ କରି ବିଜେପି ଜନମତରେ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟରେ ଏକାକୀ ସରକାର ଗଠନ କରିବାର ଅବିସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ଏଥି ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ଗଠନ ହୋଇଥିଲା ଲୋକପ୍ରିୟ ସରକାର। ଜାତୀୟ ସ୍ତରରେ ରୂପାନ୍ତରଣର ଏକ ଦଶନ୍ଧି ଓ ରାଜ୍ୟରେ ନୂଆ ଅଧ୍ୟାୟ ଶୁଭାରମ୍ଭର ଏକ ବର୍ଷ ପୂର୍ତ୍ତିକୁ ଧୁମଧାମରେ ପାଳନ କରିବା ଲାଗି ରାଜ୍ୟବାସୀଙ୍କ ପାଇଁ ଅନନ୍ୟ ସୁଯୋଗ ଆଣିଛି। ଓଡ଼ିଆମାନେ ଏବେ ଓଡ଼ିଆ ଭାବେ ନିଜର ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଓ ଐତିହ୍ୟ ପରମ୍ପରାର ପରିଚୟକୁ ନେଇ ଗର୍ବ କରୁଛନ୍ତି । ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥାରେ ହୋଇଥିବା ବିରାଟ ପରିବର୍ତ୍ତନର ଏହି ଯାତ୍ରା ସାମଗ୍ରିକ ଓ ସନ୍ତୁଳିତ ବିକାଶ, ସଶକ୍ତୀକରଣ, ସୁଶାସନ, ଗରିବ କଲ୍ୟାଣ ଓ ଦାୟିତ୍ୱବୋଧର କାହାଣୀ କହୁଛି । ଓଡ଼ିଶାକୁ ଏଭଳି ଏକ ସରକାର ମିଳିଛି ଯାହା ଓଡ଼ିଆ ଅସ୍ମିତାକୁ ପାଥେୟ କରି ବିକାଶର ଗତିପଥରେ ଦ୍ରୁତ ଗତିରେ ଆଗକୁ ମାଡ଼ିଚାଲିଛି । ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଯଥୋଚିତ ସମ୍ମାନ ଫେରିଆସିଥିବା ବେଳେ ଅନେକ ନୂଆ ଅଭିଯାନର ଶୁଭାରମ୍ଭ ହୋଇଛି, ଯାହା ପୂର୍ବରୁ କେହି କଳ୍ପନା କରିନଥିଲେ। ରାଜ୍ୟକୁ ଏଭଳି ଜଣେ ମୁଖ୍ୟମନ୍ତ୍ରୀ ମିଳିଛନ୍ତି, ଯିଏ ଆମ ଭିତରୁ ଜଣେ ଭଳି ଲାଗୁଛନ୍ତି । ସେ କେବଳ ସାଧାରଣ ଲୋକ ନୁହନ୍ତି, ବରଂ ଲୋକଙ୍କ କଥା ବୁଝିବା ଲାଗି ଦୀର୍ଘଦିନ ଧରି ବନ୍ଦ ରହିଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଖୋଲି ସ୍ଥାଣୁ ପାଲଟିଯାଇଥିବା ବ୍ୟବସ୍ଥା ଦ୍ୱାରା ପୀଡ଼ିତ ହୋଇ ଅସହାୟ ଜୀବନ ବିତାଉଥିବା ଲୋକଙ୍କୁ ଏକ ସମସ୍ୟାମୁକ୍ତ ଓ ସମ୍ମାନଜନକ ଜୀବନ ବଞ୍ଚିବାର ଆଲୋକ ଦେଖାଇଛନ୍ତି। କେବଳ ଭୁବନେଶ୍ୱରରେ ଏହି ଅଭିଯାନ ସୀମିତ ନରହି ତାହାକୁ ରାଜ୍ୟର କୋଣଅନୁକୋଣରେ ପହଞ୍ଚାଇବାକୁ ଆମ ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ କରୁଛନ୍ତି । ଜଣେ ଆଦିବାସୀ ନେତା ଭାବେ ଆମ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ଏକ ସାଧାରଣ ଓ ସର୍ବସ୍ପର୍ଶୀ ସୁଶାସନରେ ପରିଣତ କରିଛନ୍ତ। ତ୍ୱରିତ ପଦକ୍ଷେପ ନେବା, କଠିନ ପରିଶ୍ରମ କରିବା, ଦୁର୍ବଳ ବର୍ଗଙ୍କ ଉଥାନ ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ତାଙ୍କ ଗୁରୁତ୍ୱ ନିଶ୍ଚିତ ରୂପେ ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିର ପ୍ରତିଫଳନ ପ୍ରତିଦିନ ଟିଭି ପରଦା ଓ ଖବରକାଗଜର ପୃଷ୍ଠା ବିମଣ୍ଡିତ କରିଛି। ଦୁର୍ନୀତିଖୋରଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଖବର ଭାବେ ପ୍ରତିଫଳିତ ହୋଇଛି, ଯାହା ଲୋକଙ୍କ ମନରେ ଦୁର୍ନୀତି ରାକ୍ଷସ ବଧ କରିବାର ସମ୍ଭାବନାକୁ ପୁଣି ଥରେ ଉଜାଗର କରିବାରେ ସଫଳ ହୋଇଛି। ଖଣି ଚୋରି, ବେଆଇନ ଖଣି କାରବାର ଓ ଲଘୁ ଖଣିଜ ଉତ୍ପାଦର ବ୍ୟାପକ ଚୋରାଚାଲାଣ ରୋକିବାକୁ ସରକାର ରୀତିମତ ଉଦ୍ୟମ କରୁଛନ୍ତି । ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘରେଘରେ ପ୍ରଭାବ ସୃଷ୍ଟି କରିପାରିଛି ତାହା ହେଉଛି 'ସୁଭଦ୍ରା' ଯୋଜନା। ରାଜ୍ୟକୁ ପ୍ରଥମ ଥର ପାଇଁ ଏଭଳି ଏକ ସରକାର ମିଳିଛି ଯାହା ବାସ୍ତବରେ ମହିଳା ସଶକ୍ତୀକରଣକୁ ଏକ ନୂଆ ଦିଗନ୍ତ ପ୍ରଦାନ କରିଛ। ବିନା କୌଣସି ସର୍ତ୍ତରେ ମହିଳାମାନଙ୍କୁ ପାଞ୍ଚ ବର୍ଷରେ ୫୦ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ଭୂମିକାର ଏକ ବୈପ୍ଳବିକ ମଡେଲ୍ ଭାବେ ଉଭା ହୋଇଛି । ଯାହାକି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପ୍ରେରଣା ହୋଇପାରିଛି । ଚାଷୀଙ୍କ ଦୁଃଖ ବୁଝିବା ଲାଗି ଧାନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)କୁ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ଠାରୁ ଆରମ୍ଭ କରି ଦେଶରେ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଲାଗୁ କରି ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଜାଲରୁ ମୁକୁଳାଇବା ପର୍ଯ୍ୟନ୍ତ ମୋହନ ସରକାରଙ୍କ ପ୍ରତିଟି ପଦକ୍ଷେପ ଲୋକଙ୍କ କଥା କହୁଛି, ଲୋକଙ୍କ କଥା ଶୁଣୁଛି ଓ ଲୋକଙ୍କ ପାଇଁ କାମ କରୁଛି। ଶିଳ୍ପାୟନରେ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନିଟି ରାଜ୍ୟରେ ପରିଣତ କରିବାର ସଂକଳ୍ପ ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ପ୍ରତିଫଳିତ ହୋଇଥିଲା, ଯେଉଁଥିରେ ୧୭ ଲକ୍ଷ କୋଟି ଟଙ୍କାର ୧୪୫ ନିବେଶ ପ୍ରସ୍ତାବ ୧୨ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିଥିଲା। ଓଡ଼ିଆ ଜାତିର ଆରାଧ୍ୟ ଠାକୁର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କରିବାକୁ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ନୂଆ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲି ଭକ୍ତ ଓ ଭଗବାନଙ୍କ ଭିତରେ ଥିବା ଅନ୍ତରକୁ ଦୂର କରିଥିଲେ। ବୟସ୍କଙ୍କ ପାଇଁ ପେନସନ୍ ବଢାଇବା, ୮୦ ବର୍ଷରୁ ଅଧିକ ବୟସର ଲୋକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଭତ୍ତାକୁ ମାସିକ ୩୫୦୦ ଟଙ୍କାକୁ ବଢାଇ ଏହି ସରକାର ସମାଜର ପ୍ରତିଟି ବର୍ଗର କଲ୍ୟାଣ ବିଷୟରେ ଚିନ୍ତା କରୁଥିବା ଭାବନାକୁ ସତ ପ୍ରମାଣିତ କରିଛନ୍ତି। ପ୍ରତିଶ୍ରୁତି ଅନୁସାରେ ରତ୍ନ ଭଣ୍ଡାରକୁ ଖୋଲିବା ଓ ତାହାର ମରାମତି କରିବା ଲାଗି ମଧ୍ୟ ସରକାର ପଦକ୍ଷେପ ନେଇଛନ୍ତି।

ନୂଆ ସରକାରରେ ଘଟିଥିବା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ରାଜନେତାମାନଙ୍କ ପାଖରେ ଶାସନର ଡୋରି ପହଞ୍ଚିବା ଯାହା ପୂର୍ବ ସରକାର ଅମଳରେ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇପଡ଼ିଥିଲା। ଜନ ପ୍ରତିନିଧିମାନେ ନିଜକୁ ଅସହାୟ ମନେ କରୁଥିବା ବେଳେ ପ୍ରଶାସକମାନେ ଶକ୍ତିଶାଳୀ ହୋଇପଡ଼ିଥିଲେ। ଏବେ ମନ୍ତ୍ରୀମାନେ ନିଜ ବିଭାଗର ନିଷ୍ପତ୍ତି ନିଜେ ନେବାର ସ୍ୱାଧୀନତା ପାଇଛନ୍ତି । ଗୋଟିଏ ପଟେ ଓଡ଼ିଶା ନିଜ ହଜିଲା ଗୌରବ ଫେରିପାଇ ଖୁସିରେ ଆତ୍ମହରା ହୋଇପଡ଼ିଥିବା ବେଳେ ଅନ୍ୟ ପଟେ ଜଣେ ମାର୍ଗଦର୍ଶକ ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ନିଜର ସନ୍ତାନ ଭାବେ ଲାଳନପାଳନ କରୁଛନ୍ତି। ଯେଉଁ ସବୁ ମହତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକରୁ ଓଡ଼ିଶା ବଂଚିତ ଥିଲା ତାହାକୁ କାର୍ଯ୍ୟକାରୀ କରାଯାଉଛି । ଆୟୁଷ୍ମାନ ଭାରତ ଯୋଜନା, ଜାତୀୟ ଶିକ୍ଷା ନୀତି ୨୦୨୫ ଭଳି କେନ୍ଦ୍ର ସରକାରଙ୍କ ଯୋଜନା ଓଡ଼ିଶା ବିକାଶର ନୂତନ ମାର୍ଗ ନିର୍ଦ୍ଧାରଣ କରିବାକୁ ଯାଉଛି। ସେ ଏହି ଗୋଟିଏ ବର୍ଷ ନୁହେଁ, ଦୀର୍ଘ ୧୧ ବର୍ଷ ଧରି ରାଜ୍ୟ ତଥା ଦେଶବାସୀଙ୍କ ସୁଖଦୁଃଖର ସାଥୀ ହୋଇରହିଛନ୍ତି। ୨୦୧୪ରେ ଏକ ଗମ୍ଭୀର ସନ୍ଧିକ୍ଷଣରେ ଦେଶର ମଙ୍ଗ ସମ୍ଭାଳିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିକାଶର ଗତି ମନ୍ଥର ହୋଇଯାଇଥିଲା, ଶିଳ୍ପ ଜଗତ ଚିନ୍ତାରେ ଥିଲା, ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିଥଲା, ଯୁବକଯୁବତୀଙ୍କୁ ଚାକିରି ମିଳୁନଥିବା ଭଳି ଏକ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ତାଙ୍କୁ ଦେଶର ନେତୃତ୍ୱ ମିଳିଥିଲା। ନିଜ କର୍ତ୍ତବ୍ୟ ନିଷ୍ଠା, ପରିଶ୍ରମ, ଜନ କଲ୍ୟାଣ ଆଭିମୁଖ୍ୟ ବଳରେ ସେ ଗୋଟିଏ ଦଶନ୍ଧିରେ ଐତିହାସିକ ଓ ଅକଳ୍ପନୀୟ ପରିବର୍ତ୍ତନ ଆଣିପାରିଛନ୍ତି। ଦଶ ବର୍ଷ ପୂର୍ବେ ଦଶମ ସ୍ଥାନରେ ଥିବା ଭାରତୀୟ ଅର୍ଥନୀତି ଏବେ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତିରେ ପରିଣତ ହୋଇପାରିଛି। ଯେଉଁ ଦେଶରେ ୯୦ ପ୍ରତିଶତରୁ ଅଧିକ ଫୋନ୍ ଆମଦାନି ହୋଇ ଆସୁଥିଲା, ସେହି ଦେଶରେ ଆଜି ବିଶ୍ୱର ୨୫ ପ୍ରତିଶତ ଆଇଫୋନ୍ ତିଆରି ହେଉଛି। ପ୍ରତିଟି ଲୋକଙ୍କ ହାତରେ ଥିବା ଫୋନ୍ 'ମେକ୍ ଇନ୍ ଇଣ୍ଡିଆ'ର ଗୁଣଗାନ କରୁଛି । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ପ୍ରତିଟି ଯୋଗ୍ୟ ଲୋକଙ୍କ ବ୍ୟାଙ୍କ ଖାତା ଖୋଲିବା, ସରକାରୀ ବାଟମାରଣା ରୋକିବା ଲାଗି ଆଧାର କାର୍ଡ ଜାରି କରିବା, ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ବାର୍ତ୍ତାକୁ ପ୍ରଭାବଶାଳୀ ଢଙ୍ଗରେ ଘରେ ଘରେ ପହଞ୍ଚାଇବା, ୟୁପିଆଇ ଜରିଆରେ ଦେଶକୁ ଏକ ଡିଜିଟାଲ୍ ଅର୍ଥନୀତିରେ ପରିଣତ କରିବା ପର୍ଯ୍ୟନ୍ତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିଟି ପଦକ୍ଷେପ ଭାରତୀୟଙ୍କ ଜୀବନରେ ଉଥାନ ଆଣିବାର ମୂଳଦୂଆକୁ ଆହୁରି ସୁଦୃଢ଼ କରିଥିଲା। ଗରିବ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ମୋଦି ସରକାର ୫୦କୋଟି ଗରିବଙ୍କୁ ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା ମଧ୍ୟମରେ ସାହାଯ୍ୟ ଯୋଗାଇ ଦେଇଛନ୍ତି। ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠି ପାରିଛନ୍ତି (ଏ ସମସ୍ତ ଉପଲବ୍ଧି ବିଶ୍ୱ ସ୍ତରରେ ଏକ ରେକର୍ଡ଼) । ବଡ଼ ସ୍ୱପ୍ନ ଦେଖିବା ଲାଗି ଲୋକମାନଙ୍କୁ ଅନୁପ୍ରାଣିତ କରି ମୋଦୀ ସରକାର ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନ ନେଇ ଆଗକୁ ବଢୁଛନ୍ତି । ଜର୍ମାନୀକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହେବା ଓ ବିକାଶର ପ୍ରତିଟି ମାନଦଣ୍ଡରେ ଉପରେ ରହିବାର ସେହି ସଂକଳ୍ପକୁ ପୂରଣ କରିବା ଲାଗି ସମାଜର ପ୍ରତି ବର୍ଗର ସହଯୋଗ ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ମୋହନ ମାଝୀଙ୍କ ସରକାର ମଧ୍ୟ ନିଜର ଲକ୍ଷ୍ୟ ପଥ ଧାର୍ଯ୍ୟ କରିଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ଦେଶ ଭଳି ବିକଶିତ ଓଡ଼ିଶା ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଓଡ଼ିଶାକୁ ୫୦୦ ବିଲିଅନ ଡଲାରର ଅର୍ଥନୀତିରେ ପହଞ୍ଚାଇବାର ଲକ୍ଷ୍ୟ ହାସଲ କରିବା ଲାଗି ଭିଜନ ଡକ୍ୟୁମେଣ୍ଟ ମଧ୍ୟ ପ୍ରସ୍ତୁତ ହୋଇ କାମ ଚାଲୁରହିଛି ।

ମୋଦୀ ସରକାରଙ୍କ ୧୧ ବର୍ଷର ଯାତ୍ରା ଭାରତୀୟ ରାଜନୀତିରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି । ଜାତି, ଧର୍ମ ଓ ବର୍ଣ୍ଣକୁ ପଛରେ ପକାଇ ବିକାଶ, ବୃଦ୍ଧି ଓ ସମୃଦ୍ଧି କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୧.୬୩ କୋଟି ଯୁବକଯୁବତୀ କୁଶଳୀ ହୋଇଛନ୍ତି । ରୋଜଗାର ମେଳା ଲୋକଙ୍କୁ ଜୀବିକା ପ୍ରଦାନ କରିଛି । ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୧.୬ ଲକ୍ଷ ପଞ୍ଜୀକୃତ ଷ୍ଟାର୍ଟଅପ୍ ୧୭.୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୨୦୨୪-୨୪ରେ ଉଦ୍ୟୋଗୀମାନଙ୍କୁ ୩୩.୬୫ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଅଗ୍ନିପଥ ସ୍କିମରେ ୧.୫ ଲକ୍ଷ ଅଗ୍ନିବୀର ଯୋଡ଼ି ହୋଇଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶକୁ କ୍ରୀଡ଼ାର ଏକ ମହାଶକ୍ତିରେ ପରିଣତ କରିଛି । ଗତ ଦଶନ୍ଧିରେ ସରକାର ଅଧିକ କଲେଜ ଖୋଲିଛନ୍ତି, ଅଧିକ ଲୋକଙ୍କୁ କୁଶଳୀ କରିଛନ୍ତି, ଷ୍ଟାର୍ଟଅପ୍ମାନଙ୍କୁ ଆଗକୁ ବିବାରେ ସହଯୋଗ କରିଛନ୍ତି। ସୁଚିନ୍ତିତ ଯୋଜନା ଓ ଉଦ୍ୟମ ବଳରେ ଭାରତର ଯୁବବର୍ଗଙ୍କୁ ଦ୍ରୁତ ଅଭିବୃଦ୍ଧିର ଇଞ୍ଜିନ ଭାବେ ଉପସ୍ଥାପନ କରିବାରେ ସରକାର ସଫଳ ହୋଇଛନ୍ତି । ମୋଦିଙ୍କ ଶାସନରେ ସମସ୍ତବର୍ଗର ଲୋକମାନଙ୍କୁ ସାମଗ୍ରିକ ମର୍ଯ୍ୟାଦା ଉପଲବ୍ଧ ହୋଇଛି । କୃଷକମାନଙ୍କୁ ଅନ୍ନଦାତା, ନାରୀମାନଙ୍କୁ ମାତୃଶକ୍ତି , ବୟୋଜ୍ୟେଷ୍ଠମାନଙ୍କୁ ପୂଜ୍ୟପୂଜା, ଯୁବାମାନଙ୍କୁ ଯୁବ ଶକ୍ତିଭାବେ ଉପସ୍ଥାପିତ କରାଯାଇଛି । ମୋଦିଙ୍କର ସବୁଠୁ ବଡ ଅବଦାନ ହେଲା ଆତଙ୍କବାଦୀଙ୍କୁ ଆତଙ୍କିତ କରିବା। ଆତଙ୍କବାଦ ଇତିହାସରେ ପ୍ରଥମଥର ପାଇଁ ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦୀଙ୍କର ମୂଳଲକ୍ଷ୍ୟ ଦେଶବାସୀଙ୍କ ମନରେ ଆତଙ୍କ ସୃଷ୍ଟି କରିବା ସଂପୂର୍ଣ୍ଣ ରୂପେ ବିଫଳ ହୋଇଛି । ଅନେକ ଆତଙ୍କବାଦୀ ମାଟିରେ ମିଶିବା ସହିତ କିଛି ଆତଙ୍କବାଦୀ ମୃତ୍ୟୁ ଭୟରେ ଲୁଚି ବୁଲୁଛନ୍ତି। ଆତଙ୍କବାଦ ବିରୋଧରେ କଡା ଜବାବ ସମସ୍ତ ଭାରତୀୟଙ୍କୁ ତ୍ରିରଙ୍ଗା ତଳେ ଏକଜୁଟ କରିପାରନ୍ତି ଓ ବିଶ୍ୱବାସୀ ଯେଉଁମାନେ ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଛନ୍ତି ସେମାନଙ୍କ ପାଇଁ ଭାରତ ଏକ ପ୍ରେରଣାର ଉତ୍ସ ହୋଇଯାଇଛି । ଅପରେସନ ସିନ୍ଦୁର ବିଶ୍ୱ ସ୍ତରରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି ।

**ପୂର୍ବତନ ଅଧ୍ୟକ୍ଷ, ନାଲକୋ ଓ ମୁଖପାତ୍ର ଭାରତୀୟ ଜନତା ପାର୍ଟି**

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୦୮)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ।।୮।।**

ହେ ଆସୁର ପ୍ରକୃତି ଲୋକମାନେ କହନ୍ତି-ଜଗତ୍ ଅସତ୍ୟ (ବେଦପୁରାଣାଦି ପ୍ରମାଣଶୂନ୍ୟ), ଅପ୍ରତିଷ୍ଠ (ଧର୍ମାଧର୍ମରୂପପ୍ରତିଷ୍ଠାହୀନ), ଈଶ୍ୱରବିହୀନ (ବ୍ୟବସ୍ଥାପକଶୂନ୍ୟ), ସ୍ତ୍ରୀପୁରୁଷର ମୈଥୁନସମ୍ଭୂତ ଏହି ଜଗତର ଅନ୍ୟ କିଛି କାରଣ ନାହିଁ, କେବଳ ସ୍ତ୍ରୀପୁରୁଷର ଧାରାବାହିକ କାମପ୍ରବାହ ହିଁ ଏହାର ଉତ୍ପତ୍ତିର ଏକମାତ୍ର କାରଣ ।।।।୮।।

# ରାସ୍ତା ଦୁର୍ଘଟଣାର ଭୟାବହତା

**ସମ୍ପାଦକୀୟ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଜଣାପଡ଼ିଛି ଯେ ସମଗ୍ର ବିଶ୍ୱରେ ବାର୍ଷିକ ପ୍ରାୟ ୧.୧୯ ନିୟୁତ ବ୍ୟକ୍ତି ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି । ଏହି ଦୁର୍ଘଟଣାରେ ପାଞ୍ଚ ବର୍ଷରୁ ୨୯ ବର୍ଷ ବୟସର ପିଲାମାନେ ପ୍ରଥମେ ଆହତ ହୋଇ ପରେ ପ୍ରାଣ ହରାଇଥାନ୍ତି ବୋଲି ସୂଚନା ମିଳୁଛି ।

ଓଡ଼ିଶା ସରକାରଙ୍କ ବିବରଣୀ ଅନୁଯାୟୀ ଗତ ୨୦୨୪ରେ ମାରାତ୍ମକ ରାସ୍ତା ଦୁର୍ଘଟଣାରେ ୪୯ ଦଶମିକ ୫ ଜଣ ପ୍ରାଣ ହରାଇଥିଲେ, ଯେତେବେଳେ ସମଗ୍ର ଦେଶରେ ଏହି ହାର ୩୭ ପ୍ରତିଶତ । ଅନୁଧ୍ୟାନରୁ ଜଣାଯାଇଛି, ଆମ ରାଜ୍ୟରେ ବର୍ଷକୁ ୬, ୧୪୨ ଜଣ ପ୍ରାଣ ହରାଇଥିବାବେଳେ ଗତ ବର୍ଷ ୨୦୨୪ରେ ଏ କ୍ଷେତ୍ରରେ ସାତ ପ୍ରତିଶତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା । ଏଇ ପାଞ୍ଚ ବର୍ଷ ଭିତରେ ରାସ୍ତା ଦୁର୍ଘଟଣାଜନିତ ଗ୍ରାଫ ଚିତ୍ରରେ ବୃଦ୍ଧି ପରିଲକ୍ଷିତ ହୋଇ ୨୯ ଦଶମିକ ୬ ପ୍ରତିଶତରେ ଉପନୀତ ହୋଇଥିଲା । ରାଜ୍ୟ ସରକାର ଏହି ଭୟାବହ ରାସ୍ତା ଦୁର୍ଘଟଣା ଯୋଗୁଁ ଉଦ୍‌ବେଗ ପ୍ରକାଶ କରିଥିଲେ ବୋଲି ଜଣାଯାଇଛି । ବିଗତ ଏଗାର ବର୍ଷ ତଳେ, ୨୦୧୪ରେ ଦେଶର ସର୍ବୋଚ୍ଚ ଅଦାଲତ ବଢ଼ି ଚାଲିଥିବା ଏହି ରାସ୍ତା ଦୁର୍ଘଟଣାର ମାରାତ୍ମକ ଦିଗ ପ୍ରତି ଦୃଷ୍ଟି ଦେଇ ଏକ କମିଟି ଜରିଆରେ ସତର୍କ କରାଇ ଦେଇଥିଲେ ଯେ ରାଜ୍ୟ ସରକାର ଅନ୍ତତଃ ପାଞ୍ଚବର୍ଷ ଭିତରେ ( ୨୦୧୪କୁ ମୌଳିକ ବର୍ଷ ଭାବେ ଆକଳନ କଲେ ୨୦୨୦ ସୁଦ୍ଧା) ଅନ୍ତତଃ ୫୦ ପ୍ରତିଶତ ରାସ୍ତା ଦୁର୍ଘଟଣା ହ୍ରାସ କରାନ୍ତୁ । ମାତ୍ର ଦୁଃଖର କଥା, ଅନୁଧ୍ୟାନରୁ ଜଣାଯାଇଛି ଯେ ସେବେଠାରୁ ଅର୍ଥାତ୍ ୨୦୨୦ ମସିହାରୁ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇ ୯୮୧୭ରେ ପହଞ୍ଚି ଥିବାବେଳେ ୨୦୨୧ରେ ତାହା ୧୦,୯୮୪, ୨୦୨୨ରେ ୧୧,୬୬୩କୁ, ୨୦୨୩ରେ ୧୧,୯୯୨କୁ ଏବଂ ୨୦୨୪ରେ ତାହା ୧୨, ୩୭୫କୁ ବୃଦ୍ଧି ପାଇଛି ।

ରାଜ୍ୟ ପରିବହନ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଗତ ପାଞ୍ଚବର୍ଷ ଭିତରେ ୫୬, ୮୩୧ଟି ରାସ୍ତା ଦୁର୍ଘଟଣାରେ ୨୭, ୧୬୭ ଜଣ ପ୍ରାଣ ହରାଇଥିବାବେଳେ ୫୦, ୦୪୧ ଜଣ ଆହତ ହୋଇଛନ୍ତି । ଏହି ସବୁ ରାସ୍ତା ଦୁର୍ଘଟଣାର କାରଣ ଅନୁସନ୍ଧାନ କଲେ ଜଣାଯାଇଥାଏ ଯେ ଏହି ସବୁ ଦୁର୍ଘଟଣାରେ, ୮୫ ପ୍ରତିଶତ ଗାଡ଼ିର ଡ୍ରାଇଭର ଓ ଅନ୍ୟାନ୍ୟ ଆନୁସଙ୍ଗିକ ତ୍ରୁଟି ଯୋଗୁଁ ଘଟିଥାଏ । ଅବଶିଷ୍ଟ ୧୫ ପ୍ରତିଶତ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ହୋଇଥାଏ । ଡ୍ରାଇଭର ମଦ ପିଇ ବେପରୁଆ ଗାଡ଼ି ଚାଳନା କରିବାରୁ ଏପରି ରାସ୍ତା ଦୁର୍ଘଟଣାର ଶରବ୍ୟ ଆମେମାନେ ହେଉଛୁଁ ବୋଲି ପରିବହନ ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

'ସମୟ'ର କଟକ ଜିଲ୍ଲା ପ୍ରତିନିଧିଙ୍କ ଏକ ଚାଞ୍ଚଲ୍ୟକର ଖବର ଏବେ ପ୍ରକାଶିତ ହୋଇଛି । ଅଭିଯୋଗ ହୋଇଛି ଯେ ସ୍ୱତନ୍ତ୍ର ଅଡିଟ୍ ନାଁରେ ଦୋଷୀଙ୍କୁ ଘଣ୍ଟ ଘୋଡାଉଛି ରାଜ୍ୟ ପରିବହନ ବିଭାଗ । ଗାଡ଼ିମାନଙ୍କରେ ଭେଇକଲ ଲୋକେସନ୍ ଟ୍ରାକିଙ୍ଗ ଡିଭାଇସ୍ ( ଗାଡି କେଉଁଠି ଅଛି ସେ ସଂକ୍ରାନ୍ତୀୟ ସୂଚନା ମିଳିବାର ଯନ୍ତ୍ରାଂଶ) ପାଇଁ ନିୟମ କରାଯାଇଥିଲେ ମଧ୍ୟ ତାକୁ କେହି ମାନୁ ନାହାନ୍ତି । ଏ କଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକାର କରୁଛନ୍ତି । ମାତ୍ର ଏପରି ଆଇନ ନ ମାନୁଥିବା ବଡ଼ ବଡ଼ ଗାଡ଼ିଗୁଡ଼ିକ ବିରୋଧରେ ପରିବହନ ବିଭାଗର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିନାହାନ୍ତି । ବିଚିତ୍ର କଥା ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିନାହାନ୍ତି ରାଜ୍ୟ ସରକାର ।

ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଉଭୟ ଟ୍ରକ-ବସ୍ ମାଲିକ ମହାସଂଘ ପକ୍ଷରୁ ଯଥାକ୍ରମେ ଦେବେନ୍ଦ୍ର ସାହୁ ଓ ରବି ଶତପଥୀ ମିଳିତ ଭାବେ ସ୍ମାରକପତ୍ର ନେଇଛନ୍ତି ଯେ ପୋଲିସର ଗାଡ଼ି ଚେକିଙ୍ଗ କ୍ଷମତା ପ୍ରତ୍ୟାହାର କରାଯାଉ । କାରଣ ଗାଡ଼ି ଚେକିଙ୍ଗ କ୍ଷମତା ପୋଲିସର କାମ ନୁହେଁ, ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା ହେଉଛି ପୋଲିସର କାମ ।

ରାଜ୍ୟରେ ଆଇ.ଆଇ.ଟି ମାଡ୍ରାସ ସହାୟତାରେ ରାଜ୍ୟ ସରକାର ୩ ଜୁନ୍ (୨୦୨୫) ରେ ଭୁବନେଶ୍ୱରରେ ଅନୁଷ୍ଠିତ ଶୂନ୍ୟ ଦୁର୍ଘଟଣା ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ରାଜ୍ୟବାସୀଙ୍କୁ କହିଛନ୍ତି, 'ସଡ଼କ ନିୟମ ପାଳନ୍ତୁ ଓ ଘରକୁ ଫେରିବା ନିଶ୍ଚିନ୍ତ କରନ୍ତୁ' । ପ୍ରକୃତରେ ଏପରି ଆହ୍ୱାନ ଖୁବ୍ ସ୍ୱାଗତଯୋଗ୍ୟ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ,**
**ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,**
**ପ୍ରତି ରକ୍ତବିନ୍ଦୁ ।**
**(ଗୋପବନ୍ଧୁ ଦାସ)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ବିଲୁପ୍ତ ହେଉଛନ୍ତି ବିରଳ ପ୍ରଜାତିର ପକ୍ଷୀ



ସତ୍ୟ ସୁନ୍ଦର ଭଞ୍ଜ

ଆଜି ବିଶ୍ୱ ପରିବେଶ ଦିବସ । ଏହି ଦିବସ ଅବସରରେ ଧରାପୃଷ୍ଠରୁ ବିଲୋପ ପାଉଥିବା ଅନେକ ବିରଳ ପ୍ରଜାତିର ପକ୍ଷୀ ଓ ପୃଥିବୀ ପାଇଁ ସେମାନଙ୍କ ଆବଶ୍ୟକତା ଉପରେ ଚିନ୍ତନ କରିବା ସମୟ ଉପନୀତ । ବିଶ୍ୱରେ ମଣିଷ ସମାଜ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ବସବାସ କରିବା ସହ ସମଗ୍ର ଜୀବ ଜଗତର ସହାବସ୍ଥାନର ଆବଶ୍ୟକତା ରହିଛି । କିନ୍ତୁ ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁଁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବା ସହ ମଣିଷ ସମେତ ପ୍ରାଣୀ ଓ ପକ୍ଷୀଙ୍କ ଜୀବନ ଧାରଣ ଦୁର୍ବିସହ ହୋଇଯାଉଛି ।

ଏକଦା ଯେପରି ଧରାପୃଷ୍ଠର ବିରାଟ ଜୀବ ଡ଼ାଇନୋସର ପରିବେଶ ସହ ଖାପ ଖୁଆଇନପାରି ଧରାପୃଷ୍ଠରୁ ଲୋପ ପାଇଗଲା, ଠିକ୍ ସେହିପରି ଏବେ ଅନେକ ବନ୍ୟପ୍ରାଣୀ ଓ ପକ୍ଷୀ ବିଲୁପ୍ତ ହେବାରେ ଲାଗିଛନ୍ତି । ଏକଦା ଶାଗୁଣାର ଉପସ୍ଥିତି ଯୋଗୁଁ ଅନେକ ପରିବେଶ ସନ୍ତୁଳନ କାର୍ଯ୍ୟ ସାଧିତ ହେଉଥିଲା । ଶାଗୁଣାମାନେ ବହୁ ସଂଖ୍ୟାରେ ଏକାଠି ବସବାସ କରୁଥିଲେ । ମୁଖ୍ୟତଃ ଶାଗୁଣା ମୃତ ପଶୁ, ଗୋରୁ ଗାଈ, ପକ୍ଷୀଙ୍କ ମଢ଼ ଖାଇ ଯାଉଥିବାରୁ ଏହା ପରିବେଶ ପାଇଁ ବେଶ ସହାୟକ ହେଉଥିଲା । ଶାଗୁଣା ବଂଶ ପରିବେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ । ସେମାନଙ୍କର ବଂଶ ହ୍ରାସ ବିଭିନ୍ନ ପରିଣାମ ଆଣିଛି ବୋଲି ବିଶେଷଜ୍ଞଙ୍କ ମତ । ମଣିଷ ସମାଜ ଭଲରେ ସ୍ୱଚ୍ଛତା ସହ ବସବାସ କରିବା ପାଇଁ ଝାଡୁଦାର ( ସ୍କେଭେଞ୍ଜର) ମାନେ ସକାଳୁ ସହରକୁ ଯେପରି ପରିଷ୍କାର ପରିଚ୍ଛନ୍ନ କରନ୍ତି, ଠିକ୍ ସେହିପରି ବିଭିନ୍ନ ପ୍ରଜାତିର ପକ୍ଷୀମାନେ ପଚା ଶଢ଼ା ମୃତ ଦେହକୁ ଭକ୍ଷଣ କରି ଜୈବ ସନ୍ତୁଳନରେ ବିରାଟ ଭୂମିକା ନିଭାଇ ଆସୁଥିଲେ ।

ଭାରତରେ ଶାଗୁଣା ପରିବେଶ ଓ ସ୍ୱାସ୍ଥ୍ୟରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି । ମୃତ ପଶୁମାନଙ୍କ ଶରୀର/ମଢ଼ ଖାଇ ସଫା କରନ୍ତି, ଯାହା ଦ୍ୱାରା ଆନ୍ଥ୍ରାକ୍ସ ଓ ରେବିଜ୍ ପରି ଘାତକ ରୋଗଗୁଡ଼ିକ ଚାରିପାଖରେ ପ୍ରସାରିତ ହୋଇପାରି ନଥାଏ । ଅନାବଶ୍ୟକ ମୃତଦେହ ସଫା କରି ପରିବେଶକୁ ସୁସ୍ଥ ଓ ପରିଚ୍ଛନ୍ନ ରଖନ୍ତି ଶାଗୁଣା । ଏହା ସହିତ ପ୍ରାକୃତିକ ସନ୍ତୁଳନ ଓ ବିବିଧତାକୁ ଅତୁଟ ରଖିଥାନ୍ତି । କହିବାକୁ ଗଲେ ଶାଗୁଣା ପ୍ରାକୃତିକ ପରିବେଶକୁ ସୁସ୍ଥ ଓ ସନ୍ତୁଳିତ ରଖି ଜୈବ ବିବିଧତା ଅବସ୍ଥାକୁ ରକ୍ଷା କରନ୍ତି ।

ଶାଗୁଣା ସଂଖ୍ୟାର ଭିନ୍ନତା ଦ୍ୱାରା ପରିବେଶର ସ୍ୱାସ୍ଥ୍ୟ ବିଷୟରେ ଅନୁମାନ ଲଗାଯାଇପାରେ । ତେଣୁ ସେମାନେ ପରିବେଶୀୟ ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାନ୍ତି । କିନ୍ତୁ, ଶାଗୁଣାଙ୍କ ସଂଖ୍ୟା ଭାରତରେ ଦ୍ରୁତ ହାରରେ କମିବାରେ ଲାଗିଛି । ମୁଖ୍ୟ କାରଣଗୁଡ଼ିକ ହେଉଛି ପଶୁ ଚିକିତ୍ସାରେ ବ୍ୟବହୃତ ଔଷଧ । ବିଷ ଦିଆଯାଇଥିବା ଚାରା ଖାଉଥିବା ଫଳରେ ସେମାନଙ୍କ ମୃତ୍ୟୁ ହେଉଛି । ସେହିପରି ଡାଇକ୍ଲୋଫେନାକରର ଅନେକ ପ୍ରଭାବ ରହିଛି ।

ଡାଇକ୍ଲୋଫେନାକ, ଏକ ନନ-ଷ୍ଟେରଏଡ଼ ଆଣ୍ଟି-ଇନଫ୍ଲାମେଟୋରୀ ଡ୍ରଗ୍ସ । ଏହା ଶାଗୁଣା ପାଇଁ ବିନାଶକାରୀ ଥିଲା। ଏହି ଔଷଧ ବ୍ୟବହୃତ ପଶୁମାନଙ୍କ ଶରୀର ଖାଇବା ସମୟରେ, ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ବିଶେଷକରି ବୃକକ୍‌ରେ ଏହା ଆସି ଜମିଯାଏ, ଯାହା ତାଙ୍କର ବୃକକ୍ ବିଫଳତା ଓ ମୃତ୍ୟୁ ଘଟାଏ । ଏହାର ଫଳସ୍ୱରୂପ ଶାଗୁଣା ସଂଖ୍ୟାର ଭୟଙ୍କର ହ୍ରାସ ଅନେକ ପ୍ରଜାତି ବିଲୁପ୍ତି ହେବାର ସଙ୍କଟ ପରିବେଶର ସନ୍ତୁଳନ ବିପର୍ଯ୍ୟସ୍ତ ଉପାୟ ହିସାବରେ ଡାକ୍ଲୋଫେନାକ ଉପରେ ପଶୁ ଚିକିତ୍ସାରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ଶାଗୁଣା ବଂଶ ଲୋପ ପାଇବାର ଅନ୍ୟ ଏକ କାରଣ ମନୁଷ୍ୟକୃତ ମଧ୍ୟ ହୋଇପାରେ । ଏହି ବିରଳ ପକ୍ଷୀ ପ୍ରଜାତିରେ ଅନେକ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଚିଲ, ବାଦୁଡ଼ି, ଚେମେଣିଆ ଅର୍ନ୍ତଭୁକ୍ତ ।

**ସେହିପରି ମୟୂରଭଞ୍ଜର ଶିମିଳିପାଳରେ ପୂର୍ବେ ଦେଖାଯାଉଥିବା କୋଚିଲା ଖାଇ ପକ୍ଷୀ ଆଉ ପ୍ରାୟ ଦେଖାଯାଉ ନାହାଁନ୍ତି । କୋଚିଲାଖାଇକୁ ସ୍ୱାଭିମାନୀ ପକ୍ଷୀ ଭାବେ ବିବେଚନା କରାଯାଇପାରେ । ଏହି ପକ୍ଷୀ ଥଣ୍ଡା ଅଞ୍ଚଳରେ ବସବାସ କରୁଥିବାବେଳେ ପରିବେଶ ସହ ଖାପଖୁଆଇ ପାରିଲା ନାହିଁ । ଏହା ସହିତ ପକ୍ଷୀ ଶିକାରୀଙ୍କ କବଳରେ ପଡ଼ି ଏହି ପ୍ରଜାତିର ପକ୍ଷୀ ଲୋପ ପାଇଛନ୍ତି । କୁହାଯାଏ କୋଚିଲାଖାଇ ପକ୍ଷୀଙ୍କ ଠାରୁ ପ୍ରସ୍ତୁତ ହେଉଥିବା ତେଲରେ ଅନେକ ରୋଗର ଉପଶମ ହୋଇଥାଏ ।** ଫଳରେ ବିଦେଶକୁ ବହୁ ପରିମାଣରେ ତାହା ଚାଲାଣ ହୋଇଥାଏ । ଏହି ପକ୍ଷୀର ଅନ୍ୟ ଏକ ଚରିତ୍ର ହେଉଛି ଦାମ୍ପତ୍ୟ ଜୀବନ ଅତି ସୁରୁଖୁରୁରେ କାଟନ୍ତି । ଏହି ପକ୍ଷୀ କେବଳ ଋତୁ ଅନୁସାରେ ସହବାସ କରିଥାଏ । ପକ୍ଷୀଙ୍କର ଯୌନକ୍ଷୁଧା ଋତୁକେନ୍ଦ୍ରିକ ହୋଇଥିବାବେଳେ ମଣିଷର ମନକେନ୍ଦ୍ରିକ ତଥା ଅବିଚାରିତ ।



ଅନ୍ୟ ଏକ ପ୍ରଜାତିର ପକ୍ଷୀ ହେଉଛନ୍ତି ଘରଚଟିଆ । ବ୍ୟାପକ ସହରୀକରଣ ଯୋଗୁଁ ଆଜି ଘର ଚଟିଆ ବଂଶ ବୃଦ୍ଧିରେ ରୋକ ଲାଗିଛି । ଗ୍ରାମାଞ୍ଚଳରେ ପାଳ, ଚାଳ ଘରେ ପ୍ରାୟତଃ ଏମାନେ ବସା ବାନ୍ଧିଥାନ୍ତି । କିନ୍ତୁ ଗାଁ ମାନଙ୍କରେ ଏବେ ଆଉ ପାଳ/ନଡ଼ା ଘର ନାହିଁ । ଛପର ଓ ଛାତ ଘର ହୋଇଗଲାଣି । କାଁ ଭାଁ ଚାଷୀର ପାଳଗଦା ଓ ଧାନ ରଖିବା ସ୍ଥାନରେ ଘର ଚଟିଆ ବସବାସ କରୁଛନ୍ତି । ଖାଦ୍ୟ ଓ ବାସସ୍ଥାନ ଏମାନଙ୍କ ବଂଶ ବିସ୍ତାରରେ ବାଧକ ସାଜିଛି । **ଘର ଚଟିଆକୁ ହିନ୍ଦୁ ସମ୍ପ୍ରଦାୟରେ ସଂସ୍କୃତିର ପ୍ରତୀକ ବୋଲି କୁହାଯାଉଥିବାବେଳେ କୌଣସି ଶୁଭ କାର୍ଯ୍ୟରେ ଘରୁ ବାହାରିବାବେଳେ ଯଦି ଚଟିଆ ଉଡ଼ିଲା ତା ହେଲେ ଭାଗ୍ୟୋଦୟ ଓ ଶୁଭ ସଙ୍କେତ ବୋଲି କୁହାଯାଉଥିଲା । କିନ୍ତୁ ବସ୍ତୁବାଦୀ ଦୁନିଆରେ ମଣିଷ ସେମାନଙ୍କ ବଂଶରକ୍ଷା ଓ ସୁରକ୍ଷା ଦିଗରେ ଚିନ୍ତା କଲା ନାହିଁ । ଫଳରେ ଆଜି ଦିନରେ ସରକାର ପକ୍ଷୀମାନଙ୍କୁ ବଞ୍ଚାଇବାକୁ ସରକାରୀ ସ୍ତରରେ ପଦକ୍ଷେପ ନେଉଛନ୍ତି । ଘରଚଟିଆମାନଙ୍କୁ ବଞ୍ଚାଇବା ପାଇଁ ବିଶ୍ୱ ଘରଚଟିଆ ଦିବସ ପାଳନ କରୁଛି ।** ଅଧିକ ପକ୍ଷୀ ବସବାସ କରୁଥିବା ବିଭିନ୍ନ ଗ୍ରାମଗୁଡ଼ିକୁ ପକ୍ଷୀ ଗ୍ରାମର ମାନ୍ୟତା ଦେଉଛି । ଓଡ଼ିଶାର ଚିଲିକା, ହୀରାକୁଦ, ପଶ୍ଚିମ ଓଡ଼ିଶାର ବୋବିନ୍ଦପୁର, ବୈଜଲସାଗର ସମେତ ଅନେକ ଗ୍ରାମ ରହିଛି ଯେଉଁଠାକୁ ବିଦେଶାଗତ ପକ୍ଷୀ ନିର୍ଦ୍ଦିଷ୍ଟ ସମୟରେ ହଜାର ହଜାର ସଂଖ୍ୟାରେ ଆସନ୍ତି । କିନ୍ତୁ ମିଳିଥିବା ତଥ୍ୟ ଅନୁସାରେ ସେହି ବିଦେଶାଗତ ପକ୍ଷୀମାନେ ଏବେ ପକ୍ଷୀ ଶିକାରୀଙ୍କ ନକରାତ୍ମକ ଦୃଷ୍ଟିରେ ପଡ଼ିଲେଣି । ଏହି ବିରଳ ପକ୍ଷୀମାନଙ୍କ ବଂଶ ରକ୍ଷା କରିବା ପାଇଁ ସରକାର ପକ୍ଷୀ ଶିକାରୀଙ୍କ ପ୍ରତି ଅତି କଠୋର ମନୋଭାବ ଆପଣେଇବାର ସମୟ ଉପନୀତ ବୋଲି ପକ୍ଷୀପ୍ରେମୀଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି ।

ସହ-ସମ୍ପାଦକ, ସମୟ
ମୋ-୯୪୩୭୧୫୦୬୩୨

# ମନୋରଞ୍ଜନର ଏ ପାଖ ସେ ପାଖ



ସୁଧାଂଶୁ ଶେଖର ଧଡା

କର୍ମକ୍ଳାନ୍ତ ମନୁଷ୍ୟ ପାଇଁ ଅବସର ବିନୋଦନ, ଚିତ୍ତବିନୋଦନ ଏବଂ ମନୋରଞ୍ଜନ ନାମରେ ମାନସିକ କ୍ଳାନ୍ତି ମେଣ୍ଟାଇବା ଆବଶ୍ୟକ ପଡେ । କର୍ମକ୍ଳାନ୍ତ ଶରୀରପାଇଁ ବିଶ୍ରାମ ଭଳି ମନପାଇଁ ମନୋରଞ୍ଜନ ଏକ ବିଶ୍ରାମ । ଏହା ପୁନର୍ବାର କାର୍ଯ୍ୟପାଇଁ ପ୍ରେରଣା ଏବଂ ଉତ୍ସାହ ପ୍ରଦାନକାରୀ ଆବଶ୍ୟକତା । ଆମ ଦେଶର ଶ୍ରମ ଆଇନ ଅନୁଯାୟୀ ମଧ୍ୟ ଶ୍ରମିକ କିମ୍ବା କର୍ମଚାରୀମାନଙ୍କର ଦିନ ଭିତରେ ସର୍ବାଧିକ ଶ୍ରମ ସମୟ ହେଉଛି ପ୍ରତି ୪ ଘଣ୍ଟା ପରେ ଅଧଘଣ୍ଟାଏ ବିଶ୍ରାମ ସହିତ ୮ ଘଣ୍ଟା ଏବଂ ସପ୍ତାହ ମଧରେ ସର୍ବାଧିକ ୪୫ ଘଣ୍ଟାର ଶ୍ରମ । ୮ଘଣ୍ଟାର କାର୍ଯ୍ୟ ବା ଶ୍ରମପରେ ଅଧାଘଣ୍ଟାର ବିଶ୍ରାମ ପୁନର୍ବାର କାର୍ଯ୍ୟକରିବା ନିମିତ୍ତ ଶାରୀରିକ ଓ ମାନସିକ ଭାବରେ ପ୍ରେରଣାଦାୟୀ । କାର୍ଯ୍ୟ ବା କର୍ତ୍ତବ୍ୟ ସମୟ ଭିତରେ ସରକାରୀ କିମ୍ବା ବେସରକାରୀ କର୍ତ୍ତୃପକ୍ଷ କେବେହେଲେ ମନୋରଞ୍ଜନକୁ ପ୍ରଶ୍ରୟ ଦିଅନ୍ତି ନାହିଁ । କର୍ତ୍ତବ୍ୟ ସମୟରେ ମନୋରଞ୍ଜନ ବ୍ୟବସ୍ଥା ରହିଲେ, କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇପାରିବ ନାହିଁ । ମନୋରଞ୍ଜନ ବର୍ତ୍ତମାନ ସମୟରେ ଶିଳ୍ପର ମାନ୍ୟତା ପାଇଛି । ମନୋରଞ୍ଜନ ସହ ସମ୍ବନ୍ଧିତ ବ୍ୟକ୍ତିମାନେ ମନୋରଞ୍ଜନ ଜଗତକୁ 'ଇଣ୍ଡଷ୍ଟ୍ରି' ବୋଲି କହିଲେଣି । ଏ ଦୃଷ୍ଟିରୁ ଇଣ୍ଡଷ୍ଟ୍ରି ବା ଶିଳ୍ପ ସହିତ ମନୋରଞ୍ଜନର ସମ୍ପର୍କ ବିଶ୍ଳେଷଣ ଆବଶ୍ୟକ କରେ ।

ଯନ୍ତ୍ର ସଭ୍ୟତା ପୂର୍ବରୁ ମନୁଷ୍ୟ କୃଷି କ୍ଷେତ୍ରରେ ପଶୁ ଶକ୍ତିର ବ୍ୟବହାର କରୁଥିଲା ଏବଂ ହାତଗଢା ପଦାର୍ଥଦ୍ୱାରା ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରୁଥିଲା । ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରର ଉଦ୍ଭାବନ ହେଲା । ଏହାଫଳରେ ହାତରେ ଗଢାଯାଉଥିବା କିଛି ପଦାର୍ଥ ଯନ୍ତ୍ର ସାହାଯ୍ୟରେ ଅଳ୍ପ ସମୟରେ ଅଧିକ ପରିମାଣରେ ଉତ୍ପାଦିତ ହେଲା । ବୈଷୟିକ କୌଶଳର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଗଲା । ଏସବୁକୁ ଦୃଷ୍ଟିରେ ରଖି ଯନ୍ତ୍ର ବା ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନକୁ ଲକ୍ଷ୍ୟକରି 'ଶିଳ୍ପ ବିପ୍ଳବ' ନାମରେ ଶବ୍ଦଟିଏର ସୃଷ୍ଟି ହେଲା । ସାଧାରଣତଃ ୧୭୬୦ ଖ୍ରୀଷ୍ଟାବ୍ଦରୁ ୟୁରୋପରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇ ବିଶ୍ୱର ବିଭିନ୍ନ ଦେଶକୁ ବ୍ୟାପିଥିଲା । ୧୭୭୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ଜେମ୍ସ ୱାଟ ଉନ୍ନତ ମାନର ରେଳ ଇଞ୍ଜିନ ଉଦ୍ଭାବନ କରିଲେ । ଏହାର ଶହେ କୋଡିଏ ବର୍ଷ ପରେ ରୁଡୋଲଫ ଡିଜେଲ ୧୮୯୭ ମସିହାରେ ଡିଜେଲ ଇଞ୍ଜିନ ଉଦ୍‌ଭାବନ କରିଲେ । ଏହାପରେ ୟୁରୋପରେ ବିଜ୍ଞାନ ବୈଷୟିକ ପ୍ରଗତିର ଯୁଗ ଆରମ୍ଭ ହୋଇଗଲା । ବିଭିନ୍ନ ପ୍ରକାରର ବୈଜ୍ଞାନିକ ଉପକରଣ ଓ ଯନ୍ତ୍ରର ଉଦ୍ଭାବନ ସହିତ ଖଣିରୁ କୋଇଲା ଉତ୍ତୋଳନରୁ ଆରମ୍ଭକରି ଲୁଗାକଳ ପର୍ଯ୍ୟନ୍ତ ଶ୍ରମିକ ଓ କର୍ମଚାରୀ ନିଯୁକ୍ତ ହେଲେ । ଶ୍ରମିକ ନିଯୁକ୍ତି ସହିତ ଶ୍ରମର ସମୟ, ବିଶ୍ରାମ, ମନୋରଞ୍ଜନ ଆଦି ନୂଆ ନୂଆ ଅବଧାରଣା ୟୁରୋପରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱକୁ ବ୍ୟାପିଗଲା । ଇଂରେଜ ସରକାର ଭାରତରେ ଏଠାକାର ଲୋକଙ୍କୁ ଇଂରାଜୀ ଶିକ୍ଷା ଦେଇ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଭାବରେ ନିଯୁକ୍ତି ଦେଲେ । ସରକାରୀ କାର୍ଯ୍ୟର ସମୟ ନିର୍ଦ୍ଧାରଣ କରାଗଲା । କାର୍ଯ୍ୟାଳୟରୁ ଘରକୁ ଫେରିବାପରେ ପ୍ରଶାସକ ଇଂରେଜମାନେ ମନୋରଞ୍ଜନ ନିମନ୍ତେ କ୍ଳବ ସଂସ୍କୃତି ଏ ଦେଶରେ ଆରମ୍ଭ କଲେ । ଏହି କ୍ଳବ ସଂସ୍କୃତି ହିଁ ଭାରତରେ ଆଧୁନିକ ମନୋରଞ୍ଜନର ଜନ୍ମସ୍ଥଳୀ । ଏହାର ବହୁ ଶତାବ୍ଦୀ ପୂର୍ବରୁ ଧାର୍ମିକ ନାଟକ, ଲୋକନୃତ୍ୟ ଆଦି ମନୋରଞ୍ଜନ ଭାବରେ ପରିଗଣିତ ହେଉଥିଲା । କ୍ରମେ 'ଆଧୁନିକ' ଶବ୍ଦଟି 'ଉଗ୍ର ଆଧୁନିକତାରେ' ପରିଣତ ହେଲା । ମନୋରଞ୍ଜନର କ୍ଷେତ୍ର ଓ ପରିସର ବିସ୍ତାରିତ ହୋଇ କିଛିବର୍ଷ ତଳେ 'ଶିଳ୍ପ' ହୋଇଯାଇଛି ।

**୧୯୫୦ ମସିହାରେ ବିଶ୍ୱରେ ନାଟକ କ୍ଷେତ୍ରରେ ଏକ ନୂଆ ଯୁଗ ଆସିଥିଲା । ତାହା ହେଉଛି ନାଟକର କାହାଣୀରେ ଉଭଟତାର ପ୍ରବେଶ । ୟୁଗିନି ଆୟୋନେସ୍କୋଙ୍କର ନାଟକ 'ଦି ବାଲ୍ଡ ସୋପ୍ରାନୋ , ସାମୁଏଲ ବେକେଟ୍‌ଙ୍କର 'ୱେଟିଂ ଫର ଗୋଦୋ' ଏବଂ ଜିନ୍ ଜେନେଟଙ୍କ 'ଦି ବାଲକୋନୀ' ନାଟକ ଏ କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ ଥିଲା । ତେବେ ଏସବୁ ନାଟକ ଦର୍ଶକଙ୍କୁ ଘଟଣାକୁ ଭିନ୍ନ ଢଙ୍ଗରେ ଚିନ୍ତା କରିବା ଶିଖାଇଥିଲେ ମଧ୍ୟ ଏଗୁଡିକର ସମାଜରେ କୁପ୍ରଭାବ ନଥିଲା । ବର୍ତ୍ତମାନର ଲୋକପ୍ରିୟ ପାରିବାରିକ ଧାରାବାହିକ ନାମରେ ପ୍ରଦର୍ଶିତ ହେଉଥିବା ଛୋଟପରଦାର ମନୋରଞ୍ଜନ ପାଇଁ ଏକ ସେନସର ବୋର୍ଡ ଆବଶ୍ୟକ ପଡିଲାଣି । ଆମ ଦେଶର ବିଶାଳ ଅନୁତ୍ପାଦକ ମାନବ ସମ୍ବଳର ସଦ୍ ବିନିଯୋଗ କରା ନଯାଇ 'ସିଜୋଫ୍ରିନିଆ' ଭଳି ମାନସିକ ସମସ୍ୟାରେ ପକାଇ ଦିଆଯିବା ଆଦୌ ଉଚିତ ନୁହେଁ । ଏ କ୍ଷେତ୍ରରେ ବିତର୍କ ଆବଶ୍ୟକ ।**

୧୯୮୨ ମସିହାରେ ଦିଲ୍ଲୀଠାରେ ନବମ ଏସୀୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ ସହିତ ଟେଲିଭିଜନ କାର୍ଯ୍ୟକ୍ରମର ରାଷ୍ଟ୍ରୀୟ ସ୍ତରରେ ପ୍ରସାରଣ ଆରମ୍ଭ ହେଲା । ସମଗ୍ର ଦେଶର ଦର୍ଶକମାନଙ୍କ ପାଇଁ ଉପଗ୍ରହ ଇନସାଟ୍ ଏ-୧ର ସହାୟତା ନିଆଗଲା । ସମସ୍ତଙ୍କ ନିକଟରେ ଟେଲିଭିଜନ ସେବା ପହଞ୍ଚାଇବା ପାଇଁ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, କ୍ଳବ, କର୍ମସ୍ଥଳୀ ଆଦିରେ ଟେଲିଭିଜନ ସେଟ୍ ପହଞ୍ଚାଇ ଦିଆଗଲା । ୧୯୮୩ ମସିହାରେ ଟେଲିଭିଜନ କାର୍ଯ୍ୟକ୍ରମର ସମୟ ବଢାଇ ନୂଆ କାର୍ଯ୍ୟକ୍ରମ ସବୁ ପ୍ରସାରଣ କରାଗଲା । ୧୯୯୨ ମସିହାରେ ଘରୋଇ ଟେଲିଭିଜନ ଚାନେଲଗୁଡିକ ପ୍ରସାରଣ ଆରମ୍ଭ କରିଲେ । ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣରେ ଜି.ଟିଭି ହେଉଛି ଦେଶର ପ୍ରଥମ ଘରୋଇ ଟେଲିଭିଜନ ଚାନେଲ । କ୍ରମେ ଘରୋଇ ଟେଲିଭିଜନ ଚାନେଲ ସଂଖ୍ୟା ବୃଦ୍ଧିପାଇ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୯୦୫ରେ ପହଞ୍ଚିଲା । ଏଥିମଧ୍ୟରୁ ଅଳ୍ପ କେତୋଟିକୁ ଛାଡିଦେଲେ ବାକିସବୁ ମନୋରଞ୍ଜନଭିତ୍ତିକ ଚାନେଲ । ବର୍ତ୍ତମାନ ସବୁ ଘରୋଇ ଚାନେଲ ୨୪ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାରଣ କରୁଛନ୍ତି ।

ଏବେ ପ୍ରଶ୍ନ ଉଠୁଛି ଯେ ମନୋରଞ୍ଜନ କାହାପାଇଁ ଏବଂ କେତେବେଳେ ଆବଶ୍ୟକରୁ, ଶିଳ୍ପ ବିପ୍ଳବରୁ ଶ୍ରମିକ ନିଯୁକ୍ତି, ଶ୍ରମର ସମୟ ନିର୍ଦ୍ଧାରଣ, ଶ୍ରମିକ ଆଇନ ପ୍ରଣୟନ, ଅବସର ସମୟରେ ମନୋରଞ୍ଜନ ଆଦି ସ୍ତର ଡେଇଁ ଏବେ ୨୪ଘଣ୍ଟିଆ ମନୋରଞ୍ଜନ ନିକଟରେ ଆମେ ପହଞ୍ଚିଲେଣି । ଦେଶରେ ଦିନକୁ ଦିନ ବେରୋଜଗାରୀ ବଢି ବଢି ଚାଲିଥିବା ସମୟରେ ୨୪ ଘଣ୍ଟିଆ ମନୋରଞ୍ଜନ ଦେଶର ମୋଟ ଘରୋଇ ଉତ୍ପାଦନ କ୍ଷେତ୍ରକୁ କିଭଳି ସହଯୋଗ କରୁଛି - ତାର ବିଶ୍ଳେଷଣ ଆବଶ୍ୟକ । ଆଉ ଏକ ପ୍ରଶ୍ନ ହେଲା - ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଭିନ୍ନ କର୍ମସ୍ଥଳୀ ଆଦିରେ ସ୍ଥାପନ କରାଯାଇଥିବା ଟେଲିଭିଜନସେଟ୍‌ଗୁଡିକର ଉପଯୋଗିତା କଣ ? ଛାତ୍ରଛାତ୍ରୀ, କର୍ମଚାରୀ, ଶ୍ରମିକ ଆଦି ଟେଲିଭିଜନ କାର୍ଯ୍ୟକ୍ରମକୁ ଦେଖିବେ କେତେବେଳେ ଏବଂ ପାଠ ପଢିବା କିମ୍ବା କାମ କରିବା ସମୟ କେତେବେଳେ ? ଏସବୁ ପ୍ରସଙ୍ଗରେ ପ୍ରଶ୍ନତ ଅନେକ ଅଛି । ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ସବୁଠାରୁ ବଡ ସମସ୍ୟା ହେଉଛି - ଅନୁତ୍ପାଦକ ଭାବରେ ସମୟ କଟାଉଥିବା ବିଶାଳ ମାନବ ସମ୍ବଳ । ଏଇ ବିନିଯୋଗ ହୋଇପାରୁନଥିବା ମାନବ ସମ୍ବଳକୁ ହିଁ ୨୪ ଘଣ୍ଟିଆ ମନୋରଞ୍ଜନ ପରିବେଷଣ କରୁଥିବା ଚାନେଲଗୁଡିକ ଖାଉଟି ବଜାରରେ ଗ୍ରାହକ ସଜେଇ ଦେଇଛନ୍ତି । ରୋଜଗାର ନଥାଇ ଖର୍ଚ୍ଚର ଓ ଉପଭୋଗର ସ୍ୱପ୍ନ ଦେଖାଇଛନ୍ତି । ରୋଜଗାର ନଥାଇ ଉପଭୋଗର ସ୍ୱପ୍ନ ଦେଖୁଥିବା ଲୋକଟି ଅର୍ଥପାଇଁ ଅପରାଧ କରିବା ବ୍ୟତୀତ ଆଉ ଅନ୍ୟ ବାଟ ନାହିଁ । କିଛି କାମ ନାହିଁ ବୋଲି ତ ଜଣେ ଘରେ ବସି ବସି ଟେଲିଭିଜନ ପରଦାରୁ ବଡ ବଡ ସ୍ୱପ୍ନ ଦେଖିବା ଶିଖୁଛି । ବର୍ତ୍ତମାନ ମନୋରଞ୍ଜନ ଚାନେଲଗୁଡିକର ଅନେକ ବୈଭବ ରହିଛି । ବିଷୟବସ୍ତୁକୁ ଅନ୍ୟ ଭାଷାରୁ ଅଣାଯାଇ ନୂଆ ଭାଷାରେ ଡବିଂ କରାଯାଉଛି । ଗୋଟାଏ ବିଷୟକୁ ୨୪ ଘଣ୍ଟା ଭିତରେ ଏକାଧିକଥର ଟେଲିକାଷ୍ଟ କରାଯାଉଛି । ବିଷୟବସ୍ତୁ ଅତ୍ୟନ୍ତ ଉଭଟ, ଅବାସ୍ତବ, ଅଲୌକିକ ଶକ୍ତିକୁ ଆଧୁନିକ ବିଜ୍ଞାନ ସହ ଅବାନ୍ତର ଭାବରେ ମିଶ୍ରଣ କରାଯିବା , ଦେବ ଚରିତ୍ରଗୁଡିକୁ ମନୁଷ୍ୟର ଆଜ୍ଞାକାରୀ ଭାବରେ ପ୍ରଦର୍ଶନ କରିବା, ଚରିତ୍ରଗୁଡିକ ମଧ୍ୟରେ କିଏ କାହାର କଣ ସହଜରେ ଜଣା ନପଡିବା , ପୁରୁଷମାନଙ୍କର ଏକାଧିକ ନାରୀଙ୍କ ସହ ସମ୍ପର୍କ ଓ ନାରୀମାନଙ୍କର ଏକାଧିକ ପୁରୁଷଙ୍କ ସହ ସମ୍ପର୍କ ରହିବା , ବିଷୟବସ୍ତୁରେ ବନ୍ଧୁକ-ଗୁଳି- ଛୁରୀଖଣ୍ଡା ଆଦି ମାରଣାସ୍ତ୍ର ବ୍ୟବହାର- ନିଶା ସେବନ- ଶିଶୁ ଓ ମହିଳାଙ୍କ ଉପରେ ବଳ ପ୍ରୟୋଗ ଓ ନୃଶଂସତା , ପୁଲିସ ବିଭାଗକୁ ଲାଞ୍ଚୁଆ ମିଛୁଆ ଗୁଣ୍ଡା ଭାବରେ ଚିତ୍ରଣ, ବିଚାର ବିଭାଗରୁ ନ୍ୟାୟ ମିଳୁନଥିବା ବ୍ୟବସ୍ଥା ଭଳି ଚିତ୍ରଣ, ପାରିବାରିକ ଜୀବନରେ ଶାନ୍ତି ନଥିବା ପ୍ରଦର୍ଶନ କରିବା ଭଳି କାହାଣୀ ପ୍ରଦର୍ଶନ କରାଯାଉଛି । ସକାରାତ୍ମକ ଦୃଶ୍ୟ ଅପେକ୍ଷା ନକରାତ୍ମକ ଭାବନାରେ ପରିବାରକୁ ସବୁବେଳେ ସୁଖଶାନ୍ତି ପରିବର୍ତ୍ତେ ମାନସିକ ଚାପରେ ରଖାଯାଉଥିବା ଦେଖାଯାଉଛି । ଏସବୁର ପ୍ରଦର୍ଶନ କରାଯାଉଛି, ଲୋକପ୍ରିୟ ପାରିବାରିକ ଧାରାବାହିକ ବ୍ରାଣ୍ଡ ନାଁ ରେ । ଏ ପ୍ରକାର ଅବାସ୍ତବ ଉଭଟ ଧାରାବାହିକଗୁଡିକର କିଛି ଏପିସୋଡ କ୍ରମାଗତ ଭାବରେ ଦେଖିଲେ ଏସବୁକୁ ଦେଖିବା ଏକ ନିଶାରେ ପରିଣତ ହୋଇଯାଉଛି । ଅନେକ ମହିଳା ଏଭଳି ଧାରାବାହିକ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖି 'ସିଜୋଫ୍ରିନିଆ' ନାମକ ମାନସିକ ସମସ୍ୟା ଭୋଗିଲେଣି । ସେମାନେ କରୁଥିବା କାମ ଓ ମନରେ କରୁଥିବା ଚିନ୍ତା ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଲାଣି । କିଛି ମହିଳା ଛୋଟ ପରଦାରେ ଦେଖୁଥିବା ହିଂସା ଦୃଶ୍ୟକୁ ରାତିଲେ ସ୍ୱପ୍ନରେ ନିଜଠାରେ ଘଟୁଥିବା ଦେଖୁଛନ୍ତି । ଏସବୁ ଆଗକୁ ଭୟଙ୍କର ମାନସିକ ସମସ୍ୟାର କାରଣ ପାଲଟିବା ସମ୍ଭାବନା ଅଛି ।

୧୯୫୦ ମସିହାରେ ବିଶ୍ୱରେ ନାଟକ କ୍ଷେତ୍ରରେ ଏକ ନୂଆ ଯୁଗ ଆସିଥିଲା । ତାହା ହେଉଛି ନାଟକର କାହାଣୀରେ ଉଭଟତାର ପ୍ରବେଶ । ୟୁଗିନି ଆୟୋନେସ୍କୋଙ୍କର ନାଟକ 'ଦି ବାଲ୍ଡ ସୋପ୍ରାନୋ , ସାମୁଏଲ ବେକେଟ୍‌ଙ୍କର 'ୱେଟିଂ ଫର ଗୋଦୋ' ଏବଂ ଜିନ୍ ଜେନେଟଙ୍କ 'ଦି ବାଲକୋନୀ' ନାଟକ ଏ କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ ଥିଲା । ତେବେ ଏସବୁ ନାଟକ ଦର୍ଶକଙ୍କୁ ଘଟଣାକୁ ଭିନ୍ନ ଢଙ୍ଗରେ ଚିନ୍ତା କରିବା ଶିଖାଇଥିଲେ ମଧ୍ୟ ଏଗୁଡିକର ସମାଜରେ କୁପ୍ରଭାବ ନଥିଲା । ବର୍ତ୍ତମାନର ଲୋକପ୍ରିୟ ପାରିବାରିକ ଧାରାବାହିକ ନାମରେ ପ୍ରଦର୍ଶିତ ହେଉଥିବା ଛୋଟପରଦାର ମନୋରଞ୍ଜନ ପାଇଁ ଏକ ସେନସର ବୋର୍ଡ ଆବଶ୍ୟକ ପଡିଲାଣି । ଆମ ଦେଶର ବିଶାଳ ଅନୁତ୍ପାଦକ ମାନବ ସମ୍ବଳର ସଦ୍ ବିନିଯୋଗ କରା ନଯାଇ 'ସିଜୋଫ୍ରିନିଆ' ଭଳି ମାନସିକ ସମସ୍ୟାରେ ପକାଇ ଦିଆଯିବା ଆଦୌ ଉଚିତ ନୁହେଁ । ଏ କ୍ଷେତ୍ରରେ ବିତର୍କ ଆବଶ୍ୟକ ।

ପୂର୍ବତନ ଉପ-ନିର୍ଦ୍ଦେଶକ, ଆକାଶବାଣୀ ସମାଚାର ବିଭାଗ, ଜାଗମରା , ଖଣ୍ଡଗିରି , ଭୁବନେଶ୍ୱର-୩୦
ମୋ- ୯୩୩୭୦୧୫୮୮୨ .

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳାଚକଟା...

ତେବେ ଲୋକଙ୍କୁ ସୁରକ୍ଷାକର୍ମୀ ନିୟନ୍ତ୍ରଣ କରୁଥିବା ବେଳେ ବର୍ଷା ସ୍ଥିତିକୁ ଆହୁରି ସାଂଘାତିକ କରିଛି। ଆରସିବି ଟିମ୍‌କୁ ପ୍ରଥମେ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହଜାର ହଜାର କ୍ରିକେଟ୍‌ପ୍ରେମୀ ଲାଲ ପତାକା ଧରି ଧାଡିରେ ଠିଆ ହୋଇଥିବା ବେଳେ ଷ୍ଟାଡିୟମ୍‌ର ଫାଟକ ନିକଟରେ ଅସମ୍ଭବ ଭିଡ଼ ହୋଇଥିଲା। ଖେଳାଳିମାନେ ଏକ ବସ୍‌ରେ ଆସିଥିଲେ। ତେବେ ବେଳେ ପଡ଼ିଲା ପରିସ୍ଥିତି ସାଂଘାତିକ ହୋଇଥିଲା। ପୋଲିସ୍ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ହସ୍ପିଟାଲ ନେଇଥିଲା। ଚିନ୍ନାସ୍ୱାମୀ ମେଟ୍ରୋ ଷ୍ଟେସନ୍‌କୁ ବନ୍ଦ କରିଥିବା ବେଳେ ଷ୍ଟାଡିୟମ୍‌କୁ ସଂଯୋଗ କରୁଥିବା ସବୁ ରାସ୍ତାକୁ ବନ୍ଦ କରିଦିଆଯାଇଛି। ଷ୍ଟାଡିୟମ୍ ବାହାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଥିବା ବେଳେ ଆରସିବି ଓ କର୍ଣ୍ଣାଟକ ପାଇଁ ଆମେ ଗର୍ବିତ। ୧୮ ବର୍ଷର ଦୀର୍ଘ ଅପେକ୍ଷା ପରେ କୋହଲିଙ୍କ ଅନୁଗତ ଆମକୁ ସଫଳତା ଦେଇଛି। ଅସମ୍ଭବ ଭିଡ ସମ୍ପର୍କରେ କହିଛନ୍ତି ଯେ ସେ ଫଂକ୍ସାରେ ଜନଗହଳି ହୋଇଥିଲା ତାହା ନିୟନ୍ତ୍ରଣ କରିହୋଇନଥିଲା। ଏଥିଲାଗି ବେଙ୍ଗାଲୁରୁ ଓ କର୍ଣ୍ଣାଟକବାସୀଙ୍କୁ କ୍ଷମା ମାଗୁଛି। ଆମେ ଶୋଭାଯାତ୍ରା କରିବାକୁ ଚାହଁଥିଲୁ। ମାତ୍ର ଭିଡ଼ ନିୟନ୍ତ୍ରଣ ବାହାରରେ ଥିଲା। ଅଧିକାଂଶ ଯୁବକ ଭିଡ଼ରେ ସାମିଲ ହୋଇଥିବାରୁ ଆମେ ଲାଠିଚାର୍ଜ କରାଯାଇନଥିଲା। କର୍ଣ୍ଣାଟକ ବିଜେପି ପକ୍ଷରୁ ଏହି ଘଟଣା ପାଇଁ ରାଜ୍ୟର କଂଗ୍ରେସ ସରକାରଙ୍କୁ ଦାୟୀ କରାଯାଇଛି। ସୋସିଆଲ ମିଡ଼ିଆରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ ଏହି ଦଳ ଚକଟା ଘଟଣାରେ ଅଧିକାଂଶ ଲୋକ ଜୀବନ ହରାଇଛନ୍ତି। କଂଗ୍ରେସ ସରକାରଙ୍କ ଦାୟିତ୍ୱହୀନତା ଯୋଗୁଁ ଜୀବନ ସହ ସଂଗ୍ରାମ କରୁଥିବା କୌଣସି ବ୍ୟବସ୍ଥା ହୋଇନଥିଲା। ଫଳରେ ନିରୀହ ଲୋକମାନେ ମୃତ୍ୟୁବରଣ କରିଥିଲେ। ସିଦ୍ଧ ରାମୟା ଓ ଡିକେ ଶିବ କୁମାର ଖେଳାଳିମାନଙ୍କ ସହ ରିଲ୍ସ କରିବାରେ ବ୍ୟସ୍ତ ଥିଲେ। କଂଗ୍ରେସ ସରକାରଙ୍କ ଏହି ଫଟୋ ସେସନ କରିବା ଅତ୍ୟନ୍ତ ଲଜ୍ଜାଜନକ। ଏହା ଅପରାଧିକ ଅବହେଳା। ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉଛି।

ଶିବ କୁମାର କହିଛନ୍ତି ଯେ ଘଟଣା ପରେ ମାତ୍ର ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯାଇଥିଲା। ପୋଲିସ୍ କମିଶନର ଓ ଅନ୍ୟ ଅଧିକାରୀମାନଙ୍କ ସହ କଥା ହୋଇଛି। ପରେ ହସ୍ପିଟାଲ ଯିବି, ଡାକ୍ତରମାନଙ୍କୁ ଚିକିତ୍ସାରେ ବାଧା ସୃଷ୍ଟି କରିବାକୁ ଚାହୁଁ ନାହିଁ। ଲୋକମାନେ ଶାନ୍ତ ରଖିବାକୁ ଅନୁରୋଧ କରୁଛି। ତେବେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା କହିଛନ୍ତି ଯେ ଆଶା ଠାରୁ ଅଧିକ ରହିଥିଲା ଆମେ କେବେ ଭାବିନଥିଲୁ ଲୋକଙ୍କ ମଧ୍ୟରେ ଏଭଳି ଉତ୍ସାହ ରହିଛି। ଏହା ଦୁର୍ଭାଗ୍ୟଜନକ ଘଟଣା। ଆରସିବି ଟିମ୍ ଅହମ୍ମଦାବାଦ ଛାଡିଲା ପରେ ସେଠାରେ ପହଞ୍ଚିଥିଲେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବାର ଥିଲା। ତେବେ କେହି କେବେ ଆଶା କରିନଥିଲେ ଯେ ଏଭଳି ଘଟିବ। କାର୍ଯ୍ୟକ୍ରମ ଷ୍ଟାଡିୟମ୍ ଭିତରେ ଥିଲା। ତେବେ ଷ୍ଟାଡିୟମ୍ ଉପରେ ହୋଇଥିଲା। କେତେ ସଂଖ୍ୟକ ଲୋକ ଆସିବେ ବିଶ୍ୱାସ ନଥିବ ବେଳେ ସେ କହିଥିଲେ।

## ଭୁଲ..

ଆଇସିୟୁର ଗୁରୁତର ଚିକିତ୍ସିତ ରୋଗୀଙ୍କ ଭିତରୁ ଶୁକ୍ରା ମାଝୀ, ରୁକ୍ମିଣୀ ପେଣ୍ଡିଆ ଓ ଫୁଲମତି ମାଝୀ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସାଧାରଣ ସର୍ଜରୀ ୱାର୍ଡର ବେଡ଼ରେ ଥିବା ଭଗବାନ ପରିଡା ଓ ବତୀ ଖରା ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା।

ତୁରନ୍ତ ରୋଗୀ ସମ୍ପର୍କୀୟଙ୍କ ଉତ୍ତେଜନା ଦେଖି ଟାଉନ୍ ଥାନା ପୁଲିସ ପକ୍ଷରୁ ପୋଲିସ ମୃତ୍ୟୁନ କରାଯାଇଥିଲା। ଅନ୍ୟପଟେ ରୋଗୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଆଇସିୟୁରେ ଅପରେସନ ପରେ ରୋଗୀ ଠିକ୍ ଥିଲେ। ରାତ୍ରୀକାଳୀନ ଦାୟିତ୍ୱ ରେ ଥିବା କର୍ମଚାରୀ ଇଞ୍ଜେକ୍ସନ ଦେବାର ୧୫ ମିନିଟ ଭିତରେ ଆଇସିୟୁରେ ତିନି ରୋଗୀଙ୍କ ମୃତ୍ୟୁ ହୋଇଥିଲା। ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଭୁଲ ଇଞ୍ଜେକ୍ସନ ଦେଇ ଦେବାରୁ ଏପରି ହୋଇଛି। କିନ୍ତୁ ବେଡରେ ଥିବା ରୋଗୀଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟତା ମିଳି ପାରିନାହିଁ। ତେବେ ଅଳ୍ପ ସମୟ ଭିତରେ ରାତି ରାଉଣ୍ଡର ଶେଷ ବୁନ୍ଦାରେ ଆଇସିୟୁରେ ତିନି ଏବଂ ବେଡ଼ରେ ଦୁଇ ରୋଗୀଙ୍କ ମୃତ୍ୟୁ ନେଇ ପରିବାର ପ୍ରଶ୍ନ ଉଠାଉଥିବାରୁ ଶବ ଜବତ୍ କରିଛି ଟାଉନ୍ ଥାନା ପୁଲିସ। ଏତେ ବଡ଼ ଘଟଣା ଘଟିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି।

ସେପଟେ ରାଜ୍ୟ ସରକାର ଶ୍ୱେତପତ୍ର ଦେବାକୁ ଦାବି କରିଛି ବିଜେଡି। ବଦନାମ ମୁଣ୍ଡାଇବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଏମଇଟି। ଯାଞ୍ଚ ପାଇଁ ଗଠନ ହୋଇଛି ୫ ଜଣିଆ ଟିମ୍। ରୋଗୀ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ ପରେ ଗୁରୁବାର ସୁଦ୍ଧା ରିପୋଟ ର଼୍ଆସିବ।

## ରାଜ୍ୟରେ...

୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି। ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ। ଜମିଜମା ସଙ୍କ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ।

ସେ କହିଥିଲେ ଯେ, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ, ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତାବାଦ ଅଛି। କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। କିଛି କିଛି ଅଞ୍ଚଳରେ ଆରମ୍ଭ ହୋଇଗଲାଣି। ତେଣୁ, ସମସ୍ତେ ପାଣିପାଗ ବିଭାଗଦ୍ୱାରା ଜାରି ପାଣିପାଗ ସୂଚନାକୁ ନିୟମିତ ଭାବେ ଅନୁସରଣ କରୁଥିବେ ଏବଂ ତଦନୁସାରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏସ୍ଓପି ନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଚଳିତ ମାସ ଠାରୁ ଆରମ୍ଭ କରି ନଭେମ୍ବର ପର୍ଯ୍ୟନ୍ତ ମୌସୁମୀ ବର୍ଷା ଏବଂ ବାତ୍ୟା ଲାଗି ରହିବ। ତେଣୁ, ଏଥିପାଇଁ ନିଜ ନିଜ ଅଞ୍ଚଳର ପାରିପାର୍ଶିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରା ପ୍ରଶାସନକୁ ପ୍ରସ୍ତୁତ କରିବେ।

ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ। ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିୱାରୀ ଭେରୀଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏ। ତେଣୁ, ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧା ପାଇବେ।

କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ। ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ।

ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣ ମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି।

ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର, ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

## କାଳବୈଶାଖୀ...

ବେଳେ ବାଲେଶ୍ୱରରେ ୩୫.୮ ମିମି, ସୋନପୁରରେ ୩୪ ମିମି, ଟିଟିଲାଗଡ଼ରେ ୨୦ ମିମି, ଖୋର୍ଦ୍ଧାରେ ୧୩ ମିମି ଓ ବାରିପଦାରେ ୪.୬ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଝଡ଼ତୋଫାନ ପ୍ରଭାବରେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସେରଭ ପେଟ୍ରୋଲ ପମ୍ପ ନିକଟରେ ୫ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇ ରାସ୍ତା ଉପରେ ବିଦ୍ୟୁତ ତାର ପଡ଼ିରହିଛି। ଭୁବନେଶ୍ୱରସ୍ଥିତ କେଶୁରାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ସେହିପରି ସହରର ପ୍ରମୁଖ ଅଞ୍ଚଳରେ ବର୍ଷା ଯୋଗୁ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ୪ ଚକିଆ ଯାନ ମଧ୍ୟ ପାଣିରେ ବୁଡ଼ି ଫଁଶିରହିଥିଲା। କେବଳ ସେତିକି ନୁହେଁ ପ୍ରବଳ ପବନ ଯୋଗୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଳ ଓ ଆଜ୍‌ବେଷ୍ଟସ୍ ଉଡ଼ିଯାଇଥିବା ଖବର ମିଳିଥିଲା।

ଆସନ୍ତା ଦୁଇଦିନ ଲାଗି ଗରମ ଓ ଗୁଳୁଗୁଳି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି(ଗୁରୁବାର) ବାଲେଶ୍ୱର ଓ ପୁରୀ ଜିଲ୍ଲାକୁ ଗ୍ରୀଷ୍ମ ଲହରି ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ ଗରମ ସହ ଗୁଳୁଗୁଳି ଅନୁଭୂତ ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ। ୬ ଓ ୭ ତାରିଖରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ୫ ଟନ୍‌ରୁ...

ତଦନ୍ତ ପରିସର ଭିତରକୁ ନେଇନାହିଁ। ନିକିତା ଅଗ୍ରୱାଲଙ୍କୁ ଏଯାଏ କାହିଁକି ଜେରା କରାଯାଇନି। ଯଦି ଶ୍ରବଣ ଅଗ୍ରୱାଲ ଓ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ବେଳେ ନିକିତାଙ୍କୁ କେବେ ପଚରାଉଚରା କରାଯିବ।

ମଙ୍ଗଳବାର ହାଇଦ୍ରାବାଦରୁ ଆସିଥିଲା ୧୫ ହଜାର କେଜି ବାରୁଦ ସହ ବାରୁଦରେ ବ୍ୟବହାର ହେଉଥିବା ୩ ଲକ୍ଷ ମିଟର ତାର। ତେବେ ୧୬୦ଟି ପ୍ୟାକେଟରୁ ୪ ହଜାର କେଜି ବାରୁଦ ଆସିଛି ନିକିତା ଏଣ୍ଟରପ୍ରାଇଜେସର ନିକିତା ଅଗ୍ରଓ୍ୱାଲଙ୍କ ନାଁରେ। ମେ' ୨୭ ତାରିଖରେ ସରଣ୍ଡା ଜଙ୍ଗଲରୁ ମାଓବାଦୀ ବିସ୍ଫୋରକ ଲୁଟି ନେବା ପରେ, ଜାରି ରହିଛି ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ସହ ସିଆରପିଏଫର କମ୍ବିଂ ଅପରେସନ୍। ବୁଧବାରପୁଲିସ ଡିଜି ଓ୍ୱାଇ ବି ଖୁରାନିଆ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଯେ, ଏଯାଏ ଲୁଟ୍ ୫ ଟନ୍ ବିସ୍ଫୋରକରୁ ୩.୮ ଟନ୍ ଜବତ ହୋଇଛି।

ରାଉରକେଲାରେ ପେଟ୍ରୋଲ୍ ପମ୍ପରୁ ଯେଉଁ ବିସ୍ଫୋରକ ଭର୍ତ୍ତି ଗାଡ଼ି ମିଳିଥିଲା, ତାହା ବାଙ୍କୋ ଖଣିରୁ ଯାଇଥିଲା ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି। ଉଭୟ ଗାଡ଼ି ଡ୍ରାଇଭର ଓ ଖଣି ମାଲିକଙ୍କୁ ଗିରଫ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମାଗାଜିନରେ ଚଢ଼ଉ ଚାଲିଛି। ରେକର୍ଡରେ ଥିବା ବିସ୍ଫୋରକ ଗୋଦାମରେ ମହଜୁଦ ଅଛି ନା ନାହିଁ, ଯାଞ୍ଚ ହେଉଛି। ତେବେ ବିସ୍ଫୋରକ ନେବାବେଳେ ଏସଓପି ପାଳନ ହୋଇନଥିବା କହିଛନ୍ତି ପୁଲିସ ଡିଜି। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଇତମାରୁ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ୍ ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ରାଜ୍ୟ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ପୂରା ଘଟଣା।

## କୁଳପତି...

ମାସିକ ଧାର୍ଯ୍ୟ ହୋଇଥିବାବେଳେ ସ୍ୱତନ୍ତ୍ର ଭତ୍ତା ଭାବେ ୧୧ ହଜାର ୨୫୦ ଟଙ୍କା ପାଇବେ। କୁଳପତିଙ୍କ କାର୍ଯ୍ୟକାଳ କାର୍ଯ୍ୟରେ ଯୋଗଦେବା ପରେ ୪ ବର୍ଷ ବା ସର୍ବୋଚ୍ଚ ବୟସ ସୀମା ୭୦ ରହିବ। ଏନେଇ ସ୍ୱତନ୍ତ୍ର ଫର୍ମାଟ୍ ହିମ୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି। ତଦନୁଯାୟୀ ସେମାନେ ଆବେଦନ କରିବେ। ଜୁଲାଇ ୫ ତାରିକ ଆବେଦନର ଶେଷ ତାରିଖ ରହିଛି। ଯଦି କୌଣସି ଧାର୍ଯ୍ୟ ମାନଦଣ୍ଡକୁ ପୂରଣ କରିନଥିବେ ତାଙ୍କ ଦରଖାସ୍ତକୁ ଖାରଜ କରାଯାଇପାରେ। ଏହାଛଡା ଏପ୍ରିଲ ୧୦ ସୁଦ୍ଧା ଆଡ୍ କପି ମଧ୍ୟ ପ୍ରଦାନ କରିବେ।

# ଗାଁ ମଝିରେ ବାଇକ୍ ବିକଟାଳ ଶବ୍ଦକୁ ନେଇ ତୁମୁଳକାଣ୍ଡ



ବାଲେଶ୍ୱର,(ସବ୍ୟୁ) : ଘଟଣା ଘଟିଛି ବାଲେଶ୍ୱର ରେମୁଣା ଅଞ୍ଚଳ ପୁରସ୍ତମପୁର ଓ ଗନିପୁର ମଧ୍ୟରେ। ବୁଧବାର ଅପରାହ୍ନ ୪ଟା ସମୟ ରେ ଗନିପୁରର କିଛି ଯୁବକ ପୁରସ୍ତମପୁରର ଖୁସାଲିଗଞ୍ଜ ରାସ୍ତା ଦେଇ ୩ଟି ବୋଇକ ବିକଟାଳ ଶବ୍ଦ ଦେଇ ଦୃତ ଗତିରେ ଯିବା ଆସିବାକୁ ଖୁସାଲିଗଞ୍ଜ ଗ୍ରାମର ଲୋକ ବିରୋଧ କରିଥିଲେ। ଛୁଆ ପିଲା ଖେଳୁଛନ୍ତି ବୋଲି ସେମାନଙ୍କୁ ତାଗିଦ୍ କରିଥିଲେ। ଅନ୍ୟ ପକ୍ଷରେ ବାଇକ ଚଳାଉଥିବା ବ୍ୟକ୍ତିମାନେ ଯୁକ୍ତିତର୍କ କରିଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ବଢିଥିଲା ଓ ପରେ ହାତା ହାତି ହୋଇ ଆହତ ହେଇଥିଲେ। ଘଟଣାକୁ କେନ୍ଦ୍ର କରି ଖୁସାଲିଗଞ୍ଜ ଗ୍ରାମର ଲୋକମାନେ ମୋଟର ସାଇକେଲ ଚଳାଉଥିବା ବ୍ୟକ୍ତି ଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବିକରି ସ୍ଥାନୀୟ ରେମୁଣା ବଜାର ତାରିଣୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଯାତାୟତ ଠପ୍ ହେଇଯାଇଥିଲା। ପରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ଚଳାଚଳ ସ୍ୱାଭାବିକ କରିଥିଲେ। ପୋଲିସ ଉଭୟ ଗ୍ରାମର ଲୋକଙ୍କୁ ଥାନାକୁ ଡାକି ଘଟଣାର ପୁଙ୍ଖନା ପୁଙ୍ଖ ତଦନ୍ତ ଚଳାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହାନ୍ତି।

# ଦିଅର ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି,(ସବ୍ୟୁ) : ସୁଦଶାବ୍ରତ ପାଇଁ ଫୁଲ,ବେଲପତ୍ର ଆଣିବାକୁ ଯାଇଥିବା ବେଳେ ଜଣେ ମହିଳା ସମେତ ଦିଅରଙ୍କୁ ପାଖପଡୋଶୀ ଯୁବକଜଣକ ଆକ୍ରୋଶ ମୂଳକଭାବେ ଆକ୍ରମଣ କରିଥିବା ବେଳେ ଉଭୟ ଦିଅର ଭାଉଜ ଗୁରୁତର ଆହତହୋଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ୨ନଂ ଓ୍ୱାର୍ଡ ଘାଟଘରସାହି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ପନୀ ବିଷ୍ଣୁପ୍ରିୟା ବାଗ(୫୩) ସୁଦଶାବ୍ରତ ଉପଲକ୍ଷେ ନିଜ ଝିଅାରୀ ମନିଷାଙ୍କ ସହିତ ଫୁଲ, ଦୁବ, ବେଲପତ୍ର ସଂଗ୍ରହକରି ଘରକୁ ଫେରୁଥିବା ସମୟରେ ପାଖ ପଡୋଶୀ ତଥା ସମ୍ପର୍କୀୟ ଦିଅର ସୁବ୍ରତ ବାଗ ଓରଫ ପାପା ହଠାତ୍ ବିଷ୍ଣୁପ୍ରିୟାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ପାପା ଓରଫ ସୁବ୍ରତ ନିଜଘରୁ ଏକ ଧାରୁଆ କଟୁରୀ ଆଣି ମହିଳାଙ୍କ ବେକକୁ ଲକ୍ଷ୍ୟକରି ହାଣିବା ସମୟରେ ମହିଳା ଜଣକ ବୁଲିପଡ଼ିବାରୁ ମୁଣ୍ଡରେ ବାଜିଥିଲା। ଏଥିସହ ସେହି କଟୁରିରେ ମହିଳାଙ୍କ ଗୋଡ଼ ଓ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ମହିଳା ଓ ଝିଅାରୀ ଭୟଭୀତ ହୋଇ ପାଟି କରିବାରୁ ମହିଳାଙ୍କ ଦିଅର ରମେଶ ବାଗ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁବ୍ରତ ରମେଶକୁ ଉକ୍ତ କଟୁରୀରେ ପାଲଟା ଆକ୍ରମଣ କରିଥିଲେ। ଫଳରେ ରମେଶଙ୍କର ବାମ ହାତରେ ଗଭୀରଆଘାତ ହୋଇଥିଲା। ପାଟିତୁଣ୍ଡ ଶୁଣି ସ୍ଥାନୀୟବାସିନ୍ଦା ପହଞ୍ଚିଯିବା ଫଳରେ ସୁବ୍ରତ ଘରକୁ ଫେରିଯାଇଥିବା ସମୟରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଉଭୟ ଦିଅର ଓ ଭାଉଜଙ୍କୁ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଯାଉଥିବା ସୂଚନା ରହିଥିବା ବେଳେ ମହିଳା ଜଣକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ବିଜେଡି ନେତା ବଂଶୀଧର ପଣ୍ଡାଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,(ସବ୍ୟୁ) :ବୁଧବାର ସନ୍ଧ୍ୟାରେ ମଲ୍ଲୀକାଶପୁର ସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟ ରେ ବିରୁହାଁ ପଞ୍ଚାୟତର ବିଜେଡି ନେତା ତଥା ସ୍ୱର୍ଗତ ନେତା ଅରୁଣ ଦେ ଙ୍କ ସହକର୍ମୀ ବଂଶୀଧର ପଣ୍ଡା ଙ୍କ ବିୟୋଗ ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶୋକ ସଭାରେ ରଞ୍ଜନ ବାଗ ଅଧକ୍ଷତା କରି ସ୍ୱର୍ଗତ ପଣ୍ଡାଙ୍କର ଅରୁଣ ଦେ ଙ୍କ ସହ ଥିବା ଦୀର୍ଘ ଦିନର ରାଜନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ର ପୂର୍ବତନ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ ଯୋଗ ଦେଇ ସ୍ୱର୍ଗତ ପଣ୍ଡା ଅସହାୟ ଲୋକଙ୍କ ମୁହଁ ରେ ହସ ଫୁଟାଇବା ପାଇଁ ଜୀବନ ତମାମ କାର୍ଯ୍ୟ କରିଥିବା କହିଥିଲେ. ସେଥି ପାଇଁ ସେ ଦଳମତ ନିର୍ବିଶେଷ ରେ ସମସ୍ତଙ୍କ ଆସ୍ଥା ଭାଜନ ହୋଇପାରିଥିଲେ ବୋଲି ଶ୍ରୀ ଦାଶ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମାଧ୍ୟରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ଅନୁସୂୟା ନାୟକ,ପ୍ରଫେସର ଅଶୋକ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର, ଜିଲ୍ଲା ଆୟୁର୍ବେଦ ବିଭାଗର ଅବସରପ୍ରାପ୍ତ ଅଧିକାରୀ ହିମାଂଶୁ ଦାସ ପରିଷଦର ଆଇନ ପରାମର୍ଶଦାତା ଐଶ୍ୱର୍ଯ୍ୟ ସେନାପତି, ଛାତ୍ର ନେତା ବିଭୁଦତ୍ତ ପରିଡା, ବିକାଶ ବେହେରା, ହୃଷିକେଶ ବେହେରା,ସୌଭାଗ୍ୟ ଖୁଣ୍ଟିଆ,ବିନୋଦ ଜୀ, ଅଭିଜିତ ଦାସ, ସାମ୍ବାଦିକ ସପନ ବିଶ୍ୱାଳ, ଗୋବିନ୍ଦ ରାଠି, ଭୋଳାନାଥ ବେହେରା, ଆଇନଜୀବୀ ଦୀପକ ଦାସ,ଦେବେନ୍ଦ୍ର ଦାସ, ଜୟନ୍ତ କୁମାର ମହାପାତ୍ର ଏବଂ ବୀରେନ୍ଦ୍ର ଦାସ ପ୍ରମୁଖ ଶୋକ ସଭାରେ ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ତେଜସ ଏକ୍ସପ୍ରେସ୍‌ରେ ନିଆଁ : ଦେଢ଼ ଘଣ୍ଟା ବିଳମ୍ବରେ ଛାଡ଼ିଲା ଟ୍ରେନ୍

ବାଲେଶ୍ୱର, (ସବ୍ୟୁ): ରେଳ ବିଭାଗରେ ପଡ଼ିଛି ଶନିଦଶା। ଭୁଲ ସିଗ୍ନାଲରୁ ବାହାନଗା ଭଳି ଟ୍ରେନ୍ ଦୁର୍ଘଟଣା ପରେ ଏକ ବର୍ଷ ଭିତରେ ବାରମ୍ବାର କୋଇଲା ବୋଝେଇ ଟ୍ରେନରେ ନିଆଁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା, ରୂପସା ଓ ଅମର୍ଦ୍ଦାରୋଡ ଷ୍ଟେସନରେ ଘଟିଥିବା ଦେଖିବାକୁ ମିଳିଛି। ବୁଧବାର ଦିନ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଟ୍ରେନ୍ ନମ୍ବର ୨୨୮୧୧ "ତେଜସ୍ ଏକ୍ସପ୍ରେସ୍' ନିଆଁ ଲାଗିବା ଭଳି ଘଟଣା ଦେଖିବାକୁ ମିଳିଛି। ଯେଉଁଥି ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନରେ ଏହି ଟ୍ରେନ ଦୀର୍ଘ ଦେଢ଼ ଘଣ୍ଟା ଅଟକି ଥିବା ଦେଖିବାକୁ ମିଳିଛି। ଟ୍ରେନଟି ଦୁଇଟା ଚାରି ମିନିଟ ବେଳେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଫଳରେ ଟ୍ରେନ ଲାଇନ ପାଖରେ ଥିବା କୌଣସି ବ୍ୟକ୍ତିଙ୍କ ନଡ଼ିଆ ଗଛରୁ ନଡ଼ିଆ ବାହୁଙ୍ଗା ଖସି ଟ୍ରେନ ଇଞ୍ଜିନ ଉପରେ ପଡ଼ିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତି ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗି ଥିଲା। ସୂଚନା ଅନୁସାରେ ବୁଧବାର ଦିନ ଭୁବନେଶ୍ୱରରୁ ଏହି ଟ୍ରେନ୍ ସକାଳ ୧୦ ଟା୩୬ ମିନିଟରେ ଛାଡ଼ି ନୂଆଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ ବାଲେଶ୍ୱର ଷ୍ଟେସନରେ ମଧ୍ୟାହ୍ନ ୧ଟା ୩୬ ପହଞ୍ଚି ୧ଟା ୩୭ ସମୟରେ ଆଗକୁ ବଢ଼ିଥିଲା। ଟ୍ରେନଟି ୨ଟା ୪ ମିନିଟ ବେଳେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଫଳରେ ଟ୍ରେନ ଲାଇନ ପାଖରେ ଥିବା କୌଣସି ବ୍ୟକ୍ତିଙ୍କ ନଡ଼ିଆ ଗଛରୁ ନଡିଆ ବାହୁଙ୍ଗା ଖସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗି ଥିଲା। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟ୍ରେନ ଲୋକ ପାଇଲଟ ବସ୍ତା ଷ୍ଟେସନରେ ୨ଟା ୪ମିନିଟ ବେଳେ ଅଟକାଇ ଥିଲେ। ଏଣେ ଟ୍ରେନରେ ନିଆଁ ଲାଗିଥିବା ଖବର ଜାଣିବାକୁ ପାଇଁ ଯାତ୍ରୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବା ବେଳେ ରେଳ ବିଭାଗ ପକ୍ଷରୁ ଏମିତି ବଡ଼ ଘଟଣା ହୋଇ ନଥିବା ଓ ସାମାନ୍ୟ ଯାଞ୍ଚ ପରେ ଟ୍ରେନ ପୁଣି ଛାଡ଼ିବ ଘୋଷଣା କରାଯାଇଥିଲା। ନିଆଁରେ ଜଳିଯାଇଥିବା ନଡ଼ିଆ ବାହୁଙ୍ଗା ସଫା କରିବା ପାଇଁ ରୂପସା ଷ୍ଟେସନ ଟାଓ୍ୱାର ଗାଡ଼ି ଡକାଇ ଟ୍ରେନ ଇଞ୍ଜିନରେ ଥିବା ନଡ଼ିଆ ବାହୁଙ୍ଗାକୁ ସଫା ସହିତ ଟ୍ରେନ ସମସ୍ତ ସୁରକ୍ଷାଯାଞ୍ଚ କରାଯାଇଥିଲା। ପରେ ଟ୍ରେନଟି ୧ଘଣ୍ଟା ୩୬ମିନିଟ ଡ଼େରିରେ ଯଥା ୩ ଘଣ୍ଟା ୪୦ ମିନିଟରେ ପୁଣି ବସ୍ତା ଷ୍ଟେସନ୍ ଛାଡିଥିବା ଦେଖିବାକୁ ମିଳିଥିଲା।

# ନିଶା ନିବାରଣ ସଚେତନତା ରଥର ଜିଲ୍ଲା ପରିକ୍ରମା

କେନ୍ଦୁଝର,(ସବ୍ୟୁ) : ମଙ୍ଗଳବାର କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଏକ ନିଶା ନିବାରଣ ସଚେତନତା ରଥକୁ ଜିଲ୍ଲା ପରିକ୍ରମା ପୂର୍ବକ ଜନସାଧାରଣଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଶୁଭାରମ୍ଭ କରାଯାଇଛି। ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ନିତ୍ୟାନନ୍ଦ ଗଣ୍ଡ ସଚେତନତା ରଥକୁ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଜିଲ୍ଲା ଅବକାରୀ ଅଧିକ୍ଷକ ଦିବ୍ୟରଞ୍ଜନ ଦୀପ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ନିଶାର କୁପରିଣାମ ଉପରେ ସଚେତନତା କରାଇବ।


**PARADIP PORT AUTHORITY**
**E-TENDER CALL NOTICE**
**No. EM/MCHP/Tender-01/25/192**
**Date: 30.05.2025**
Name of the work "Design, Fabrication, Supply, Erection and Commissioning of one no. of Stacker of 4000 TPH Capacity". Estimated cost: Rs.55,10,00,000/-. Last date & time of submission of bid: Dt.07.07.2025 up-to 17:15 Hrs. Refer our website for details https://eprocure.gov.in/eprocure/app.
Sd/- Executive Engineer (M),
MCHP, Paradip Port Authority
PPA/PR/13/2025-2026 dtd.02.06.2025

**OFFICE OF THE PANCHAYAT SAMITI, JEYPORE**
**DISTRICT-KORAPUT**
i-138
Letter No. 1662/2025 Dated. 31.06.2025
**E-TENDER CALL NOTICE**
Seal tenders are invited from Registered Contractor from State PWD/M.I/ Irrigation/Rural works for execution of Building etc.The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http://www.koraput.inc.in
The date and time of apply & receive of Tender paper is from date. 04.06.2025 to 18.06.2025 up to 17.30 Hrs through in the www.tendersorissa.gov.in website only.
Tender will be opened on 19.06.2025 at 11.00 Hrs onwards in the Office of the Panchayat Samiti, Jeypore, Dist-Koraput
Sd/- Block Development Officer,
Jeypore

**ପୂର୍ବ ତଟ ରେଳପଥ**
ଟେଣ୍ଡର ନଂ.MCSW-Scrap-Dis-25-26-06
21,95,826/-, EMD 43,900/-, 06 ମାସ।
ତା.14.06.2025ରିଖ, ତା.28.06.2025ରିଖ 1200 ଘଟିକାରେ।
www.ireps.gov.in
(POH-II)/
PR-196/Q/25-26

**FACULTY RECRUITMENT**
**BALASORE COLLEGE OF ENGINEERING AND TECHNOLOGY**
[Approved by AICTE, New Delhi and Affiliated to BPUT, Odisha.]
SERGARH, BALASORE - 756060, ODISHA.
**FACULTY POSITION :** Professor(s) and Associate Professor(s) Assistant Professor (s) are required for Computer Science & Engineering, Civil Engineering, Mechanical Engineering, Electrical Engineering, Electronics & Communication Engineering,MBA & MCA.
**Qualifications & Experience as per AICTE Norms (for all faculty positions):** Ph.D with excellent Academic and Research record throughout from a premier University/ Institute. Retired Professors are highly preferred.
**Salary :** As per the AICTE Norms or negotiable.
**Call us +91 9437533328 , Share your resume/ Bio-data on :** https://bcetodisha.ac.in/career.html Email :principal@bcetodisha.ac.in
Sd/- Principal

**AFFIDAVIT**
I, Nilakanth Nanda, S/o- Late Anant Nanda, resident of At- Deogan, Po- Kapilash, Ps- Gondia, Dist- Dhenkanal-759016, Odisha, declare by this affidavit No. 6142, Dated- 02.06.2025, that now onwards I shall be known as **NILAKANTHA NANDA** for all future purposes.

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**
MM-70
Phone no. 0661-2664637, Fax .No. 0661-2664639, e mail- dro.rourkela@odisha.gov.in
No. 124 / Dated. 31.05.2025
Rourkela Forest Division is inviting for procurement of planting inputs for taking up plantation work in Rourkela Forest Division during 2025-26 financial year. The tenders having eligibility criteria are required to apply.
For details & Tender documents, please visit the following website : www.odishaforest.in / www.dforourkela.in.

| Sl. No. | Activity Description | Date and Time |
|---|---|---|
| 1 | Supply of Tender document start from | 02.06.2025 07:30 A.M. onwards to 10.06.2025 02:00 PM |
| 2 | Last Date for Submission of Bids | 11.06.2025 till 10.00 AM |
| 3 | The date for Opening of Technical Bids | 11.06.2025 at 11.00 AM |
| 4 | The date for Opening of Financial Bids | 11.06.2025 at 03:00 PM. |

Sd/- Divisional Forest Officer
Rourkela Forest Division

**DISTRICT PLANNING & MONITORING UNIT, NUAPADA**
**(STATISTICS WING)**
05-X
**Advertisement for the temporary engagement of Local Youth**
The Deputy Director (P&S), DPMU (Statistics Wing) Nuapada invites applications for the temporary engagement of Enumerators to conduct the Minor Irrigation Census and Census of Water Bodies in Nuapada district.
**Eligibility** : 10+2 or equivalent, Basic knowledge of English & Odia.
**Age** : 18 - 45 Years
**Responsibilities** : Field data collection, verification and reporting.
**Remuneration** : As per the Government norms.
**No. of Enumerators required** : Approximately 13 nos (may vary)
Application : The Application in prescribed format attached with photo copies of self attested certificate and photo should be dropped in the box by 13th June 2025 time 1 PM placed in District Planning & Monitoring Unit (Statistics Wing) Nuapada or sent via Regd. Post/Speed post to Deputy Director (P&S). District Planning and Monitoring Unit (Statistics Wing) Nuapada, Pin-766105.
Details advertisement & application form can be downloaded from https://nuapada.odisha.gov.in
Sd/- Deputy Director (P&S),
DPMU Nuapada

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188
Mail id : aulembankment@gmail.com
A-249
**'e' Procurement Notice No. AED-04 OF 2025-26**
1. No of the work : 14 no. Flood Control & Road works.
2. Tender Cost : Varies from Rs.46,41,339.00 to 84,67,033.00
3. Bid Document Cost : Rs. 6000.00 to 10000.00
4. Bid Security : Varies from Rs. 46,500.00 to 84,700.00
5. Class of Contractor : B Class
6. Period of Completion : Six Calendar Months.
7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 14 of 2024-25 (14 nos. work) | 06.06.2025 10.00 A.M. | 16.06.2025 5.00 P.M. | 17.06.2025 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd. 08.07.2025 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in
Sd/- Superintending Engineer
Aul Embankment Division, Aul

### ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ବୈଠକ

# ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ମୁଖ୍ୟ ସଚିବଙ୍କ ପରାମର୍ଶ




ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ବର୍ଷାଋତୁରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ । ଏଥିରେ ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାରେ ବର୍ଷାଋତୁ ଆଗୁଆ ପ୍ରବେଶ କରିଥିବାରୁ ସମୟ ସମୟରେ ବର୍ଷାଜାରି ରହିଛି । ଯାହାଫଳରେ ମ୍ୟାଲେରିଆ , ଡେଙ୍ଗୁ, ଜଣ୍ଡିସ, ହଇଜା ଆଦି ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି । ସବୁରୋଗକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାପାଇଁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ମହାନଗର ନିଗମ ଏବଂ ରାଜ୍ୟର ଡେଙ୍ଗୁ ପ୍ରବଣ ଅଂଚଳ ଗୁଡିକ ଚିହ୍ନଟ କରି ସେସବୁ ସ୍ଥାନରେ ମଶା ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମ୍ୟାଲେରିଆ ପ୍ରବଣ ଜିଲ୍ଲା ଗୁଡିକରେ ଔଷଧ ସିଞ୍ଚିତ ମଶାରୀ, କୀଟନାଶକ ଅବଶେଷାଂଶ ସ୍ପ୍ରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ବୈଠକରେ ଓଡ଼ିଶାରେ କୋଭିଡ ସ୍ଥିତି ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରାଯାଇଥିଲା । ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯଦିଓ କୋଭିଡ ସଂଖ୍ୟାସାମାନ୍ୟ ବୃଦ୍ଧି ଘଟିଛି, ଓଡ଼ିଶାରେ କିନ୍ତୁ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି ।

### ଆଜି ବିଶ୍ୱ ପରିବେଶ ଦିବସ

# ଘାତକ ପାଲଟିଛି ମନୁଷ୍ୟକୃତ ଜଙ୍ଗଲ ଅବକ୍ଷୟ

ଖୋର୍ଦ୍ଧା,(ସବ୍ୟୁ): ପ୍ରକୃତି ଆଉ ପରିବେଶ ଓତପ୍ରୋତ ଭାବେ ମାନବ ସମାଜ ସହ ଜଡିତ । ପୃଥିବୀ ପୃଷ୍ଠରେ ଆମେ ବଂଚି ରହିବା ପାଇଁ ଖାଦ୍ୟ ବ୍ୟତୀତ ଏ ଦୁଇଟି ଜିନିଷର ପ୍ରମୁଖ ଆବଶ୍ୟକତା ରହିଛି । ପରିବେଶର ସୁରକ୍ଷା ହେଉଛି ଆମର କର୍ତବ୍ୟ । ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସୁସ୍ଥ ପରିବେଶର ନିହାତି ଜରୁରୀ । ଏହା ଆମ ଜୀବନଶୈଳୀ ଉପରେ ସକାରତ୍ମକ ପ୍ରଭାବ ପକାଇଥାଏ । ତେବେ ପରିବେଶର ସୁରକ୍ଷା ଏବଂ ପୃଥିବୀକୁ ସରସ ସୁନ୍ଦର କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୯୭୩ ମସିହା ଠାରୁ ବିଶ୍ୱ ସମୂହରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ । କିନ୍ତୁ ଦ୍ରୁତ ସଂଖ୍ୟାରେ ଜନସଂଖ୍ୟା ବୃଦ୍ଧି ଏବଂ ବିକାଶ ନାମରେ ଆମ ପରିବେଶ ଅବକ୍ଷୟ ହେବାରେ ଲାଗିଛି । ପ୍ରଗତି ନାମରେ ପ୍ରାକୃତିକ ସମୂହ ନଷ୍ଟ ହେବାରେ ଲାଗିଛି।କିଛି ବର୍ଷ ହେବ ଜଳବାୟୁରେ ପରିବର୍ତନ ଦେଖାଯାଉଥିବାବେଳେ ସୁନ୍ଦର ପୃଥିବୀ ଏବେ ଉତପ୍ତ ପିଣ୍ଡରେ ପରିଣତ ହେବାରେ ଲାଗିଛି। ଜଙ୍ଗଲ ଅବକ୍ଷୟ, ପ୍ରାକୃତିକ ସମ୍ବଳ ନିୟମିତ ବ୍ୟବହାର ଏବଂ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଜନିତ ପ୍ରଦୁଷଣର କୁପ୍ରଭାବ ସିଧା ସଳଖ ଜନସାଧାରଣଙ୍କ ଉପରେ ପଡୁଛି । ଏପରିକି ବନ୍ୟଜନ୍ତୁଙ୍କୁ ମଧ ଏଥିରୁ ନିସ୍ତାର ମିଳୁନି।ଜ୍ଞାତସାରରେ କିମ୍ବା ଅଜ୍ଞାତସାରରେ ପରିବେଶ ଯେଉଁ ଭଳି ଭାବେ କ୍ଷତି ଘଟୁଛି ତାହାର ପରିଣାମ ଅତ୍ୟନ୍ତ ଭୟାଭୟ ହେବା ପରିବେଶବିତମାନେ ମତବ୍ୟକ୍ତ କରୁଛନ୍ତି।

ନଦୀ, ହ୍ରଦ, ଝରଣା, ପୋଖରୀ ପ୍ରଭୃତି ସୁଖିଲା ଦେଖାଯାଉଥିବା ବେଳେ ଚାଷୀ ଠାରୁ ସାଧାରଣ ଲୋକ ହଇରାଣ ହରକତ ହେଉଛନ୍ତି । ଜଙ୍ଗଲ ସଫା ହେବା ଫଳରେ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଜନବସତି ହେବା ଏକ ନିୟମିତ ଘଟଣାରେ ପାଲଟିଛି । ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ସେମିତି କିଛି ପରିବର୍ତନ ମଧ ଦେଖାଯାଉନି। ପୌରାଂଚଳରୁ ନିର୍ଗତ ହେଉଥିବା ଆବର୍ଜନା ସିଧାସଳଖ ଜଳାଶୟରେ ମିଶିବା ଫଳରେ ଜଳ ଦୂଷିତ ହେବାରେ ଲାଗିଛି । ବିଗତ ଦିନରେ ହୋଇଥିବା ପ୍ରାକୃତିକ ତାଣ୍ଡବ ରେ ବହୁ ସଂଖ୍ୟାରେ ଗଛ ଭାଙ୍ଗିଯାଇଥିଲା। ସେହିପରି ଜାତୀୟ ଓ ରାଜପଥ ସମ୍ପ୍ରସାରଣ କ୍ଷେତ୍ରରେ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଥିବା ବନବିଭାଗ ତଥ୍ୟ କହୁଛି। କିନ୍ତୁ ବାସ୍ତବରେ ବନବିଭାଗ ତଥ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆଜି ମଧ ବନବିଭାଗ ଜାଣନ୍ତାରେ ମନୁଷ୍ୟକୃତ ଭାବେ କାଠ ମାଫିଆ ଜଙ୍ଗଲ ସଫା କରିବାରେ ଲାଗିଥିବା ଅଭିଯୋଗ ହେଉଛି ।ଯାହା ବିଗତ ଦିନରେ ବାଣପୁର ରୁ ଜବତ ଲକ୍ଷ ଲକ୍ଷ ଟଙ୍କାର ଶାଳକାଠ ଜବତ ଘଟଣା ସ୍ପଷ୍ଟ କରୁଛି । ଗୋଟିଏ ପାର୍ଶ୍ୱରେ ପରିବେଶର ସନ୍ତୁଳତା ରକ୍ଷା କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟକୃତ ଭାବ କାଠ ମାଫିଆ ଜଙ୍ଗଲ ନଷ୍ଟ କ୍ଷେତ୍ରରେ ଘାତକ ସାଜିଥିବାବେଳେ ଅନ୍ୟପକ୍ଷରେ ବାୟୁ ପ୍ରଦୁଷଣ ମାନବ ସମାଜକୁ ମୃତ୍ୟୁକୁ ନିମନ୍ତ୍ରଣ କରିବାରେ ଲାଗିଛି । ମାତ୍ର ପ୍ରଦୁଷଣ ବିଭାଗ ସବୁ ଜାଣି ଅଜଣା ଅଭିନୟ କରୁଥିବା ବେଳେ ସହରର ବିଭିନ୍ନ ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ଗଦା ହେବ ଦ୍ୱାରା ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି । ରାସ୍ତା ସମ୍ପ୍ରସାରଣ ଓ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ କଟାଯାଇଥିବା ଗଛର ଅଧିକ କେତେଗୁଣ ଗଛ ଲଗାଇବାକୁ ନିୟମ ଥିବାବେଳେ ଏଦିଗରେ ବନବିଭାଗ ବିଫଳ ହୋଇଛି । ତେବେ ନିୟମ ମୁତାବକ ଶିଳ୍ପାଂଚଳ ଗୁଡ଼ିକ ଚାରା ରୋପଣ କରୁନଥିବା ପରିବେଶବିତମାନେ ପ୍ରକାଶ କରିଛନ୍ତି । ତେଣୁ ବିଶ୍ୱ ପରିବେଶ ଦିବସ ପାଳନ ଏକ ପ୍ରହସନରେ ପରିଣତ ହୋଇଥିବା ସେମାନେ ମତବ୍ୟକ୍ତ କରିଛନ୍ତି ।

## ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ : ୨ ଯୁବକ ଗଲେ ଜେଲ

ଡେଲାଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲାଡେଲାଙ୍ଗ ଥାନା ଅଧିନରେ ଦୁଇ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି । ଦୁଷ୍କର୍ମକୁ ନେଇ ୨ପରିବାର ପକ୍ଷରୁ ଥାନାରେ ଦୁଇଟି ପୃଥକ ପୃଥକ ଲିଖିତ ଅଭିଯୋଗ ହେବା ପରେ ଡେଲାଙ୍ଗ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ନବମ ଶ୍ରେଣୀର ନାବାଳିକା ଛାତ୍ରୀ ପ୍ରତି ଦୁଷ୍କର୍ମ ହୋଇଥିବା ଘଟଣାରେ ତାର ମା ଅଭିଯୋଗ ଦେଇଥିଲେ। ସେହିପରି ଦଶମ ଶ୍ରେଣୀ ପାସ ଛାତ୍ରୀ ସହିତ ହୋଇଥିବା ଦୁଷ୍କର୍ମ ଘଟଣାରେ ଝିଅର ଭାଉଜ ଥାନାରେ ଅଭିଯୋଗ କରିଥିଲେ। ନବମ ଶ୍ରେଣୀର ଛାତ୍ରୀ ପ୍ରତି ହୋଇଥିବା ଦୁଷ୍କର୍ମ ଘଟଣାରେ ପୋଲିସ ଅଭିଯୁକ୍ତକୁ ବଳଙ୍ଗା ଥାନା ଅଂଚଳରୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତକୁ ଡେଲାଙ୍ଗ ଥାନା ଅଂଚଳରୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବିବାହିତ ଯୁବକ ବୋଲି ପୋଲିସ ଠାରୁ ସୁଚନା ମିଳିଛି।ତେବେ ଦୁଇ ମାମଲାରେ ପୋଲିସ ଉଭୟଙ୍କୁ ଡାକ୍ତରୀ ମାଇନା କରିଛି। ଗିରଫ ଅଭିଯୁକ୍ତ ହେଲେ ଦିପୁ ସେନାପତି ଓରଫ ସତ୍ୟବାନ(୩୨) ଓ ଦୀପକ କୁମାର ପ୍ରଧାନ (୩୮) ଉଭୟ ଡେଲାଙ୍ଗ ଥାନା ଅଂଚଳ ର ହୋଇଥିବା ବେଳେ ଜାମିନନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଥିବା ନେଇ ଡେଲାଙ୍ଗ ପୋଲିସ ଠାରୁ ସୂଚନା ମିଳିଛି।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ବାରଙ୍ଗ ,(ସବ୍ୟୁ) :ବାରଙ୍ଗ ଅଂଚଳରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଚୋରା ଚାଲାଣ ମାଫିଆଙ୍କ ପାଇଁ ଭୁସ୍ୱର୍ଗ ପାଲଟିଛି। ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଲଘୁଖଣିଜ ଦ୍ରବ୍ୟର ଚୋରା ଚାଲାଣ ହେବା ଫଳରେ ବହୁ ପରିମାଣରେ ରାଜସ୍ୱ ହାନି ହେଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏଭଳି ପରିସ୍ଥିତି ହୋଇଥିବାର କୁହାଯାଉଛି।ବୁଧବାର ବଡିଭୋର୍ ସମୟରେ ବେଆଇନ ଭାବେ ବାଲି ଉଠାଉଥିବା ବେଳେ ଲଘୁ ଖଣିଜ ବିଭାଗ ପକ୍ଷରୁ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଛି। ବୁଧବାର ବଡିଭୋର ସମୟରେ ବେଲଗଛିଆ ପଂଚାୟତ କାର୍ଯ୍ୟାଳୟର କିଛି ଦୂରରୁ କୁଆଖାଇ ନଦୀପଠାରୁ ବେଆଇନଭାବେ ବାଲି ଉଠାଯାଇ ଅନ୍ୟତ୍ର ଚାଲାଣପାଇଁ ଉଦ୍ୟମ ହେଉଥିଲା। ଏହି ଖବରପାଇ ଲଘୁଖଣିଜ ବିଭାଗର ଅଧିକାରୀ ସତ୍ୟପ୍ରିୟ ଶକ୍ତି ପ୍ରସାଦ ସାହୁ, ଚନ୍ଦନ ସାହୁଙ୍କ ସହିତ ବାରଙ୍ଗ ଥାନା ପୁଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ପୁଲିସକୁ ଦେଖି ନଦୀ ପଠାରେ ଥିବା ଟ୍ରାକ୍ଟର ଚାଳକ ଓ ତାର ସହଯୋଗୀମାନେ ଟ୍ରାକ୍ଟର ଛାଡ଼ି ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ କରିଥିବା ୨ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ସୂଚନାଯୋଗ୍ୟଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୁଲିସ ରାମଦାସ ପୁର ଇଡକୋ ଶିଳ୍ପାଞ୍ଚଳ ଭିତରୁ ବେଆଇନ ଭାବେ ଚୋରା ମୋରମ ଚାଲାଣ ହେଉଥିବା ୨ଟି ଗାଡ଼ି ଓ ଏକ ମେସିନକୁ ଜବତ କରିଛି।

## କିସ୍‌ରେ କ୍ୟାଡେଟ୍‌ମାନଙ୍କର ବାର୍ଷିକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର (ସବ୍ୟୁ): ମେ ମାସ ୨୮ତାରିଖରୁ କିସ୍‌ରେ ଚାଲିଥିବା ୱାନ୍ ଓଡ଼ିଶା ଗ୍ୟାର୍ଲସ ବାଟାଲିୟନର ୫୦୫ଜଣ କ୍ୟାଡେଟ୍‌ଙ୍କୁ ନେଇ ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୬ ଜୁନ୍ ପର୍ଯ୍ୟନ୍ତ ଚାଲିବ । ପ୍ୟାରେଡ୍, ରାଇଫଲ ଟ୍ରେନିଂ, ମ୍ୟାପ୍ ରିଡିଂ, ନୃତ୍ୟ ଗୀତ, ପୋଷ୍ଟର ମେକିଂ ଆଦି ବିଭିନ୍ନ ବିଷୟରେ ଏଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ୨ତାରିଖରେ ଏଡ୍ସ ସଚେତନତା ଓ ଶିକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା ।



ଏଥିରେ ଏମ୍ସ ଭୁବନେଶ୍ୱରର ଡାକ୍ତର ଅନୁରୂପ୍ ଗୌରଭ ମହାନ୍ତି ଯୋଗ ଦେଇ କ୍ୟାଡେଟ୍‌ମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ ।

## ଶୁଭେନ୍ଦୁ ମହାନ୍ତି କଂଗ୍ରେସ ସେବା ଦଳ ଅଧ୍ୟକ୍ଷ



ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତିଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବା ଦଳର ରାଜ୍ୟ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଏ ସଂପର୍କରେ ଦିଆଯାଇଥିବା ପ୍ରସ୍ତାବକୁ କଂଗ୍ରେସ ସଭାପତି ସ୍ୱୀକୃତି ଦେଇଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ।

## ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ୨୨ଜଣ ସଫଳ ଓଡିଆ ମହିଳାଙ୍କୁ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ପ୍ରଥମ ଥର ଓଡିଶାର ବିଭିନ୍ନ ବୃତ୍ତିରେ ଶିଖରରେ ପହଂଚିଥିବା ୨୨ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଛି । ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଭାରତର ବରିଷ୍ଠ ପୂର୍ବତନ ମନ୍ତ୍ରୀ, ସାଂସଦ, ସୁଲେଖିକା ଓ ସମାଜସେବୀ ଶ୍ରୀମତୀ ମେନକା ଗାନ୍ଧୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହି ସମସ୍ତ ମହିଳାଙ୍କୁ ସମ୍ମାନିତ କରିଥିଲେ । ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ଏବଂ ତାଙ୍କ ସହଧର୍ମିଣୀ ରୋଟାରିଆନ ଈତୁନ୍ ମହାପାତ୍ର ଏହି ସଭାର ଆୟୋଜନ କରିଥିଲେ । ରୋଟାରିଆନ୍ କର୍ଣ୍ଣେଲ ସୋନାଲି ରଥ ଓ ରୋଟାରିଆନ ଆକଂକ୍ଷା ମହାପାତ୍ର ଅନ୍ୟ ରୋଟାରିଆନମାନଙ୍କ ସହାୟତାରେ ଦକ୍ଷତାର ସହ ମଞ୍ଚ ପରିଚାଳନା କରିଥିଲେ । ରୋଟାରିଆନ ମେଜର ଡଃ ସୁମିତ୍ରା ମିଶ୍ର ଏହି କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରୂପେ ଓ ରୋଟାରିଆନ ସସ୍ମିତା ଦାଶ ସହ ଚେୟାରମ୍ୟାନ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ।

ସଫଳତାର ଶିଖରରେ ପହଞ୍ଚିଥିବା ୨୨ଜଣ ମହୀୟସୀ, ଯଶସ୍ୱୀ ମହିଳାଙ୍କୁ ଶ୍ରୀମତୀ ମେନକା ଗାନ୍ଧୀ ରୋଟାରୀ ଉତ୍ତରୀୟ, ମାନପତ୍ର ସହ ମେମେଣ୍ଟୋ ପ୍ରଦାନ କରି ଆଗକୁ ଆହୁରି ଭଲ କାମ କରିବା ପାଇଁ ଉଦବୋଧନ ଦେଇଥିଲେ । ନିଜ ଭାଷଣରେ ଶ୍ରୀମତୀ ଗାନ୍ଧୀ ନିଜ ଜୀବନର ଉଦାହରଣ ଦେଇ ନାରୀମାନେ ପ୍ରତି ପଦକ୍ଷେପରେ ସମ୍ମୁଖୀନ ହେଉଥିବା ବାଧା




ବିଷୟ କହିଥଲେ, ମାତ୍ର ସମସ୍ତ ବାଧାକୁ ଅତିକ୍ରମ କରି ନିଜର ସ୍ୱପ୍ନ ସାକାର କରିଥିବା ଏହି ଯଶସ୍ୱୀ ମହିଳାଙ୍କ ପଦାଙ୍କ ଅନୁସରଣ କରିପାରିଲେ ଆମ ଦେଶ ନିଶ୍ଚୟ ବିକଶିତ ଭାରତ ହୋଇ ପାରିବ ବୋଲି ସେ ଦୃଢ ମତ ରଖିଥିଲେ । ନିଜ ଭାଷଣରେ ସେ ନିଜ ମାତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଦେବା ସହ ସବୁ ମାତାମାନେ ଦେଶର ଭବିଷ୍ୟତ ଗଢିବାର ଦାୟିତ୍ୱ ନିଅନ୍ତୁ ବୋଲି ମତ ପୋଷଣ କରିଥିଲେ । ନାରୀ ପୁରୁଷ ସମସ୍ତେ ମଣିଷ ସହ ମୁକ ପଶୁପକ୍ଷୀଙ୍କ ପ୍ରତି ଦୟା ଭାବକୁ ଶ୍ରେଷ୍ଠ ଭୂଷଣ ରୂପେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ସଭା ଶେଷଭାଗରେ କାର୍ଯ୍ୟକ୍ରମରେ ସହଭାଗୀତା କରିଥିବା ଓ ପରିଚାଳନା କରିଥିବା ସମସ୍ତ ରୋଟାରିଆନମାନଂକୁ ମଧ୍ୟ ସମ୍ମାନିତ କରାଯାଇଥିଲା।ଛ ଏହି ସଭାରେ ୩୦୦ ରୁ ଅଧିକ ରୋଟାରିଆନ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀମତୀ ମେନକା ଗାନ୍ଧୀ ପିପୁଲ ଫର ଆର୍ନିମେଲସ୍ ସଂସ୍ଥାର ଭୁବନେଶ୍ୱର ସ୍ଥିତ ଶାଖାରେ ପଶୁମାନଙ୍କ ପାଇଁ ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ନିର୍ମିତ ଏକ ଚିକିତ୍ସା ଗୃହକୁ ଫିତାକାଟି ଉନ୍ମୋଚିତ କରିଥିଲେ ଏବଂ ଏହି ସଂସ୍ଥାର ସଦସ୍ୟ ପଶୁପକ୍ଷିଙ୍କ ଆଶୁ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଓ ଜ୍ଞାନ ଦେଇଥିଲେ ।

### ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ରୋଗୀଙ୍କ ମୃତ୍ୟୁ ଘଟଣା

# ରାଜ୍ୟର ସ୍ୱାସ୍ଥ୍ୟବ୍ୟବସ୍ଥା ଉଦ୍‌ବେଗଜନକ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ଜଣ ରୋଗୀଙ୍କ ଗୋଟିଏ ଦିନରେ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍ବେଗଜନକ ବୋଲି ବିଜେଡି ଅଭିଯୋଗ କରିଛି । ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକ୍କା ଓ ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରମୁଖ ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁଁ ଆଇସିୟୁରେ ୫ଜଣ ଓ ୱାର୍ଡରେ ଜଣେ ରୋଗୀ ଅକାଳ ମୃତ୍ୟୁବରଣ କରିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି । ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକମାନେ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ର ମୁହାଁ ହେଉଥିଲେ । ଏହାକୁ ଅନୁଭବ କରି ଦୂରଦୃଷ୍ଟିସଂପର୍ଣ୍ଣ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ।

**ନିରପେକ୍ଷ ତଦନ୍ତ କରି ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର**

**ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ**

ବର୍ତ୍ତମାନର ସରକାର ଏକ ବର୍ଷ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ର ପଦାରେ ପକାଇଛି ।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଏହି ସମ୍ବେଦନଶୀଳ ଘଟଣା ରୋଗୀ ଓ ତାଙ୍କ ସଂପର୍କୀୟମାନଙ୍କୁ ନିରାଶ କରିବା ସହ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତୁରନ୍ତ ସରକାର ଏ ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସେହିପରି କୋରାପୁଟ ଜିଲ୍ଲା ବିଜେଡି ସଭାପତି ଶ୍ରୀ ହିକକ୍କା କହିଥିଲେ ଯେ, ଅତୀତରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ବେଳେ ଆଜି ଏଭଳି ସ୍ଥିତି ପାଇଁ ସରକାରୀ ଅବହେଳା ଦାୟୀ । ପୂର୍ବତନ ବିଧାୟକ ଶ୍ରୀ ପୋଡଲ କହିଥିଲେ, ଭୁଲ୍ ଚିକିତ୍ସା ପାଇଁ ଦାୟୀ କିଏ, ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନଚେତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଭରଷା ତୁଟି ଯିବ ।

### ନିଶାସକ୍ତ ସ୍ୱାମୀକୁ ଗିରଫ କଲା ପୁଲିସ

## ପତ୍ନୀ ଓ ପୁଅକୁ ହାଣି ଫେରାର ଥିଲା

କଟକ,(ସବ୍ୟୁ)ପୁଅର କଲେଜ ନାମ ଲେଖା ପାଇଁ ଥିବା ଟଙ୍କା ପତ୍ନୀ ନଦେବାରୁ ଘର ଭିତରେ ଜଘନ୍ୟ କାଣ୍ଡ ଘଟିଛି । ନିଶାସକ୍ତ ସ୍ୱାମୀ ଘର ଭିତରେ ବିଳମ୍ବିତ ରାତିରେ ଧାରୁଆ ଅସ୍ତ୍ରରେ ପତ୍ନୀ ଓ ପୁଅଙ୍କୁ ଗୋଡ଼ାଇ ହାଣିଥିଲେ । ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ କେଶରପୁର ମହାନ୍ତି ଲେନର ପ୍ରଶାନ୍ତ ସାହୁ(୫୦)କୁ ଗିରଫ କରାଯାଇଛି । ଘର ଭିତରୁ ପୁଲିସ ଏକ ଧାରୁଆ ଅସ୍ତ୍ର ଜବତ କରିଛି ।

କେଶରପୁର ମହାନ୍ତି ଲେନରେ ପ୍ରଶାନ୍ତ ପତ୍ନୀ କେ ଲଳିତା ଆଚାର୍ଯ୍ୟ ଓ ପୁଅ ପ୍ରଥମ ସାହୁଙ୍କ ସହିତ ରୁହନ୍ତି । ପ୍ରଶାନ୍ତ ବିଭିନ୍ନ କମ୍ପାନି ପାଇଁ ନେଟ ୱ୍ୟାର୍କିଂ କାମ କରୁଥିବା ବେଳେ ପତ୍ନୀ ଟେଲରିଂ କାମ କରୁଥିଲେ । ଉଭୟ ପ୍ରଶାନ୍ତ ଓ ଲଳିତାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା । ପ୍ରଶାନ୍ତ ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ନିର୍ଯାତନା ଦେଇଆସୁଥିଲେ । ପୂର୍ବରୁ ଏହି ପରିବାର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ରହୁଥିବା ବେଳେ ସେଠାରେ ମଧ ବିବାଦ ସୃଷ୍ଟି ହୋଇଥିଲା । ଏ ନେଇ ପୂର୍ବରୁ ପତ୍ନୀ ଲଳିତା କ୍ୟାଣ୍ଟନମେଣ୍ଟ ଓ ମହିଳା ଥାନାରେ ଅଭିଯୋଗ କରିଥିଲେ । ଏହି ଦମ୍ପତିଙ୍କ କଳି ପ୍ରାୟ ୪ଥର ଥାନାକୁ ଯାଇଥିଲା । ପରସ୍ପର ମଧ୍ୟରେ ଯଦିଓ ବୁଝାସୁଝା କରୁଥିଲେ କିନ୍ତୁ ପରବର୍ତ୍ତି ସମୟରେ ପୁଣି ବିବାଦ ହେଉଥିଲା । ୨ ତାରିଖ ଭୋର ପ୍ରାୟ ୪ଟା ବେଳେ ପୁଣି ଥରେ ଏହି ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ନିକଟରେ ଯୁକ୍ତ ଦୁଇ ସରିଥିବା ପୁଅର ଯୁକ୍ତ ତିନିରେ ନାମ ଲେଖା ପାଇଁ ଲଳିତା ଟଙ୍କା ରଖିଥିଲେ । ଏହି ଟଙ୍କା ନେବାକୁ ପ୍ରଶାନ୍ତ ଅଡ଼ି ବସିଥିଲେ । କିନ୍ତୁ ଲଳିତା ଦେବାକୁ ମନା କରିଦେଇଥିଲେ ଛ ଏହି ଘଟଣାକୁ ନେଇ ପ୍ରଶାନ୍ତ ଓ ଲଳିତାଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା । ତେବେ ନିଶାସକ୍ତ ଅବସ୍ଥାରେ ଥିବା ପ୍ରଶାନ୍ତ ପତ୍ନୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଜୀବନ ବଞ୍ଚାଇବାକୁ ଯାଇ ଲଳିତା ହାତ ଦେଖାଇ ଦେବାରୁ ତାଙ୍କ ଡାହାଣ ହାତ ବାହୁର ତିନିଟି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ବାପା-ମାଙ୍କ ଏହି କଳି ଭିତରେ ପୁଅର ପଶିଆସିଥିଲା । ପୁଅ ମାକୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶୀକାର ହୋଇଥିଲା । ତା ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା । ଘର ଭିତରେ ନିଶାସକ୍ତ ଅବସ୍ଥାରେ ପ୍ରଶାନ୍ତ ମା-ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ଘର ସାରା ରକ୍ତ ପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ପୁଲିସ ସହାୟତାରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଡାକ୍ତରଖାନାରେ ଚିକିତ୍ସା ପରେ ଲଳିତା ସ୍ୱାମୀଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବେଦାନ୍ତ ଆଲୁମିନିୟମ୍ ଏକ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ । ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ପ୍ରମୁଖ ଶିଳ୍ପ ସଂସ୍ଥା ଭାବେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି । ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସେରେଂଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତନ । ଏହି ସହଯୋଗ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୩୫ଏମଡବ୍ଲୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି । ଏହି ପଦକ୍ଷେପ ୨୦୩୦ ସୁଦ୍ଧା ନବୀକରଣ ଶକ୍ତିକୁ ଏହାର ଶକ୍ତି ବ୍ୟବହାରର ୩୦% କରିବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ, ଯାହା ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପଥରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ ।

ଏହାକୁ ପରିପୂରକ କରିବା ହେଉଛି ରଣନୈତିକ ମେଂଟ ଏବଂ ଅଭିନବ ସମାଧାନର ମିଶ୍ରଣ ଯାହା ବ୍ୟାପକ ଶିଳ୍ପର ପରିବର୍ତନରେ ସାହାଯ୍ୟ କରୁଛି । ଉଦାହରଣ ସ୍ୱରୂପ, ବେଦାନ୍ତ ଏହାର କାଷ୍ଟହାଉସ୍ କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାକୃତିକ ଗ୍ୟାସ, ଏକ ସ୍ୱଚ୍ଛ ଇନ୍ଧନ ଉତ୍ସ, ଉତ୍ସ କରିବା ପାଇଁ ଗେଲ(ଇଣ୍ଡିଆ) ଲିମିଟେଡ୍ ସହିତ ଏକ ସହଭାଗୀତାରେ ପ୍ରବେଶ କରିଛି । କମ୍ପାନୀ ବାୟୋମାସ ସହ-ଫାୟାରିଂ ମାଧ୍ୟମରେ ନିର୍ଗମନ ହ୍ରାସ କରିବାରେ ମଧ ପ୍ରଭାବଶାଳୀ ପ୍ରଗତି କରୁଛି । ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ଏବଂ ଛତିଶଗଡ଼ର ବାଲକୋ ସ୍ମେଲଟରରେ, କମ୍ପାନୀ ସହ-ଫାୟାରିଂ ପ୍ରୟୋଗ ପାଇଁ କୃଷି ଅବଶିଷ୍ଟାଂଶରୁ ତିଆରି ବାୟୋମାସ ବ୍ରିକେଟ ବ୍ୟବହାର କରିବା ଆରମ୍ଭ କରିଛି । କେବଳ ଲାଞ୍ଜିଗଡ଼ରେ, ପ୍ରତିଦିନ ୨୦ ଟନ୍ ବାୟୋମାସ ସହ-ଫାୟାର କରାଯାଏ, ଯାହା ବାର୍ଷିକ ୧୦,୦୦୦ ଟନ୍ ରୁ ଅଧିକ ସିଓ୨ ସମତୁଲ୍ୟ ନିର୍ଗମନ ହ୍ରାସ କରେ । ଏହି ପଦକ୍ଷେପ କେବଳ ପରିବେଶକୁ ସମର୍ଥନ କରେ ନାହିଁ ବରଂ କୃଷି ବର୍ଜ୍ୟବସ୍ତୁ ପାଇଁ ଏକ ବଜାର ସୃଷ୍ଟି କରି ସ୍ଥାନୀୟ ଚାଷୀମାନଙ୍କୁ ଉନ୍ନତ କରିଥାଏ, ପ୍ରଦୂଷଣ ସମସ୍ୟାକୁ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଜୀବିକା ସୁଯୋଗରେ ପରିଣତ କରିଥାଏ । ଏହିପରି ହସ୍ତକ୍ଷେପ ଗୁଡ଼ିକ ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ କମ-କାର୍ବନ ବିକଳ୍ପ ସହିତ ବେଦାନ୍ତର ଶକ୍ତି ପୋର୍ଟଫୋଲିଓକୁ ବିବିଧ କରିବା ପାଇଁ ଡିଜାଇନ୍ କରାଯାଇଛି ।



ଡିକାର୍ବନାଇଜେସନ୍ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଶକ୍ତି ଉତ୍ପାଦନଠାରୁ ପ୍ଲାଣ୍ଟ ଲଜିଷ୍ଟିକ୍ସ ଏବଂ ଗତିଶୀଳତା ପର୍ଯ୍ୟନ୍ତ ବ୍ୟାପ୍ତ । ବେଦାନ୍ତ ଆଲୁମିନିୟମ୍ ୨୦୩୦ ସୁଦ୍ଧା ଏହାର ହାଲୁକା ମୋଟର ଯାନବାହନ ଫ୍ଲିଟର ୧୦୦% ଡିକାର୍ବନାଇଜେସନ୍ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହି ପ୍ରୟାସ ଦିଗରେ, ଏହା ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ୍ ପ୍ଲାଂଟରେ ଭାରତର ପ୍ରଥମ ୧୦-ଟନ୍ ବୈଦ୍ୟୁତିକ ଫୋର୍କଲିଫ୍ଟ ପ୍ରଚଳନ କରିଛି, ଏବଂ ବର୍ତମାନ ଦେଶର ସର୍ବବୃହତ ବୈଦ୍ୟୁତିକ ଲିଥିୟମ-ଆୟନ ଫୋର୍କଲିଫ୍ଟ ପରିଚାଳନା କରେ, ଯାହା ଏହାର କାର୍ଯ୍ୟରେ ଡିଜେଲ ବ୍ୟବହାର ଏବଂ ନିର୍ଭମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଥାଏ । କର୍ମଚାରୀ ଏବଂ ବାସିନ୍ଦାଙ୍କ ମଧ୍ୟରେ ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଝାରସୁଗୁଡା ଟାଉନସିପରେ ଆରମ୍ଭ ହୋଇଥିବା ଲେଟ୍ସ ଡ୍ରାଇଇଭି ସହିତ ସାମ୍ପ୍ରତିକ ସହଭାଗୀତା ଦ୍ୱାରା ବୈଦ୍ୟୁତିକ ଗତିଶୀଳତାକୁ ପରିବର୍ତନ ଆହୁରି ଦୃ ହୋଇଛି । ଏହି ପ୍ରୟାସଗୁଡ଼ିକ ବ୍ୟତୀତ, ବେଦାନ୍ତ ଏହାର ବାଣିଜ୍ୟିକ ଯାନବାହାନ ଫ୍ଲିଟରେ ବାୟୋଡିଜେଲର ବ୍ୟବହାର ଅନୁସନ୍ଧାନ କରୁଛି, ଏହାର ସମ୍ଭାବ୍ୟତା ମୂଲ୍ୟାଙ୍କନ ପାଇଁ ସଫଳ ପାଇଲଟ୍ ରନ ପରିଚାଳନା କରୁଛି, ଏହା କମ୍ପାନୀର ନବସୃଜନ ପ୍ରତି ଖୋଲା ମନୋଭାବର ପ୍ରତିଫଳନ ଏବଂ ଏହାର ଡିକାର୍ବୋନାଇଜେସନ ଲକ୍ଷ୍ୟ ସହିତ ସମନ୍ୱିତ ନୂତନ ସମାଧାନ ଅନୁସନ୍ଧାନ କରୁଛି ।

ବେଦାନ୍ତର ଆଭିମୁଖ୍ୟକୁ ପୃଥକ କରିଥାଏ ତାହା ହେଉଛି ସମ୍ପ୍ରଦାୟ ବିକାଶ ସହିତ ସ୍ଥାୟୀତ୍ୱର ସମନ୍ୱୟ । ବିଶ୍ୱ ପରିବେଶ ଦିବସ ଏବଂ ଅନ୍ତର୍ଜାତୀୟ ଜୈବିକ ବିବିଧତା ଦିବସ ଭଳି ପ୍ରମୁଖ ଅବସରରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ, କମ୍ପାନୀ ପରିବେଶଗତ ସଚେତନତା ଅଭିଯାନ ଏବଂ ଶିକ୍ଷାଗତ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ ସହିତ ଜଡିତ ହୁଏ, ତୃଣମୂଳ ସ୍ତରରୁ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରେ । ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ ପ୍ରୟାସକୁ ସ୍ୱୀକୃତି ଦିଆଯାଇଛି ଏବଂ ବିଶ୍ୱ ଆଲୁମିନିୟମ କମ୍ପାନୀଗୁଡ଼ିକ ମଧ୍ୟରେ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ରେ କମ୍ପାନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସ୍ଥାୟୀ କାର୍ଯ୍ୟ ପ୍ରଦର୍ଶନ ପାଇଁ ଏହାର ଆଲୁମିନିୟମ ସ୍ମେଲ୍ଟରଗୁଡ଼ିକୁ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ ର କାର୍ଯ୍ୟଦକ୍ଷତା ମାନକ ଦ୍ୱାରା ପ୍ରମାଣିତ କରାଯାଇଛି । ଏହା ସହିତ, ବେଦାନ୍ତ ଆଲୁମିନିୟମର ଉତ୍ପାଦ ପରିସର ସ୍ଥାୟୀ ଭାବରେ ଉତ୍ପାଦିତ ହେବା ପାଇଁ ପରିବେଶଗତ ଉତ୍ପାଦ ଘୋଷଣା (ଇପିଡି) ଲାଭ କରିଛି । ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ ପ୍ରତି ବହୁମୁଖୀ ଆଭିମୁଖ୍ୟ ହେଉଛି ଶିଳ୍ପ ମହାନ କମ୍ପାନୀଗୁଡ଼ିକ ଜଳବାୟୁ କାର୍ଯ୍ୟରେ କିପରି ନେତୃତ୍ୱ ନେଇପାରିବେ ତାହାର ଏକ ଜବରଦସ୍ତ ଉଦାହରଣଛ ନବୀକରଣୀୟ ଶକ୍ତି, ସ୍ୱଚ୍ଛ ଇନ୍ଧନ, ବୈଦ୍ୟୁତିକ ଗତିଶୀଳତା ଏବଂ ସମ୍ପ୍ରଦାୟ-ଚାଳିତ ପଦକ୍ଷେପ ଭଳି ଅନେକ ପଦକ୍ଷପକୁ ଗ୍ରହଣ କରି, କମ୍ପାନୀ କେବଳ ଏହାର ପରିବେଶଗତ ପ୍ରଭାବକୁ ହ୍ରାସ କରୁନାହିଁ ବରଂ ଭାରତରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ମଧ ସ୍ଥାପନ କରୁଛି ।

# ଗୁପ୍ତଚର ଅଭିଯୋଗ: ଆଉ ଜଣେ ୟୁଟ୍ୟୁବର୍ ଗିରଫ

**ନୂଆଦିଲ୍ଲୀ:** ବୁଧବାର ଦିନ ପଞ୍ଜାବ ପୁଲିସ ଆଉ ଜଣେ ୟୁଟ୍ୟୁବର ଜସବୀର ସିଂହଙ୍କୁ ଗିରଫ କରିଛି । ଯିଏକି ଜାନ ମହଲ ଚ୍ୟାନେଲ ଚଳାଉଛନ୍ତି ଏବଂ ତାଙ୍କର ୧.୧ ମିଲିୟନରୁ ଅଧିକ ସବସ୍କ୍ରାଇବର୍ ଅଛନ୍ତି । ରୂପନଗର ଜିଲ୍ଲାର ମହଲାନ ଗ୍ରାମର ବାସିନ୍ଦା ସିଂହଙ୍କୁ ଗୁପ୍ତଚର ସୂଚନା ଆଧାରରେ ମୋହାଲିର ଷ୍ଟେଟ୍ ସ୍ପେଶାଲ୍ ଅପରେସନ୍ସ ସେଲ୍ ଦ୍ୱାରା ହେପାଜତକୁ ନିଆଯାଇଛି । ହରିଆଣାର ଜ୍ୟୋତି ମାଲହୋତ୍ରାଙ୍କ ପରେ ଜସବୀର ସିଂହ ହେଉଛନ୍ତି ଦ୍ୱିତୀୟ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର, ଯିଏକି ଗତ କିଛି ସପ୍ତାହ ମଧ୍ୟରେ ଗିରଫ ହୋଇଛନ୍ତି । ପଞ୍ଜାବ ପୁଲିସ ଅନୁଯାୟୀ, ଜସବୀର ସିଂହ ପାକିସ୍ତାନୀ ଗୁପ୍ତଚର ଅଧିକାରୀ



ଶାକିର ଓରଫ ଜୁଟ୍ ରନ୍ଧାୱାଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ । ଯିଏକି ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି ।ସିଂହ ଏହସାନ-ଉର-ରହିମ ଓରଫ ଡାନିଶଙ୍କ ସହିତ ମଧ୍ୟ ସମ୍ପର୍କ ବଜାୟ ରଖିଥିଲେ, ଯିଏ ଜଣେ ପାକିସ୍ତାନୀ ନାଗରିକ ଏବଂ ଦିଲ୍ଲୀରେ ପାକିସ୍ତାନ ହାଇକମିସନର ପୂର୍ବତନ ଅଧିକାରୀ ଥିଲେ । ତାଙ୍କୁ ପୂର୍ବରୁ ଗୁପ୍ତଚର ଅଭିଯୋଗରେ ବହିଷ୍କାର କରାଯାଇଥିଲା ।ଅଧିକାରୀମାନେ କହିଛନ୍ତି ଯେ ତାଙ୍କ ଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକର ଫରେନସିକ୍ ବିଶ୍ଳେଷଣରୁ ଅନେକ ପାକିସ୍ତାନ-ଭିତ୍ତିକ ଯୋଗାଯୋଗ ନମ୍ବର ପ୍ରକାଶ ପାଇଛି, ଯାହା ଏବେ ତଦନ୍ତାଧୀନ ରହିଛି ।

# ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ



**ନୂଆଦିଲ୍ଲୀ:** ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ରେ ଶେଷ ହେବ । ଉଭୟ ଲୋକସଭା ଓ ରାଜ୍ୟସଭାର ଅଧିବେଶନ ଜୁଲାଇ ୨୧ର ପୂର୍ବାହ୍ନ ୧୧ଟାରେ ଆରମ୍ଭ କରାଯିବ । ଅପରେସନ୍ ସିନ୍ଦୂର ପରେ ଏହା ହେବ ପ୍ରଥମ ଅଧିବେଶନ । ତେବେ ବିରୋଧୀ ଦଳଗୁଡିକ ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଆସୁଥିଲେ । ସରକାର ଏହାକୁ ଗ୍ରହଣ କରିନଥିଲେ । ସଂସଦୀୟ ବ୍ୟାପାରର କ୍ୟାବିନେଟ୍ କମିଟି ବୈଠକ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଏହି ତାରିଖ ସୁପାରିଶ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁ କହିଛନ୍ତି । ଚଳିତ ବର୍ଷର ଶେଷ ବଜେଟ୍ ଅଧିବେଶନ ଜାନୁଆରୀ ୩୧ରେ ଆରମ୍ଭ ହୋଇଥିଲା ଓ ଏପ୍ରିଲ ୪ରେ ଉଭୟେ ଲୋକସଭା ଓ ରାଜ୍ୟସଭାକୁ ଅର୍ନିଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖାଯାଇଥିଲା ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ

**ନୂଆଦିଲ୍ଲୀ:** ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହା ଅଭିଯୋଗ ପ୍ରସ୍ତାବ ଆଣିବା ଲାଗି ସରକାର ସବୁ ଦଳର ସହମତି ଯୋଗାଡ ଲାଗି ପ୍ରୟାସ ଜାରି ରଖିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟର କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହା ଅଭିଯୋଗ ଆଣିବା ଲାଗି ସୁପାରିଶ କରିଥିଲେ । ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ନିଆଁ ଲାଗିଥିବାବେଳେ ବିପୁଳ ଟଙ୍କା ପୋଡିଯାଇଥିବା ଅଭିଯୋଗ ହୋଇଥିଲା । ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିବାକୁ ଥିବା ଏହି ମହା ଅଭିଯୋଗ ପ୍ରସ୍ତାବ ବିଚାର ବିଭାଗୀୟ ବ୍ୟବସ୍ଥାର ଦୁର୍ନୀତି ସମ୍ପର୍କିତ । ଏଥିରେ କୌଣସି ରାଜନୈତିକ ଚିନ୍ତା ନାହିଁଛ କେହି ବି ଏଥିରେ



ପୃଥକ୍ ରାଜନୈତିକ ସ୍ଥିତି ନେବାର ସୁଯୋଗ ନାହିଁଛ ତେଣୁ ଆଶା କରାଯାଉଛି ସବୁ ଦଳଗୁଡିକ ଏକାଠି ହେବେଛ ସମସ୍ତେ ଏକାଠି ହୋଇ ଏ ସମ୍ପର୍କରେ ଆଲୋଚନା କରିବେ ଓ ଏହାପରେ ପଦକ୍ଷେପ ନେବେଛ ସବୁ ଦଳ ମଧ୍ୟରେ ସହମତି ଲାଗି ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତିଛ ତେବେ ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା ତାଙ୍କ ଘରୁ ନିଆଁ ଲାଗିବାବେଳେ ଟଙ୍କା ପୋଡିଯାଇଥିବା ଘଟଣାକୁ ଅସ୍ୱୀକାର କରିଛନ୍ତିଛ ସୁପ୍ରିମ୍‌କୋର୍ଟ ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ ।

# ଟ୍ରମ୍ପ-ପୁଟିନ୍ କଥାବାର୍ତ୍ତା



**ଓ୍ୱାଶିଂଟନ:** ରାଷ୍ଟ୍ରପତି ଟ୍ରମ୍ପ ବୁଧବାର ଦିନ କହିଛନ୍ତି ଯେ ରୁଷୀୟ ବୋମା ବିସ୍ଫୋରଣକାରୀ ବିମାନ ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ପରେ ଏବଂ ୟୁକ୍ରେନରେ ଯୁଦ୍ଧ ବନ୍ଦ ପାଇଁ ସ୍ଥଗିତ ଥିବା ପ୍ରୟାସ ମଧ୍ୟରେ ସେ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଛନ୍ତି । ଏହି କଲ୍ ପ୍ରାୟ ଏକ ଘଣ୍ଟା ୧୫ ମିନିଟ୍ ଧରି ଚାଲିଥିଲା । ଦୁଇ ନେତା ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଏବଂ ଉଭୟ ପକ୍ଷ ଦ୍ୱାରା ହେଉଥିବା ବିଭିନ୍ନ ଆକ୍ରମଣ ବିଷୟରେ ଆଲୋଚନା କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଏହା ଏକ ଭଲ ଆଲୋଚନା ଥିଲା, କିନ୍ତୁ ଏପରି ଏକ ଆଲୋଚନା ନୁହେଁ ଯାହା ତୁରନ୍ତ ଶାନ୍ତି ଆଡକୁ ନେଇଯିବ । ରାଷ୍ଟ୍ରପତି ପୁଟିନ କହିଥିଲେ, ତାଙ୍କ ଏୟାରଫିଲ୍ଡ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର ଜବାବ ଦେବାକୁ ପଡିବ । ଟ୍ରମ୍ପଙ୍କ କହିବା ଅନୁଯାୟୀ, ଇରାନ ସହିତ ପରମାଣୁ ଚୁକ୍ତିରେ ପହଞ୍ଚିବା ପାଇଁ ତାଙ୍କ ଟ୍ରମ୍ପ ପ୍ରଶାସନ ଦ୍ୱାରା ଚାଲିଥିବା ପ୍ରୟାସ ବିଷୟରେ ମଧ୍ୟ ଦୁଇ ନେତା ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ପୁଟିନ ପରାମର୍ଶ ଦେଇଛନ୍ତି ଯେ ସେ ଇରାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ ଏବଂ ସେ ହୁଏତ ଏହାକୁ ଏକ ଦ୍ରୁତ ନିଷ୍କର୍ଷରେ ପହଞ୍ଚାଇବାରେ ସହାୟକ ହୋଇପାରିବେ, ଟ୍ରମ୍ପ ପୋଷ୍ଟ କରିଛନ୍ତିଛ ମୋର ମତ ହେଉଛି ଯେ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କର ନିଷ୍ପତ୍ତିକୁ ଧୀର କରିଚାଲିଛି, ଏବଂ ଆମକୁ ବହୁତ କମ ସମୟ ମଧ୍ୟରେ ଏକ ନିଶ୍ଚିତ ଉତ୍ତର ଆବଶ୍ୟକ ହେବ ।

# ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କୁ ସମନ

**ନୂଆଦିଲ୍ଲୀ:** ଆପ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ମନୀଷ ସିସୋଦିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ ଜାରି ହୋଇଛି । ୨୦୦୦ କୋଟି ଟଙ୍କାର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ ଆଏହି ଦୁଇ ଶୀର୍ଷ ନେତାଙ୍କୁ ସମନ କରିଛି । ଜୈନଙ୍କୁ ଜୁନ୍ ୬ ତାରିଖରେ ସମନ କରାଯାଇଛି, ଯେତେବେଳେ ସିସୋଦିଆଙ୍କୁ ଜୁନ୍ ୯ ତାରିଖରେ ଦିଲ୍ଲୀର ବ୍ୟୁରୋ କାର୍ଯ୍ୟାଳୟକୁ ଯିବାକୁ କୁହାଯାଇଛ ।ଦୁର୍ନୀତି ନିବାରଣ ବ୍ୟୁରୋ ଏପ୍ରିଲ ୩୦ ତାରିଖରେ ଏହି ମାମଲାରେ ଦୁଇ ନେତାଙ୍କ ବିରୋଧରେ ଏକ ଏଫ୍ଆଇଆର୍ ଦାୟର କରିଥିଲା । ଯେଉଁଥିରେ ଅଭିଯୋଗ ହୋଇଥିଲା ଯେ ଦିଲ୍ଲୀରେ ପୂର୍ବ ଆପ ସରକାରଙ୍କ ଅଧୀନରେ ୧୨,୭୪୮ଟି ଶ୍ରେଣୀଗୃହ ଏବଂ କୋଠା ନିର୍ମାଣ ଅତ୍ୟନ୍ତ ଚଢ଼ା ମୂଲ୍ୟରେ କରାଯାଇଥିଲାଛ ଆପ ଶାସନରେ ସିସୋଦିଆ ଶିକ୍ଷା ମନ୍ତ୍ରୀ ଥିଲେ ଯେତେବେଳେ କି ଜୈନ ପବ୍ଲିକ୍ ଓ୍ୱାର୍କସ୍ ଡିପାର୍ଟମେଣ୍ଟ ପୋର୍ଟଫୋଲିଓ ରଖିଥିଲେ । ଏଫଆଇଆର ଦାଖଲ କରିବା ସମୟରେ ଦୁର୍ନୀତି ନିବାରଣ ପ୍ୟାନେଲ କହିଛି ଯେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଚୁର ଅର୍ଥ ବ୍ୟୟ ହୋଇଥିବା ବେଳେ ଗୋଟିଏ ବି କାର୍ଯ୍ୟ ସମାପ୍ତ ହୋଇନଥିଲାଛ ପରାମର୍ଶଦାତା ଏବଂ ସ୍ଥପତିଙ୍କୁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ନିଯୁକ୍ତ କରାଯାଇଥିଲା ।

# ହମାସ ନେତାଙ୍କୁ ହତ୍ୟା କରିବାକୁ ମୋସାଦର ଯୋଜନା

**ଜେରୁଜେଲମ:** ଇସ୍ରାଏଲ ଏବେ ଗାଜା ଏବଂ ବିଦେଶରେ ଥିବା ଅବଶିଷ୍ଟ ହମାସ ନେତାମାନଙ୍କୁ ନିପାତ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି । ଇସ୍ରାଏଲର ଟାର୍ଗେଟ ଏବେ ଅଲ-କାସାମ ବ୍ରିଗେଡର ଗାଜା ବ୍ରିଗେଡର କମାଣ୍ଡର ଇଜ୍ ଅଲ୍-ଦିନ୍ ଅଲ୍-ହଦ୍ଦାଦ୍ ଉପରେ ରହିଛ । ତାଙ୍କୁ ହତ୍ୟା ପାଇଁ ଇସ୍ରାଏଲ ଗାଜାରେ ନରସଂହାର ଯୁଦ୍ଧ ଆରମ୍ଭ କରିବା ପରଠାରୁ ଅନେକ ଥର ଚେଷ୍ଟା କରିଛି । ଏହା ସହିତ ଲେବାନନରେ ହମାସର ନେତୃତ୍ୱ ନେଉଥିବା ଏବଂ ହମାସର ରାଜନୈତିକ ବ୍ୟୁରୋର ଅଂଶ ଥିବା ଓସାମା ହମଦାନ ମଧ୍ୟ ଇସ୍ରାଏଲର ଟାର୍ଗେଟରେ ଅଛନ୍ତି ।



ଓସାମା ବର୍ତ୍ତମାନ ଅଧିକାଂଶ ସମୟ କାତାରରେ ବିତାଉଛନ୍ତି ଏବଂ ଶାନ୍ତି ଆଲୋଚନାରେ ହମାସ ପ୍ରତିନିଧିମଣ୍ଡଳର ସେ ଅଂଶବିଶେଷ । ଇସ୍ରାଏଲ ଓସାମାଙ୍କୁ ନିଜର ବଡ଼ ଶତ୍ରୁ ଭାବେ ବିବେଚନା କରୁଛ । ପୂର୍ବରୁ ଇସ୍ରାଏଲ ଇସମାଇଲ ହାନିୟେଙ୍କୁ ହତ୍ୟା କରି ପ୍ରମାଣ କରିଛି ଯେ, ଶାନ୍ତି ଆଲୋଚନା କରୁଥିବା ନେତାମାନଙ୍କୁ ମଧ୍ୟ ଟାର୍ଗେଟ କରାଯାଇ ପାରିବ । ଗାଜାରେ ଇସ୍ରାଏଲର ଆକ୍ରମଣ ନିରନ୍ତର ଜାରି ରହିଛି ।ମଙ୍ଗଳବାର ଦିନ ଇସ୍ରାଏଲୀ ସୈନିକମାନେ ପୁଣି ଥରେ ସାହାଯ୍ୟ ପାଇଁ ଧାଡ଼ିରେ ଠିଆ ହୋଇଥିବା ଭୋକିଲା ପାଲେଷ୍ଟାଇନୀଙ୍କ ଉପରେ ଗୁଳି ଚଳାଇ ୨୭ ଜଣ ସାଧାରଣ ନାଗରିକଙ୍କୁ ହତ୍ୟା କରିଛନ୍ତି ।ଗତ ୨୦ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଇସ୍ରାଏଲ ୫୫ହଜାରରୁ ଅଧିକ ସାଧାରଣ ନାଗରିକଙ୍କୁ ହତ୍ୟା କରିଛି । ତେବେ ବିଶେଷଜ୍ଞମାନଙ୍କ ଅନୁସାରେ ସାଧାରଣ ଲୋକଙ୍କ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇପାରେ ।

# ରେଳ ଦୁର୍ଘଟଣା ରୋକିବାକୁ କବଚ ସିଷ୍ଟମ କାର୍ଯ୍ୟକାରୀ

**କୋଲକାତା:** ଦକ୍ଷିଣ ପୂର୍ବ ରେଳପଥରେ ଟ୍ରେନ ସେବାର ସୁରକ୍ଷା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୩୨୪.୫୪ କୋଟି ଟଙ୍କାର କବଚ ସିଷ୍ଟମ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରସ୍ତାବ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପର ଲକ୍ଷ୍ୟ ରେଳପଥରେ ସୁରକ୍ଷାର ଏକ ଅତିରିକ୍ତ ସ୍ତର ପ୍ରଦାନ କରିବା । ଦକ୍ଷିଣ-ପୂର୍ବ ରେଳପଥର କବଚ ବାଲାନ୍ସ କାର୍ଯ୍ୟର ଏକ ଅଂଶ ଭାବରେ କବଚ ସିଷ୍ଟମ, ଏକ ଦୁର୍ଘଟଣା-ବିରୋଧୀ ପ୍ରଯୁକ୍ତିବିଦ୍ୟା, ୫୨୫ ରୁଟ୍ କିଲୋମିଟର ଏବଂ ୧୩୬ଟି ଲୋକୋମୋଟିଭ୍ ଉପରେ ସ୍ଥାପନ କରାଯିବ । ଏହି ବାଲାନ୍ସ କାର୍ଯ୍ୟ ସମାପ୍ତ ହେବା ପରେ, ଦକ୍ଷିଣ ପୂର୍ବ ରେଳପଥରେ କବଚ କଭରେଜର ୧୦୦% ହାସଲ କରିବ ବୋଲି ଆଶା କରାଯାଉଛି । ଧକ୍କା ଏବଂ ସିଗନାଲ ଉଲ୍ଲଂଘନରୁ ସମ୍ପୂର୍ଣ୍ଣ ସୁରକ୍ଷା ଶୂନ୍ୟ ଦୁର୍ଘଟଣା ରେଳ ନେଟଓ୍ୱାର୍କ ଆଡକୁ ପ୍ରମୁଖ ନେତୃତ୍ୱ ଦେବ ।

# ମୋଦୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆ ଉପପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ଅଷ୍ଟ୍ରେଲିଆର ଉପ-ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ, ମାନନୀୟ ରିଚାର୍ଡ ମାର୍ଲେସ୍ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଅଷ୍ଟ୍ରେଲିଆରେ ହୋଇଥିବା ଫେଡେରାଲ୍ ନିର୍ବାଚନରେ ଅଷ୍ଟ୍ରେଲୀୟ ଲେବର ପାର୍ଟିର ଐତିହାସିକ ବିଜୟ ପାଇଁ ଉପ-ପ୍ରଧାନମନ୍ତ୍ରୀ ମାର୍ଲେସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦୁଇ ନେତା ଭାରତ-ଅଷ୍ଟ୍ରେଲିଆ ବ୍ୟାପକ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଛନ୍ତି, ଯାହାକି ଆଜି ପାଞ୍ଚ ବର୍ଷ ପୂରଣ କରିଛି । ସେମାନେ ପ୍ରତିରକ୍ଷା ଶିଳ୍ପ ସହଯୋଗିତା, ସ୍ଥିର ଯୋଗାଣ ଶୃଙ୍ଖଳ, କ୍ରିଟିକାଲ ମିନେରାଲ୍ସ । ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ପୁଣିଥରେ ଦୋହରାଇଥିଲେ ଯେ ଏକ ସ୍ଥିର, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର ପାଇଁ ଏକ ସମାନ ଦୃଷ୍ଟିକୋଣ ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ନେଇଯିବ । ଉପ-ପ୍ରଧାନମନ୍ତ୍ରୀ ମାର୍ଲେସ୍ ସୀମାପାର ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇରେ ଅଷ୍ଟ୍ରେଲିଆର ସମର୍ଥନକୁ ପୁନର୍ବାର ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚଳିତ ବର୍ଷ ଶେଷରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବାକୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ଆଲବାନିଜଙ୍କୁ ନିମନ୍ତ୍ରଣ କରିଛନ୍ତି ।

# ଆନ୍ଧ୍ରରେ ଏଏମ୍/ଏନ୍ଏସ୍‌ର ପ୍ରକଳ୍ପ: ଅନୀଲ ଅଗ୍ରଓ୍ୱାଲ୍‌ଙ୍କ ପ୍ରଶଂସା

**ହାଇଦ୍ରାବାଦ:** ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରଓ୍ୱାଲ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଶିଳ୍ପଗୁଡିକୁ ପ୍ରୋତ୍ସାହନ ପ୍ରଦାନ କରିବା ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ଏବଂ ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଜଣାଇଛନ୍ତି। 'ଏକ୍ସ' (ପୂର୍ବର ଟ୍ୱିଟରରେ ଏକ ପୋଷ୍ଟରେ ଶ୍ରୀ ଅଗ୍ରଓ୍ୱାଲ୍ ଆନାକାପଲ୍ଲୀରେ ସ୍ଥାପନ କରାଯାଉଥିବା ସମନ୍ୱିତ ଇସ୍ପାତକାରଖନା ପାଇଁ ଏଏମ୍/ଏନ୍ଏସ୍‌କୁ ଦିଆଯାଇଥିବା ୨୮,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଛନ୍ତି।ବୃହତ୍ ଶିଳ୍ପ ପ୍ରକଳ୍ପ ହାସଲ କରିବା ପାଇଁ ବିନିର୍ମାଣ କ୍ଷେତ୍ରର ପ୍ରମୁଖ ସମସ୍ୟା ଯଥା ଜମିର ଷ୍ଟାମ୍ପ୍ ଡ୍ୟୁଟି, ଜିଏସଟି ଏବଂବିଦ୍ୟୁତ୍ ଓ ଜଳ ଖର୍ଚ୍ଚ ଆଦିର ସମାଧାନ କରିବାରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସାହସିକ ଏବଂ ସମୟୋପଯୋଗୀପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି।ଏଭଳି ଏକ ବୃହତ୍ ପ୍ରକଳ୍ପ ଏହି ଅଂଚଳରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁବଢ଼ାଇବ ବୋଲି ସେ କହିଛନ୍ତି।ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ଭଳି ଅନ୍ୟ ରାଜ୍ୟଗୁଡିକ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଯେଉଁମାନେ ସବୁଠାରୁ ଆକ୍ରମଣାତ୍ମକ ଆଭିମୁଖ ଗ୍ରହଣ କରିବେ ସେମାନେ ସର୍ବାଧିକ ନିବେଶ ଆକର୍ଷିତ କରିପାରିବେ ବୋଲି ସେ ଲେଖିଛନ୍ତି।

# ବିକଶିତ ରାଷ୍ଟ୍ର ବନିପାରେ ଭାରତ: ରଘୁରାମ



**ନୂଆଦିଲ୍ଲୀ:** ଭାରତ ଏବେ ଜିଡିପି ଅନୁସାରେ ବିଶ୍ୱର ଚତୁର୍ଥ ବୃହତ୍ତମ ଦେଶ ହୋଇସାରିଛିଛ ମାତ୍ର ଆଇଏମ୍ଏଫ୍ ବିଶ୍ୱାସ କରେ ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତ ୪ ଟ୍ରିଲିୟନ ଜିଡିପି ବିଶିଷ୍ଟ ଦେଶ ହୋଇଯିବ । ୨୦୨୭ ସୁଦ୍ଧା ଭାରତ ଦ୍ରୁତ ଅଭିବୃଦ୍ଧି ହାର ହାସଲ କରିବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଜର୍ମାନୀକୁ ପଛରେ ପକାଇ ଦେବ ।କେବଳ ସେତିକି ନୁହେଁ, ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଦେଶରେ ପରିଣତ ହେବ । ପୂର୍ବତନ ଆରବିଆଇ ଗଭର୍ଣ୍ଣର ରଘୁରାମ ରାଜନ ଏହି ପ୍ରସଙ୍ଗରେ ଭିନ୍ନ ମତ ରଖିଛନ୍ତି । ସେ କୁହନ୍ତି ଯେ ଯଦି ଭାରତକୁ ବିକଶିତ ହେବାକୁ ପଡ଼ିବ, ତେବେ ଅଭିବୃଦ୍ଧି ହାର ୮.୫ କିମ୍ବା ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାକୁ ପଡ଼ିବ, କାରଣ ଆମେ ଏବେ ବି ଏକ ତୁଳନାତ୍ମକ ଭାବରେ ଗରିବ ଦେଶ ।

ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ରଘୁରାମ ରାଜନଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ଭାରତର ଜିଡିପି ଦୃଢ଼ ଭାବରେ ଠିଆ ହୋଇଛିଛ ରଘୁରାମ ରାଜନଙ୍କ ଅନୁଯାଇ ଭାରତର ବର୍ତ୍ତମାନର ୬.୫ ପ୍ରତିଶତ ଅଭିବୃଦ୍ଧି ହାର ବିଶ୍ୱ ଅର୍ଥନୀତିରେ ଏକ ପ୍ରଭାବଶାଳୀ ଅଭିବୃଦ୍ଧି । ତାର କାରଣ ସରକାର ର୍ନିବାଚନ ସମୟରେ ବହୁଖର୍ଚ୍ଚ ହ୍ରାସ କରିଥିଲେ ।

# ଇଣ୍ଡି ମେଣ୍ଟ: ପାଖେଇଲେ ମମତା, ଦୂରେଇଲେ ପାଓ୍ୱାର

**ନୂଆଦିଲ୍ଲୀ:** କେନ୍ଦ୍ରରେ ସରକାର ଗଠନ ହେବାର ଏକ ବର୍ଷ ମଧ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟରେ ଫାଟ ନଜର ଆସିଥିଲା ।ଏନସିପି ଏବଂ ଆପ୍ ମେଣ୍ଟରୁ ଦୂରେଇବାରେ ଲାଗିଥିବାବେଳେ ଟିଏମସି ପ୍ରମୁଖ ମମତା ବାନାର୍ଜୀ ମେଣ୍ଟ ମୁହାଁ ହେବାରେ ଲାଗିଛନ୍ତି । ଅପରେସନ ସିନ୍ଦୂର ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପାଇଁ କଂଗ୍ରେସ ନେତୃତ୍ୱରେ ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ବୈଠକରେ ୧୬ ବିରୋଧୀ ଦଳର ନେତା ଯୋଗଦେଇଥିଲେ । କିନ୍ତୁ ଶରଦ ପାଓ୍ୱାର ଏବଂ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପର କୌଣସି ନେତା ବୈଠକରେ ଉପସ୍ଥିତ ନଥିଲେ । ମମତାଙ୍କ ଦଳ ଟିଏମସିର ସାଂସଦ ଡେରେକ ଓ ବ୍ରାୟନ ବେଠକରେ ଯୋଗ ଦେଇଥିଲେ । ବେଠକରେ ଯୋଗ ଦେଇଥିବା ୧୬ ଦଳଙ୍କ ମଧ୍ୟରେ କଂଗ୍ରେସ, ଟିଏମସି, ଡିଏମକେ, ଏସ୍ପି, ଶିବସେନା (ୟୁବିଟି), ଆରଜେଡି, ନ୍ୟାସନାଲ କନଫରେନ୍ସ, ଜେଏମଏମ, ସିପିଆଇ, ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ୍, ଆରଏସପି, ଭିଏସପି, କେରଳ କଂଗ୍ରେସ, ଏମଡିଏମକେ ଏବଂ ସିପିଆଇ (ଏମଏଲ)ର ନେତାମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ୧୬ଟି ବିରୋଧୀ ଦଳର ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ପହଲଗାମ ଆତଙ୍କବାଦୀ ଆକ୍ରମଣ, 'ଅପରେସନ ସିନ୍ଦୁର' ଏବଂ ଆମେରିକା ଦ୍ୱାରା ଘୋଷଣା କରାଯାଇଥିବା 'ଅସ୍ତ୍ରବିରତି' ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଅନୁରୋଧ କରିଥିଲେ । ତେବେ ବୈଠକରେ ଶରଦ ପାଓ୍ୱାରଙ୍କ ଦଳର କୌଣସି ନେତା ଯୋଗଦେଇ ନଥିବାରୁ ଏବେ ଇଣ୍ଡିଆ ମେଣ୍ଟ ନେଇ ତାଙ୍କର ମନୋଭାବ ବଦଳିଥିବା ରାଜନେତିକ ମହଲରେ ଚର୍ଚ୍ଚା ହେଉଛି । ସେହିଭଳି ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଇଣ୍ଡିଆ ମେଣ୍ଟ ସହିତ ନିଜର ସମ୍ପର୍କ ତୁଟାଇ ଦେଇଥିବା ଚର୍ଚ୍ଚା ହେଉଛି ।ଏବେ ଇଣ୍ଡିଆ ମେଣ୍ଟ ଶରଦ ପାଓ୍ୱାର ଏବଂ କ୍ରେଜିଓ୍ୱାଲଙ୍କ ବିନା କେଉଁ ପଦକ୍ଷେପ ନେବ ସେ ନେଇ ରାଜନେତିକ ମହଲରେ ନାନା କଳ୍ପନାଜଳ୍ପନା କରାଯାଉଛି ।



# ଓପନ ବସ୍ ସେଲିବ୍ରେସନ୍‌କୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ଆଇପିଏଲ୍‌ର ନୂଆ ଚାମ୍ପିଅନ୍ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ବେଙ୍ଗାଲୁରୁରେ ଜୋରଦାର ସ୍ୱାଗତ କରାଯାଇଛି । ୧୮ ବର୍ଷ ପରେ ଆଇପିଏଲ୍ ଟାଇଟଲଜିତି ଆର୍‌ସିବି ନିଜ ପ୍ରଶଂସକଙ୍କୁ ଖୁସି ଭେଟି ଦେଇଛି । ଏହା ଭିତରେ ଖୋଲା ବସରେ ସେଲିବ୍ରେସନ୍ ହେବ କି ନାହିଁ ତାକୁ ନେଇ ଦ୍ୱନ୍ଦ ଲାଗିରହିଥିଲା । ପୋଲିସ ପ୍ରଶାସକ ଓପନ ବସ୍ ସେଲିବ୍ରେସନ୍ ପାଇଁ ଟିମ୍ ମ୍ୟାନେଜମେଣ୍ଟକୁ ଅନୁମତି ଦେବାକୁ ମନା କରିଥିଲା । ଫ୍ରାଞ୍ଚାଇଜ୍ ପକ୍ଷରୁ ସୋସିଆଲ ମିଡ଼ିଆ ପ୍ଲାଟ ଫର୍ମରେ ସୂଚନା ଦିଆଯାଇଛି । ପୋଲିସ୍‌ର ନିୟମମାନି ବିଜୟ ଉତ୍ସବରେ ସାମିଲ ହେବା ପାଇଁ ଲୋକଙ୍କୁ ଅପିଲ୍ କରାଯାଇଛି । ଏହା ସତ୍ତ୍ୱେ ଦଳାଚକଟା ଯୋଗୁଁ ୧୦ରୁ ଊର୍ଦ୍ଧ୍ୱଙ୍କ ଜୀବନ ଯାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି ।

ବେଙ୍ଗାଲୁରୁ ପୋଲିସ ଟ୍ରାଫିକ୍ ବ୍ୟବସ୍ଥା ବିଗିଡିବା ଆଶଙ୍କା କରି ଖୋଲା ବସ ସେଲିବ୍ରେସନକୁ ଅନୁମତି ଦେଇନାହିଁ । ମଙ୍ଗଳବାର ରାତିରେ ଆର୍‌ସିବି ଚାମ୍ପିଅନ୍ ହେବା ପରେ ବେଙ୍ଗାଲୁରୁ ରାସ୍ତାକୁ ଓହ୍ଲାଇଥିବା ପ୍ରଶଂସକଙ୍କୁ ନିୟନ୍ତ୍ର କରିବାରେ ପୋଲିସ୍ ପ୍ରଶାସନ ନାକେଦମ୍ ହୋଇଥିଲା । ବେଙ୍ଗାଲୁରୁ ଖେଳାଳି ବୁଧବାର ଅପରାହ୍ଣରେ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ପ୍ରଶଂସକ ବେଙ୍ଗାଲୁରୁ ବିମାନ ବନ୍ଦର ସମ୍ମୁଖରେ ସ୍ୱାଗତ କରାଯାଇଥିଲା । ବିମାନବନ୍ଦରରୁ ହୋଟେଲ ଯିବା ବେଳେ ରାସ୍ତାରେ ଉଭୟ ପାର୍ଶ୍ୱରେ ପ୍ରଶଂସକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଏହି ସମୟରେ ଦଳାଚକଟା ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ଆର୍ଥିକ ସହାୟତାରେ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।




## ହାର୍ଦ୍ଦିକ, କ୍ରୁନାଲ ବ୍ରଦର୍ସ ଜିତିଛନ୍ତି ୯ଥର ଟ୍ରଫି



ନୂଆଦିଲ୍ଲୀ,୪।୬ (ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ଓ ରୋହିତ ଶର୍ମାଙ୍କ ତୁଳନାରେ ମ୍ୟାଗି ବ୍ରଦର୍ସ ଭାବେ ପରିଚିତ ହାର୍ଦ୍ଦିକ ଓ କ୍ରୁନାଲ ୯ଥର ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ଟ୍ରଫି ହାସଲ କରିଛନ୍ତି । ଏବେ ସବୁଠି ମ୍ୟାଗୀ ବ୍ରଦର୍ସଙ୍କ ଚର୍ଚ୍ଚା । ଆଇପିଏଲ୍ -୨୦୨୫ ଫାଇନାଲରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ରନ୍‌ରେ ପଞ୍ଜାବକିଙ୍ଗ୍ସକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଏଥିରେ କ୍ରୁନାଲ ପାଣ୍ଡ୍ୟା ୪ ଓଭରରେ ୧୭ ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିବା ସହ ଦଳରେ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଜୋଶ ଇଂଲିଶ ଓ ପ୍ରଭସିନରନ୍ ସିଂ ସାମିଲ ଥିଲେ । ମ୍ୟାଗୀ ବଦର୍ସ ଭାବେ ପରିଚିତ ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ଏପର୍ଯ୍ୟନ୍ତ ୯ଟି ଆଇପିଏଲ୍ ବିଜେତା ଦଳ ସହ ରହିଛନ୍ତି । ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଅନ୍ସ ଦଳ ସହ ୪ଥର ଓ ଗୁଜରାଟ ଟାଇଟନ୍ସ ପକ୍ଷରୁ ଥରେ ଟ୍ରଫି ତୋଳିଧରିବାର ସୁଯୋଗ ପାଇଛନ୍ତି । ସେହିପରି କ୍ରୁନାଲ ପାଣ୍ଡ୍ୟା ମୁମ୍ବାଇ ପକ୍ଷରୁ ୩ଥର ଓ ଏବେ ଆର୍‌ସିବି ପକ୍ଷରୁ ଖେଳି ଦଳକୁ ଚାମ୍ପିଅନ୍ କରାଇଛନ୍ତି। କ୍ରୁନାଲ ଦୁଇଥର ଆଇପିଏଲ୍‌ରେ ପ୍ଲେଅର ଅଫ୍ ଦ ମ୍ୟାଚ ହୋଇଥିଲେ ।

ପାଣ୍ଡ୍ୟା ଭାଇଙ୍କ ପରିବାର ଆର୍ଥିକ ସ୍ଥିତି ଭଲ ନଥିଲା । ଉଭୟ ଭଲ କ୍ରିକେଟ୍ ଖେଳୁଥିବାରୁ ତାଙ୍କ ବାପା ସେମାନଙ୍କୁ କିରଣ ମୋରେ କ୍ରିକେଟ୍ ଏକାଡେମୀରେ ଭର୍ତ୍ତି କରିଥିଲେ । ଗଠିନ ଅଭ୍ୟାସ ସେସନ ବ୍ରେକ୍‌ରେ ଉଭୟ ଭାଇ ମ୍ୟାଗି ଖାଇ ଭୋକ ମେଣ୍ଟାଉଥିଲା । ଏହା ଦେଖି ମୋରେ ସେମାନଙ୍କୁ ମ୍ୟାଗ ବ୍ରଦର୍ସ ନାଁ ଦେଇଥିଲେ । ହାର୍ଦ୍ଦିକ ତୁଳନାରେ କ୍ରୁନାଲ ଅନ୍ତର୍ଜାତୀୟ କ୍ରିଟେକ୍ ସେହିଭଳି ଉତ୍ସାହ ଜନକ ନୁହେଁ । ୨୦୨୫ ଆଇପିଏଲ୍ ନିଲାମରେ ଆର୍‌ସିବି ୫-୭୫ ଗୋଟି ଟଙ୍କାରେ କ୍ରୁନାଲଙ୍କୁ କିଣି ଥିଲା ।

## ଭୁବି ରଚିଲେ ଇତିହାସ

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ଟାଇଟଲ ଜିତି ବେଙ୍ଗାଲୁରୁ ଇତିହାସ ଜିତିଛି । ଏଥିରେ ଭୁବନେଶ୍ୱର କୁମାରଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଛି । ପଞ୍ଜାବକିଙ୍ଗ୍ସ ବିପକ୍ଷ ଫାଇନାଲ ମ୍ୟାଚରେ ୩୮ ରନ୍‌ରେ ୨ ୱିକେଟ୍ ଅକ୍ତିଆର କରିଥିଲେ । ଭୁବି ଆଇପିଏଲ୍‌ରେ ପ୍ରଥମ ଦ୍ରୁତ ବୋଲର ଭାବେ ୭୦୦ ଓଭର ବୋଲିଂ କରିଛନ୍ତି । ଯାହା କି ଏକ ରେକର୍ଡ । ୫୫୬.୧ ଓଭର ସହ ଯଶପ୍ରୀତ ବୁମରା ଦ୍ୱିତୀୟ ସ୍ଥାନରେ ରହିଛି । ଡ୍ୱେନ ବ୍ରାଭୋ ୫୧୯.୫, ଉମେଶ ଯାଦବ ୫୦୮.୨, ସନ୍ଦୀପ ଶର୍ମା ୫୦୬.୫ ଓ ଲସିଥ ମାଲିଙ୍ଗା ୪୭୧.୧ ଓଭର ବୋଲିଂ କରି ତୃତୀୟରୁ ଷଷ୍ଠ ସ୍ଥାନ ରହିଛନ୍ତି । ୧୮ ବର୍ଷ ପରେ ଆଇପିଏଲ୍‌ରେ ପ୍ରଥମଥର ପାଇଁ ବେଙ୍ଗାଲୁରୁ ଟାଇଟଲ ହାସଲ କରିବାରେ ସଫଳ ହୋଇଛି । ଦଳର ସମସ୍ତ ଖେଳାଳିଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁଁ ଦୀର୍ଘ ପ୍ରତିକ୍ରିୟାର ଅନ୍ତଃ ଘଟିଛି । ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ମୁମ୍ବାଇ ସର୍ବାଧିକ ୫ଥର ଲେଖାଏଁ ଟାଇଟଲ ଜିତିଛନ୍ତି ।





## ମାଲ୍ୟାଙ୍କ ଟ୍ୱିଟ୍: ମୋ ସ୍ୱପ୍ନ ସାକାର ହେଲା

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ୧୮ ବର୍ଷ ପ୍ରତୀକ୍ଷାର ଅନ୍ତଃ ହୋଇଛି । ବିରାଟ କୋହଲିଙ୍କ ଆଇପିଏଲ୍ ଟ୍ରଫି ତୋଳି ଧରିବାର ସ୍ୱପ୍ନ ପୁରଣ ହୋଇଛି । ଆଇପିଏଲ୍ ଫାଇନାଲରେ ବେଙ୍ଗାଲୁରୁ ୬ ରନ୍ ବ୍ୟବଧାନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଆଇପିଏଲ୍ ଟ୍ରଫି ଜିତିବା ପରେ ଆର୍‌ସିବିର ପୂର୍ବତନ ମାଲିକ ବିଜୟ ମାଲ୍ୟାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ସେ ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମାଲ୍ୟା କହିଛନ୍ତି ମୋ ସ୍ୱପ୍ନ ସାକାର କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ଟ୍ୱିଟରରେ ମାଲ୍ୟା ଲେଖିଛନ୍ତି ଯେତେବେଳେ ମୁଁ ଆର୍‌ସିବି ଟିମ୍ ଗଢ଼ିଥିଲି, ମୋର ସ୍ୱପ୍ନ ଥିଲା ଆଇପିଏଲ୍ ଟ୍ରଫି ବେଙ୍ଗାଲୁରୁକୁ ଆସୁ । ସେ ସମୟରେ ମୁଁ ଜଣେ ଯୁବ ଖେଳାଳି ଭାବେ ବିରାଟ କୋହଲିଙ୍କୁ ଦଳରେ ନେବାର ସୌଭାଗ୍ୟ ପାଇଥିଲି । ସେ ୧୮ ବର୍ଷ ଧରି ଆର୍‌ସିବି ସହିତ ଅଛନ୍ତି । ମୁଁ ୟୁନିଭର୍ସ ବସ୍ କ୍ରିସ୍ ଗଲେ । ଏବଂ ମିଷ୍ଟର ୩୬୦ ଏବି ଡିଭିଲିୟର୍ସଙ୍କ ଚୟନ କରିବାର ସୌଭାଗ୍ୟ ପାଇଥିଲି । ଯେଉଁମାନେ ଆର୍‌ସିବି ଇତିହାସର ଅବିଚ୍ଛେଦ୍ୟ ଅଂଶ ।

ମାଲ୍ୟା ଆହୁରି କହିଛନ୍ତି ଆଇପିଏଲ୍ ବେଙ୍ଗାଲୁରୁରେ ପହଞ୍ଚିଛି । ମୋ ସ୍ୱପ୍ନକୁ ସାକ୍ଷାର କରିଥିବା ସମସ୍ତଙ୍କୁ ପୁଣିଥରେ ଅଭିନନ୍ଦନ ଓ ଧନ୍ୟବାଦ । ଆର୍‌ସିବି ପ୍ରଶଂସକ ସର୍ବୋତ୍ତମ ସେମାନେ ଆଇପିଏଲ୍ ଟ୍ରଫି ପାଇବାର ଯୋଗ୍ୟ । ବେଙ୍ଗାଲୁରୁ ଦଳ ଏହାର ପ୍ରଥମ ଆଇପିଏଲ୍ ଟ୍ରଫି ଜିତିଛି । ଦଳର ତାରକା ଖେଳାଳି ବିରାଟ ଖେଳାଳି ବେଙ୍ଗାଲୁରୁ ବିଜୟରେ ଭାବପ୍ରବଣତା ଦେଖାଇଥିଲେ । ଆର୍‌ସିବି ଟାଇଟଲ ଜିତିବା ପରେ ପଡ଼ିଆରେ କୋହଲି କାନ୍ଦିବାକୁ ଲାଗିଥିଲେ । ଆଇପିଏଲ୍ ଆରମ୍ଭ ହେବା ପରଠାରୁ କୋହଲି ଆରସିବି ସହ ଅଛନ୍ତି । ଜୁନ୍ ୩ ରାତିରେ ବେଙ୍ଗାଲୁରୁ ପ୍ରଥମ ଟାଇଟଲ ଜିତିଛି ।

## ସିଏମ୍ କପ୍: ଭୁବନେଶ୍ୱର ଜୋନାଲ ଚାମ୍ପିଅନ୍

ଭୁବନେଶ୍ୱର,୪।୬ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ୍ ଚାମ୍ପିଅନ୍‌ସିପ୍ ସିଏମ୍ ଟ୍ରଫିର ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଏଫ୍‌ସି ଚାମ୍ପିଅନ୍ ହୋଇଛି । ଭୁବନେଶ୍ୱର ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସ ଅପ୍ କଟକ ଏଫ୍‌ସିକୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଜୋନାଲ ଫାଇନାଲରେ ଭୁବନେଶ୍ୱର ଏଫସି ୯-୧ ଗୋଲ୍‌ରେ କଟକ ଏଫ୍‌ସିକୁ ହରାଇଥିଲା । ଶ୍ରୀଜଳ କିସକୁଙ୍କୁ ପ୍ଲେୟାର ଅଫ୍ ମ୍ୟାଚ ବିବେଚିତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ବିଏଏ ଫୁଟବଲ ସେକ୍ରେଟାରୀ ଦିଲ୍ଲୀପ କୁମାର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

## ୧୮ ବର୍ଷରୁ କମ୍ ଜିଲ୍ଲା କବାଡ଼ି ଦଳ ଚୟନ ୭ ରେ

ବ୍ୟାସନଗର,୪।୬(ଜିପ୍ର): ।ଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେଜେ. କେ ଆସୋସିଏସନ୍ ସହାୟତାରେ ଚଳିତମାସ ୭ ତାରିଖରେଖଣ୍ଡିତରସ୍ଥିତକବାଡ଼ିଖେଳ ପଡ଼ିଆଠାରେଯାଜପୁରଜିଲ୍ଲାପାଇଁ ୧୮ ବର୍ଷରୁକମ୍‌ବିଭାଗରଉଭୟ ପୁରୁଷ ଓ ମହିଳାବର୍ଗରଖେଳାଳୀଚୟନ କରାଯିବା।ଉକ୍ତଚୟନ ପ୍ରକ୍ରିୟାରୁଖେଳାଳୀଚୟନ କରାଯାଇ ପ୍ରଥମ ଥର ପାଇଁଅନୁଷ୍ଠିତହେବାକୁ ଥିବା୧୮ ବର୍ଷରୁକମ୍‌ରାଜ୍ୟ ଦଳ ପାଇଁଖେଳାଳୀମାନଙ୍କୁ ପଠାଯିବ।ଏଣୁ ଯାଜପୁର ଜିଲ୍ଲାର ଇଚ୍ଛୁକ ଖେଳାଳୀମାନେ ଚଳିତମାସ୭ ତାରିଖସକାଳ ୭ ଘଟିକାସମୟରେ ନିଜର ଆଧାରକାର୍ଡ଼ଓ ବୟସ ପ୍ରମାଣ ପତ୍ରସହିତ ପହଂଚିକାବଡ଼ିକୋଚ୍ଶ୍ରୀ କୃଷ୍ଣକାନ୍ତ ପଣ୍ଡା ଓ ଅନାଦୀ ଚରଣସାହୁଙ୍କପାଖରେ ପଞ୍ଜୀକୃତ କରିବାକୁ କବାଡ଼ି ସମ୍ପାଦକ ରମେଶ ପଣ୍ଡାସୂଚନା ଦେଇଛନ୍ତି ।

## ଜାତୀୟ ତାଇକୋଣ୍ଡୋରେ ଅନୁଗୁଳ ପ୍ରତିଯୋଗୀଙ୍କ ସଫଳତା

ଭୁବନେଶ୍ୱର,୪।୬ (ସବ୍ୟୁ): କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ନବମ ଓପନ ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ତଥା ଏସ୍‌ଏସ୍‌ବି, ସିଆଇଏସ୍‌ଏଫ୍ ଓ ଏନ୍‌ସିସିର ସର୍ବମୋଟ୍ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅନୁଗୁଳ ପ୍ରତିଯୋଗୀ କିରୋଗୀ ହୁମାସେ ବିଭାଗରେ ୧୪ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଯାହା ରାଜ୍ୟ ତଥା ଅନୁଗୁଳ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି । କୋଚ ଶକ୍ତି ପ୍ରକାଶ ବାରିକ, ହେମବାହାଦୁତ ତତ୍ତ୍ୱାବଧାନରେ ଏହି ସଫଳତା ପାଇଛନ୍ତି । ଜିଲ୍ଲାପାଳ ଅବଦ୍ଦଲ ଅହମ୍ମଦ ଅଖତର, ଜିଲ୍ଲା କ୍ରୀଡାଧିକାରୀ ଅକ୍ଷୟ କୁମାର ସିଟ୍ ଓ ଅମରଜିତ ଗଡନାୟକ, ସଭାପତି ଶ୍ରୀକାନ୍ତ ପ୍ରଧାନ କୃତିପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ରୌପ୍ୟ, ସଟପୁଟ୍‌ରେ ବ୍ରୋଞ୍ଜ

ଭୁବନେଶ୍ୱର,୪।୬ (ସବ୍ୟୁ): ମର୍ଯ୍ୟାଦାଜନକ ପ୍ୟାରିସ୍ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡପ୍ରିକ୍ସ ପ୍ରତିଯୋଗିତାର ମହିଳା ସଟପୁଟ ଏଫ୍ ୫୪/ ଏଫ୍ ୫୫ ବର୍ଗରେ ଓଡ଼ିଆ ଝିଅ ସୁଚିତ୍ରା ପରିଡା ବ୍ରୋଞ୍ଜ ପଦକ ଜିତିଛନ୍ତି । ଏହି ବର୍ଗରେ ମେକ୍ସିକୋର ଗ୍ଲୋରିଆ ଜାର୍ଜା ଗୁଆଡାର୍ମା ସ୍ୱର୍ଣ୍ଣ ଏବଂ ନେଦରଲାଣ୍ଡସ୍‌ର ନୋର୍ଟେଜ ଭାନ୍ ବିନ୍ଦାସ୍‌ବର୍ଜେନ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ରୌପ୍ୟ ପଦକ ମିଳିଛି । ମହିଳା ଜାଭେଲିନ୍ ଥ୍ରୋ-ଏଫ୍ ୫୪/ ଏଫ୍ ୫୫ ବର୍ଗରେ ମେକ୍ସିକୋରେ ନାଭାରୋ ୧୯.୯୬ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଓଡ଼ିଆ ଝିଅ ସୁଚିତ୍ରା ୧୭.୯୮ ମିଟର ଫିଙ୍ଗି ରୌପ୍ୟ ପଦକ ତଥା ମେକ୍ସିକୋର ସାଲଜାର ୧୫.୬୬ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

## ସିଏମ୍ ଟ୍ରଫି ଫୁଟବଲ: ଯାଜପୁର ଜିଲା ଜୋନ୍ ଚାମ୍ପିଅନ୍

ବ୍ୟାସନଗର,୪।୬(ଜିପ୍ର): ରାଜ୍ୟସରକାର ଓ ଫାଓ ଆନୁକୂଲ୍ୟରେ ଚାଲୁଥିବା ପ୍ରଥମ ସଂସ୍କରଣ ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝର ଠାରେ ଯାଜପୁର ଜିଲ୍ଲା ଚମତ୍କାର ଖେଳ ପ୍ରଦର୍ଶନ କରି ଅପରାଜୟଦଳ ଭାବରେ ଜୋନ୍‌ଚମ୍ପିଆନ୍ ହେବା ସହିତ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍‌କୁ ପହଞ୍ଚିଛି । ଗତକାଲି ଅନୁଷ୍ଠିତ ଜୋନ୍‌ସ୍ତରୀୟ ଫାଇନାଲ୍‌ରେ ଅନୁଗୁଳଜିଲ୍ଲାକୁ୨-୧ ଗୋଲରେ ପରାସ୍ତ କରି ଚାମ୍ପିଆନ୍ ହେବା ସହିତ ନଗଦ ୫୦ ହଜାରଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି । ଯାଜପୁର ଜିଲ୍ଲା କ୍ରମାଗତ ଭାବରେ ଭଦ୍ରକ ସହିତତ୍ତ୍ୱ, କେନ୍ଦୁଝରକୁ ୩-୨ ଏବଂ ଅନୁଗୁଳକୁ୨-୧ ଗୋଲରେ ପରାସ୍ତ କରିଥିଲା।ଗତ କାଲିରଜୋନ୍ ଫାଇନାଲରେ ଯାଜପୁର ଜିଲ୍ଲାର କୁନାମାଝି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଯାଜପୁରଜିଲ୍ଲାଦଳ ସହିତରାଜ୍ୟସ୍ତରୀୟସୁନାମ ଧନ୍ୟ କୋଚ୍‌ଶ୍ରୀସଞ୍ଜୀବପାଢଶାଣୀ ଏବଂ ଯାଜପୁରରଶି ବଡ଼ାଙ୍ଗିଲ୍ ସହକାରୀ କୋଚ୍ ଭାବରେ ଟିମ୍ ସହିତ ଯାଇଛନ୍ତି ବୋଲି ଆଥଲେଟିକ୍ ଆସୋସିଏସନରେ ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ସୂଚନା ଦେଇଛନ୍ତି ।

## ଅନ୍ତର୍ଜାତୀୟ ଓପନ ମାଷ୍ଟର୍ସ ଆଥଲେଟିକ ଚାମ୍ପିଅନସିପ

# ପଦାର୍ପଣରେ ଦାରା ସିଂହଙ୍କୁ ସ୍ୱର୍ଣ୍ଣ

କେନ୍ଦୁଝର,୪।୬ (ସବ୍ୟୁ): ଗତମାସ ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଶ୍ରୀଲଙ୍କାର ସୁଗଥ ଦାସଷ୍ଟାଡିୟମ କଲମ୍ବୋ ଠାରେ ଭେଟେରାନ କ୍ରୀଡ଼ାବିତ ମାନଙ୍କ ନିମନ୍ତେ ଏକାଦଶ ଆନ୍ତର୍ଜାତୀୟ ଓପନ ଅଥଲେଟିକ ଚାମ୍ପିଆନସିପ ଅନୁଷ୍ଠିତ ହୋଇଯାଇଛି । ୫୫ ବର୍ଷରୁ ଉର୍ଦ୍ଧ୍ୱ ଏହି ଅଥଲେଟିକ ଚାମ୍ପିଆନସିପରେ ଭାରତରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଭାରତୀୟ ଦଳରେ କେନ୍ଦୁଝର ଉପାନ୍ତ ଅଞ୍ଚଳ ବୋଲାଣି ସ୍ଥିତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆରେ ମାଇନିଂ



ଫୋରମ୍ୟାନ ଭାବେ କାର୍ଯ୍ୟରତ ଦାରା ସିଂହ ୩୪.୪୦ ମିଟର ଦୂରତ୍ୱକୁ ଜାଭେଲିନ ଫିଙ୍ଗି ଏହି ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସମଗ୍ର କେନ୍ଦୁଝର ଜିଲ୍ଲାର ନାମ ଅନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ସ୍ଥାନିତ କରି ଜିଲ୍ଲାକୁ ସମଗ୍ର ରାଜ୍ୟ ତଥା ଦେଶରେ ଗୌରବାନିୟୁତ କରିବା ସହ ଜିଲ୍ଲାର ଟେକ ରଖିବାରେ ସଫଳ ହୋଇଛନ୍ତି ।ପ୍ରତିଯୋଗିତାଟି ବର୍ଷାରେ ବାଧାପ୍ରାପ୍ତ ହେବାରୁ ଶ୍ରୀ ସିଂହ ତାଙ୍କର ଅନ୍ୟ ଦୁଇ ଇଭେଣ୍ଟ ଲଙ୍ଗ ଜମ୍ପ ଏବଂ ଶଟପୁଟ ଥ୍ରୋରେ ଆଶାନୁରୂପ ଫଳ ପାଇ ପାରିନଥିଲେ । ତାଙ୍କର ଏହି ବିରାଟ ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଜର ଯୁବାବସ୍ଥାରେ ଜଣେ ଆଦର୍ଶ କ୍ରିକେଟର ଭାବେ ଖ୍ୟାତି ଅର୍ଜନ କରିଥିବା ଦାରା ସିଂହ ଆଜି ଜୀବନର ଅପରାହ୍ନରେ ତାଙ୍କର ଏହି ବିରାଟ ସଫଳତାରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## ଓଡ଼ିଶା ଭାରୋତ୍ତୋଳନ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୪।୬ (ସବ୍ୟୁ): ଓଡ଼ିଶା ଭାରୋତ୍ତୋଳନ ସଂଘ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଜାତୀୟ ଭାରୋତ୍ତୋଳନ ସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡା ଏହି ସଭାରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ । ଆସନ୍ତା ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ପୁରୀ ଜିଲ୍ଲା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି । ଭାରୋତ୍ତୋଳନ ଇନ୍‌ଟର କ୍ଲବ୍ ପ୍ରତିଯୋଗିତା ଆୟୋଜନ କରିବା ଲାଗି କଟକ ଜିଲ୍ଲା ସଂଘ ପ୍ରସ୍ତାବ ଦିଆଯାଇଥିଲା । ଭାରୋତ୍ତୋଳିକ ରିମା ଭୋଇଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ରାଜ୍ୟ ସଂଘର ସଦସ୍ୟମାନେ ଟିପିକଲକୁ ଧନ୍ୟବାଦ ଜଣାଇଥିଲେ । ଓଡ଼ିଶା ଭାରୋତ୍ତୋଳନ ସଂଘର ପ୍ରଚେଷ୍ଟା ଦ୍ୱାରା ଓଡ଼ିଶା କ୍ରୀଡାବିତଙ୍କ ଉନ୍ନତି ହୋଇଛି ବୋଲି ପର୍ଯ୍ୟବେକ୍ଷକ ଆନନ୍ଦ ଗୌଡା କହିଥିଲେ । କାର୍ଯ୍ୟକାରିଣୀ ବୈଠକରେ ବିବରଣୀ ପାଠ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ସଂଘର ସଭାପତି ଚିତ୍ତ ରଞ୍ଜନ ସ୍ୱର୍ଣ୍ଣ ଓ ସମ୍ପାଦକଙ୍କ ସହ ବିଶେଷ ଅତିଥି ଭାବେ ଅଲିମ୍ପିଅନ୍ କେ ରବି କୁମାର ଉପସ୍ଥିତ ଥିଲେ ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି